



# ସେବା ସଂକଳ୍ପ ଅଭିଯାନ'ରେ ବାଲେଶ୍ୱରରେ ନଗର ବିଜେପି ପକ୍ଷରୁ ଅନୁଷ୍ଠିତ ହେଲା ରକ୍ତଦାନ ଓ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର(ନି.ପ୍ର.) ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ୨୫ ବର୍ଷର ଦୀର୍ଘ ସେବା, ସମର୍ପଣ, ସୁଶାସନ ଓ ରାଷ୍ଟ୍ର ନିର୍ମାଣର ଗୌରବମୟ ଯାତ୍ରାକୁ ସ୍ମରଣ କରି ଦେଶବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଅଧୀନରେ ବିଭିନ୍ନ ଜନସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ସେବା, ସମର୍ପଣ ଓ ମାନବିକତାର ଭାବନାକୁ ସମାଜର ପ୍ରତ୍ୟେକ ସ୍ତରରେ ପହଂଚାଇବା । ଏହି ପରିପ୍ରେକ୍ଷୀରେ ଆଜି ବାଲେଶ୍ୱର ସହରରେ ବିଜେପି ନଗରର ବାଣେଶ୍ୱର ଓ ଝାଡ଼େଶ୍ୱର ମଣ୍ଡଳ ପକ୍ଷରୁ ସହରର ରବୀନ୍ଦ୍ର କଲ୍ୟାଣ ମଣ୍ଡପରେ ଏକ ବିଶାଳ ରକ୍ତଦାନ ଶିବିର ଓ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା । ଜନସେବା ଓ ସାମାଜିକ ଦାୟିତ୍ୱବୋଧକୁ ପ୍ରାଧାନ୍ୟ ଦେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତା, ଯୁବବର୍ଗ ଓ ସାଧାରଣ ଲୋକ ସ୍ୱତଃସ୍ଫୂର୍ତ୍ତ ଭାବେ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ସାଂସଦ ଶ୍ରୀ ପ୍ରତାପ



ଚନ୍ଦ୍ର ଷଡ଼ଙ୍ଗୀ, ବାଲେଶ୍ୱର ସଦରର ବିଧାୟକ ଶ୍ରୀ ମାନସ କୁମାର ଦତ ଏବଂ ବିଜେପି ବାଲେଶ୍ୱର ଜିଲ୍ଲା ସଭାପତି ଶ୍ରୀ ଈଶ୍ୱର ଚନ୍ଦ୍ର ବେହେରା ଯୋଗଦେଇ ଶିବିରରେ ଉପସ୍ଥିତ ରକ୍ତଦାତା, ଚିକିତ୍ସକ, ସ୍ୱାସ୍ଥ୍ୟକର୍ମୀ ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ । ରକ୍ତଦାନ ଶିବିରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ଯୁବକ-ଯୁବତୀ ଓ ସମସ୍ତ ରକ୍ତଦାତାଙ୍କୁ ଅତିଥିମାନେ ପ୍ରଶଂସା କରିବା ସହ ରକ୍ତଦାନ ଭଳି ମହତ୍ କାର୍ଯ୍ୟ ଅନ୍ୟ ଲୋକଙ୍କ ଜୀବନ ରକ୍ଷାରେ ଅମୂଲ୍ୟ ଭୂମିକା ନେଇଥାଏ ବୋଲି କହିଥିଲେ । ଜଣେ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଇଥିବା ରକ୍ତ ଅନ୍ୟ ଜଣଙ୍କ ପାଇଁ ଜୀବନର ଆଶା ହୋଇପାରେ । ତେଣୁ ନିୟମିତ ଓ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସମାଜର ସଚେତନ ନାଗରିକମାନେ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଥିଲା ।ଅନ୍ୟପକ୍ଷରେ, ନିଶୁଳ୍କ ସ୍ୱାସ୍ଥ୍ୟ ଶିବିରରେ ସାଧାରଣ ଲୋକଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଆବଶ୍ୟକୀୟ ଚିକିତ୍ସା ପରାମର୍ଶ ଓ ସ୍ୱାସ୍ଥ୍ୟ ସଚେତନତା ପ୍ରଦାନ କରାଯାଇଥିଲା । ଦୈନନ୍ଦିନ ଜୀବନରେ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବା, ରୋଗର ପ୍ରାରମ୍ଭିକ ଲକ୍ଷଣକୁ ଅଣଦେଖା ନକରିବା ଏବଂ ସମୟୋପଯୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ ଉପସ୍ଥିତ ଅତିଥିମାନେ କହିଥିଲେ ଯେ, 'ସେବା ହିଁ ସଂଗଠନର ଶକ୍ତି ଏବଂ ଜନସେବା ହିଁ ରାଜନୀତିର ମୂଳ ଲକ୍ଷ୍ୟ' । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୀର୍ଘ ସେବା ଯାତ୍ରା ଦେଶବାସୀଙ୍କୁ ସମାଜ ପାଇଁ କିଛି କରିବାର ପ୍ରେରଣା ଦେଇଆସିଛି । ତାଙ୍କର 'ସେବା, ସୁଶାସନ ଓ ଗରିବ କଲ୍ୟାଣ'ର ମନ୍ତ୍ରକୁ ଆଧାର କରି ଲୋକଙ୍କ ନିକଟରେ ପହଂଚି ସେମାନଙ୍କ ସୁଖଦୁଃଖରେ ସାମିଲ ହେବା ହିଁ ଏହି ଅଭିଯାନର ପ୍ରକୃତ ଉଦ୍ଦେଶ୍ୟ ବୋଲି ସେମାନେ ପ୍ରକାଶ କରିଥିଲେ । ବାଲେଶ୍ୱରରେ ଆୟୋଜିତ ଏହି ରକ୍ତଦାନ ଓ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ 'ସେବା ସଂକଳ୍ପ'କୁ ଜନସାଧାରଣଙ୍କ ମଧ୍ୟରେ ଏକ ଜନଆନ୍ଦୋଳନରେ ପରିଣତ କରିବାର ଏକ ସାର୍ଥକ ପ୍ରୟାସ । କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତୃବୃନ୍ଦ, ମଣ୍ଡଳର ପଦାଧିକାରୀ, ଯୁବ କାର୍ଯ୍ୟକର୍ତ୍ତା, ମହିଳା କାର୍ଯ୍ୟକର୍ତ୍ତା, ସ୍ୱେଚ୍ଛାସେବୀ, ଚିକିତ୍ସକ ଓ ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ଏହି ସେବା କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରବିନାରାୟଣ ମହାପାତ୍ର, ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ମଣ୍ଡଳ ସଭାପତି ଧୀରଜ ମହାନ୍ତି ଓ ସୁଧାଂଶୁ ଶେଖର ପଣ୍ଡା, ଚନ୍ଦ୍ରଶେଖର ନନ୍ଦ, ଉପେନ୍ଦ୍ର ଶତପଥୀ, ସୀତାକାନ୍ତ ସ୍ୱାଇଁ, ଚିତରଞ୍ଜନ ପଣ୍ଡା, ଭାଗବତ ସାହୁ, ଗୌରୀ ଦାଶ, ସସ୍ମିତା ନାଥ, ଶମ୍ଭୁ ସିଂହ, ପୂର୍ଣ୍ଣଚନ୍ଦ୍ର ନାୟକ, ଭାରତୀ ପାତ୍ର, ଆଶିଷ ଘୋଷ, ବିକାଶ ପାଢ଼ୀ, ମୁନା ମହନ୍ତ, ସୌଭାଗ୍ୟ ମାନସ ନାୟକ, ସୌମ୍ୟ ଶଙ୍କର ଦାଶ, ସସ୍ମିତା ଦାଶ, ରାଜେନ୍ଦ୍ର ଚାଟାର୍ଜୀ, ଉମେଶ ବେହେରା, ପ୍ରତାପ ପ୍ରଧାନ, ଯୋଗେନ ରଣା, ଜିତେନ୍ଦ୍ର ପରମାଣିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁବମୋର୍ଚ୍ଚା ପକ୍ଷରୁ ଯୋଗ, ଧ୍ୟାନ ଓ ନିଶାମୁକ୍ତ ସଚେତନତା ଶିବିର ଆୟୋଜିତ




ବାଲେଶ୍ୱର(ନି.ପ୍ର.)ଜିଲ୍ଲା ବିଜେପିର ଯୁବମୋର୍ଚ୍ଚା ପକ୍ଷରୁ ଆଜି ସକାଳ ୭ ଘଟିକା ସମୟରେ ବାଲେଶ୍ୱର ଆଇ.ଟି.ଆଇ. ଛକ ନିକଟସ୍ଥ ଇଣ୍ଡୋର ଷ୍ଟାଡିୟମରେ ଯୋଗ, ଧ୍ୟାନ ଏବଂ ନିଶାମୁକ୍ତ ସଚେତନତା ଶିବିର ଅନୁଷ୍ଠିତ ହୋଇଅଛି ।ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ନାରାୟଣ ମହନ୍ତଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ସଡ଼ଙ୍ଗୀ, ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ, ରାଜ୍ୟ ଉପସଭାନେତ୍ରୀ ସିପ୍ରା ବାଜପେୟୀ, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦ, ଜିଲ୍ଲା ଉପସଭାପତି ବିଜୟ କୁମାର ସାହୁ, ସମ୍ପାଦିକା ରବିତା ଦାସ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଶଶିକାନ୍ତ ମିଶ୍ର ଓ କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ଆଚାର୍ଯ୍ୟ, ଜିଲ୍ଲା ସୋସିଆଲ ମିଡ଼ିଆ କର୍ଡିନେଟର ଶ୍ରୀ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଶିବିରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ଯୁବକ-ଯୁବତୀ, ଛାତ୍ରଛାତ୍ରୀ ଓ ବରିଷ୍ଠ ନାଗରିକମାନେ ଯୋଗଦେଇଥିଲେ । ଯୋଗ ଓ ଧ୍ୟାନ ମାଧ୍ୟମରେ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ସୁଦୃଢ଼ କରିବା ସହିତ ନିଶାମୁକ୍ତ ସମାଜ ଗଢ଼ିବାରେ ଯୁବମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ଅତିଥିମାନେ ତାଙ୍କର ଅଭିଭାଷଣରେ କହିଥିଲେ ଯେ, ଆଧୁନିକ ଜୀବନ ଶୈଳୀରେ ଯୋଗ ଓ ଧ୍ୟାନ ଅତ୍ୟନ୍ତ ଆବଶ୍ୟକ, ଯାହା ମନକୁ ସ୍ଥିର କରିବା ସହିତ ଶରୀରକୁ ସୁସ୍ଥ ରଖିଥାଏ । ଏହାସହିତ ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟରୁ ଦୂରେଇ ସୁସ୍ଥ ଓ ସଚେତନ ସମାଜ ଗଢ଼ିବାକୁ ସେମାନେ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଯୁବମୋର୍ଚ୍ଚା ପଦାଧିକାରୀ ସୁମିତ୍ ପ୍ରଧାନ, ଅଙ୍କିତା ପଣ୍ଡା, ଧର୍ମେନ୍ଦ୍ର ପ୍ରଧାନ, ହରି ଚନ୍ଦ୍ର ଦାସ, ଉମେଶ ଚନ୍ଦ୍ର ଦାସ, ଶକ୍ତି ଶଙ୍କର ପାଣିଗ୍ରାହୀ, ରଂଜିତ କୁମାର ପଣ୍ଡିତ, ରାଜେଶ ରଣା, ବିଜୟ କୁମାର ପୃଷ୍ଟି, ଶୁଚିସ୍ମିତା ସେଠି, ଲିପ୍ସା ନାୟକ, ପ୍ରିୟଙ୍କା ରଣା, ଇତିଶ୍ରୀ ପଣ୍ଡା, ଉମେଶ ବେହେରା, ଓ୍ୱମ ସତ୍ୟମ ଆଦି ସହଯୋଗ କରିଥିଲେ ।

# ବାଲେଶ୍ୱର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବାଲେଶ୍ୱର(ନି.ପ୍ର.) ଶନିବାର ଦିନ ରାଣୀ ପାଟଣା ଦି ଓ୍ୱେଲଫେଆର ଦ୍ୱାରା ପରିଚାଳିତ ଦୃଷ୍ଟିହୀନ ଓ ମାନସିକ ପକ୍ଷାଘାତ ବିଦ୍ୟାଳୟ ପରିସରରେ ତା -୩/୧୦/୨୬ ରିଖ ଶନିବାର ଦିନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ପ୍ରତିଭା ବେହେରା ଙ୍କ ଏକ ଭାବପୂର୍ଣ୍ଣ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଅଛି । ଦୀର୍ଘ ଦୁଇ ବର୍ଷର ନିଷ୍ଠାପର କାର୍ଯ୍ୟଦକ୍ଷତା ଓ ସଫଳ ସେବା ପରେ ବାଲେଶ୍ୱର ରୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ଭୁବନେଶ୍ୱର କୁ ନିଜର କାର୍ଯ୍ୟ ଦକ୍ଷତାକୁ ପ୍ରତିପାଦନ କରିବାରେ ତାଙ୍କୁ ସୁଯୋଗ ମିଳିଥିବାରୁ ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ସ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।ବିଦ୍ୟାଳୟ ଅଧକ୍ଷ ଶ୍ରୀଯୁକ୍ତ



ଦିବାକର ସ ଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ଉତ୍ସବର ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ଏକ ସୁମଧୁର ବିଦାୟ କାଳୀନ ସଙ୍ଗୀତ ଗାନ କରାଯାଇଥିଲା, ଯାହା ପରିବେଶକୁ ବେଶ୍ ଭାବବିହ୍ୱଳ କରିଦେଇଥିଲା ।ସଭାରେ ଉପସ୍ଥିତ ସମସ୍ତ ଶିକ୍ଷଶିକ୍ଷତ୍ରୀ ଜଣେ ମହିଳା ହୋଇ ବାଲେଶ୍ୱରରେ ନିଜର କାର୍ଯ୍ୟ ଦକ୍ଷତାକୁ କିପରି ପ୍ରତିପାଦିତ କରିପାରିଛନ୍ତି ତାହା ଉପରେ ଆଲୋକପାତ କରିଥିଲେ ।ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦିବାକର ସ ନିଜ ବକ୍ତବ୍ୟରେ କହିଥିଲେ ଯେ, 'ତାଙ୍କ ଭଳି ଜଣେ ଆଦର୍ଶ ମାର୍ଗଦର୍ଶକଙ୍କ ସାମାଜିକ ସୁରକ୍ଷା ଜିଲ୍ଲା କାର୍ଯ୍ୟାଳୟରେ ଅଭାବ ଜିଲ୍ଲା ପାଇଁ ଏକ ବଡ଼ କ୍ଷତି' । ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଶ୍ରୀମତୀ ପ୍ରଭାତୀ ବେହେରାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା ।

# ରେମୁଣା ଭାଜପା ପକ୍ଷରୁ ସେବା ସଂକଳ୍ପ ଅଭିଯାନ

ବାଲେଶ୍ୱର(ନି.ପ୍ର.)ରବିବାର ସକାଳ ପ୍ରାୟ ୧୦ଟା ସମୟରେ ରେମୁଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମଣିନାଗେଶ୍ୱର ମଣ୍ଡଳରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସର ଏବଂ ଦଳର 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତରେ ସାରଗାଁ ସ୍ଥିତ ଶ୍ରୀମା ଶ୍ରୀ ଅରବିନ୍ଦ ଉଚ୍ଚ ବିଦ୍ୟାପୀଠ ପରିସରରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ଉଦ୍ଘାଟନ କରିଥିଲେ । ଶିବିରରେ ମୋଟ ୬୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଏହି ଅବସରରେ ସଦର ବ୍ଲକ୍ ରେମୁଣା ବିଧାୟକ ପ୍ରତିନିଧି ଶ୍ରୀ ଲମ୍ବୋଦର ପ୍ରଧାନ,



ମଣ୍ଡଳ ସଭାପତି ଶ୍ରୀ ପ୍ରଫୁଲ୍ଲ ଦ୍ୱିବେଦୀ, ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଶ୍ରୀ ଆଲୋକ ପଣ୍ଡା, ପୂର୍ବତନ ମଣ୍ଡଳ ସଭାପତି ଶ୍ରୀ ଭୋଳାନାଥ ପାତ୍ର, ସାରଗାଁ ପଂଚାୟତ ସଭାପତି ଶ୍ରୀ ଜିତେନ୍ଦ୍ର ସ୍ୱାଇଁ ଓ ଉପସଭାପତି ଶ୍ରୀ ବିକର୍ତ୍ତନ ରାଉତ ସହ ଅନ୍ୟାନ୍ୟ କର୍ମୀ ଓ ସ୍ଥାନୀୟ ନାଗରିକମାନେ ଉପସ୍ଥିତ ଥିଲେ ।

# ମହାବୀର ଆଖଡ଼ା ସଂଘର ସାଧାରଣ ବୈଠକ

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ମହାବୀର ଆଖଡ଼ାସଂଘ ପକ୍ଷରୁ ରବିବାର ଅପରାହ୍ନରେ ମାକଲପୁର ସ୍ଥିତ ମହାବୀର ମନ୍ଦିର ପରିସରରେ ଆଖଡ଼ାସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାପତି ଗୋପୀନାଥ ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ମାକଲପୁର ମହାବୀର ମନ୍ଦିରର ତତ୍ୱାବଧାରକ ତଥା ଟ୍ରଷ୍ଟବୋର୍ଡ଼ର ମୁଖ୍ୟ ସୃଷ୍ଟିଧର କମିଲା ଓରଫ ଖତଭାଇଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ମନୋଜ ଦାସ, ଉପସଭାପତି ମନୋଜ ରାଉତ, ରାମେଶ୍ୱର ବେରା, ପଦ୍ମଲୋଚନ ଲେଙ୍କା, ରାଜେନ୍ଦ୍ର ଚାଟାର୍ଜୀ ପ୍ରମୁଖ ଯୋଗ ଦେଇଥିଲା ବେଳେ



ବାଲେଶ୍ୱର ସଦର ମହକୁମା ଓ ତଳି ଅଂଚଳର ପାଖାପାଖି ୩୦ରୁ ଉର୍ଦ୍ଧ୍ୱ ଆଖଡ଼ା କମିଟିର ସରଦାର, କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଚଳିତ ବର୍ଷ ଆସନ୍ତା ୧୯.୧୦.୨୬ ତାରିଖରେ ବୀରାଷ୍ଟମୀ ଆଖଡ଼ାପାଇଁ ମାକଲପୁର ହନୁମାନମନ୍ଦିରରେ ପ୍ରଶାସନ ନୀତି ନିୟମ ଅନୁଯାୟୀ ସଲାମୀ ଗ୍ରହଣ ଏବଂ ଆସନ୍ତା ୨୧.୧୦.୨୬ ବିଜୟା ଦଶମୀ ଦିନ ସଂଧ୍ୟାରେ ସିନେମାଛକ ଠାରେ ଆଖଡ଼ା ପ୍ରଦର୍ଶନ କରାଯିବା ପାଇଁ ସ୍ଥିର କରିଥିଲେ । ପରମିଶନ ଅନୁଯାୟୀ ଅଧିକ ଆଖଡ଼ା ଦଳ ୨ଦିନରେ ଯୋଗଦେଇ ଖେଳ ପ୍ରଦର୍ଶନ କରିବେ ବୋଲି ନିଷ୍ପତି ହୋଇଥିବା ବେଳେ ଧାରୁଆଅସ୍ତ୍ର ମାରଣାସ୍ତ୍ରକୁ ନିଷେଧ କରାଯାଇଛି ।

# ବସ୍ତା ପ୍ରେସ କ୍ଲବର ନୂତନ କାର୍ଯ୍ୟକର୍ତ୍ତା ଚୟନ

ବାଲେଶ୍ୱର, (ନି.ପ୍ର.)): ବସ୍ତା ବ୍ଲକରେ କାର୍ଯ୍ୟରତ ବିଭିନ୍ନ ମୁଦ୍ରିତ, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମର ସାମ୍ବାଦିକମାନେ ଏକତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ସାମ୍ବାଦିକଙ୍କ ମଧ୍ୟରେ ଏକତା, ଶୃଙ୍ଖଳା ଓ ଭାଇଚାରା ବଜାୟ ରଖିବା ସହ ସାଧାରଣ ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦେବା ଏବଂ ଦୁର୍ନୀତି ବିରୋଧରେ ନିର୍ଭୀକ ଭାବେ ସ୍ୱର ଉତୋଳନ କରିବାକୁ ସାମ୍ବାଦିକମାନେ ଶପଥ ନେଇଛନ୍ତି ।ମଥାନି ଗହିରସିମୁଳିଆସ୍ଥିତ ପ୍ରିନ୍ସ କଲ୍ୟାଣ ମଣ୍ଡପରେ 'ଅପରାହ୍ଣ' ସମ୍ବାଦପତ୍ରର ମୁଖ୍ୟ ବଂଶୀଧର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବସ୍ତା ପ୍ରେସ କ୍ଲବର ସଭାପତି ରାମଚନ୍ଦ୍ର ଦେବ, ବସ୍ତା ସାମ୍ବାଦିକ ସଂଘର ସଭାପତି ଦୀନବନ୍ଧୁ ପ୍ରଧାନ, ପ୍ରେସ କ୍ଲବ ବସ୍ତାର ସଭାପତି ବିଜୟ କୁମାର ଭୂୟାଁଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ ।ବୈଠକରେ ବସ୍ତା ବ୍ଲକରେ କାର୍ଯ୍ୟରତ ବିଭିନ୍ନ ସାମ୍ବାଦିକ ସଂଗଠନକୁ ଏକତ୍ର କରି ସାମ୍ବାଦିକତାର ମର୍ଯ୍ୟାଦା ଓ




ନିରପେକ୍ଷତା ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆ ଯାଇଥିଲା । ସର୍ବସମ୍ମତିକ୍ରମେ ବସ୍ତାର ସର୍ବପୁରାତନ ସରକାରୀ ସ୍ୱୀକୃତିପ୍ରାପ୍ତ ବସ୍ତା ପ୍ରେସ କ୍ଲବକୁ ଅଧିକ ସୁସଂଗଠିତ ଓ ସକ୍ରିୟ କରିବାକୁ ନିଷ୍ପତି ହୋଇଥିଲା ।ଏହି ଅବସରରେ ବସ୍ତା ପ୍ରେସ କ୍ଲବର ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ରାମଚନ୍ଦ୍ର ଦେବ, କାର୍ଯ୍ୟକାରୀ ସଭାପତି ଭାବେ ଦୀନବନ୍ଧୁ ପ୍ରଧାନ, ଉପସଭାପତି ଭାବେ ବିଜୟ କୁମାର ଭୂୟାଁ, ସାଧାରଣ ସମ୍ପାଦକ ଭାବେ ହରିଶଙ୍କର ପାଢ଼ୀ, ସମ୍ପାଦକ ଭାବେ ରବିନାରାୟଣ ଶତପଥୀ ଓ ରଞ୍ଜନ କୁମାର ବେହେରା ଏବଂ କୋଷାଧ୍ୟକ୍ଷ ଭାବେ ରାଜେଶ କୁମାର ଗିରି ମନୋନୀତ ହୋଇଥିଲେ ।ଉପଦେଷ୍ଟା ଭାବେ ଶିରୀଶ ଚନ୍ଦ୍ର ମହାନ୍ତି, ପ୍ରସନ୍ନ କୁମାର ପାତ୍ର, ଦୀପକ କୁମାର ପରିଡ଼ା, ପୃଥୁନାଥ ମଣ୍ଡଳ, ଉମାକାନ୍ତ ମହାନ୍ତି ଓ ସୁଶାନ୍ତ କୁମାର ପ୍ରଧାନଙ୍କୁ ଚୟନ କରାଯାଇଥିଲା । ସେହିପରି ମିଡିଆ ସଂଯୋଜକ ଭାବେ ଅଜିତ କୁମାର ସାହୁ ଓ ଭରତ କୁମାର ଦାସଙ୍କୁ ଦାୟିତ୍ୱ ଦିଆ ଯାଇଥିବା ବେଳେ ନିମନ୍ତ୍ରିତ ଅତିଥି ଭାବେ ବଂଶୀଧର ଜେନା ଓ ମହାଦେବ ଦାସଙ୍କୁ ମନୋନୀତ କରା ଯାଇଥିଲା ।ବୈଠକରେ ବସ୍ତା ବ୍ଲକର ସମସ୍ତ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ଏକତ୍ରିତ ହୋଇ ଜନସାଧାରଣଙ୍କ ସମସ୍ୟାକୁ ପ୍ରାଥମିକତା ଦେବା, ଦୁର୍ନୀତି ବିରୋଧରେ ନିର୍ଭୀକ ଭାବେ ଲଢ଼ିବା ଏବଂ ସାମ୍ବାଦିକତାର ମର୍ଯ୍ୟାଦା ଓ ଚତୁର୍ଥ ସ୍ତମ୍ଭର ଭୂମିକାକୁ ଆହୁରି ଶାଣିତ କରିବାକୁ ଶପଥ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସ୍ ?.କେ. ଜଗୁରୁଦ୍ଦିନ, ମଧୁସୂଦନ ପଣ୍ଡିତ, ଜୟନ୍ତ ବେହେରା, ବସନ୍ତ ଭଦ୍ର, ପ୍ରଶାନ୍ତ ସେନାପତି, ବେଣୁଧର ଦାସ, ସୀତାକାନ୍ତ ଦାସ, ଭଜହରୀ ପରିଡ଼ା, ଦେବାଶିଷ ସେଠୀ, ଜଗତ କୁମାର ଗିରି, ବିଷ୍ଣୁପଦ ପତି, ରାଜେଶ ବେହେରା ଓ ଜନ୍ମେଜୟ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଦେବାଶିଷ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିର୍ବାଚନ ଲାଗି କଂଗ୍ରେସ ସଂଗଠିତ ହରାତାଳ ଲାଗି ବ୍ୟାପକ ପ୍ରସ୍ତୁତି

ଜଳେଶ୍ୱର(ନି.ପ୍ର) ଜଳେଶ୍ୱର ବ୍ଲକରେ କଂଗ୍ରେସ ଦଳ ତାର ହୃତ ଗୌରବ ଫେରାଇ ଆଣିବା ଲକ୍ଷ୍ୟରେ ସଂଗଠିତ ହେଉଛି ।ଆସନ୍ତା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଏବଂ ଆସନ୍ତା ୮ ତାରିଖରେ ହେବାକୁ ଥିବା ବନ୍ଦ ପାଳନ କୁ ସଫଳ କରିବା ପାଇଁ ବ୍ୟାପକ ପ୍ରସ୍ତୁତି ନିଆଯାଇଛି । ରବିବାର ଜାତୀୟ ରାଜପଥ ମଧୁବନ ହୋଟେଲ ପରିସରରେ ଆୟୋଜିତ ସଭାରେ ବ୍ଲକ କଂଗ୍ରେସ ସଭାପତି ହେମନ୍ତ ଗିରି ଅଦ୍ଧକ୍ଷତା କରିଥିଲେ । ତୃଣମୂଳ ସ୍ତରରେ ସଂଗଠନ ମଜବୁତ୍ କରିବା ସହ ବନ୍ଦ ସଫଳ ନେଇ ସାଧାରଣରେ ଆହ୍ୱନ ଦେଇଥିଲେ । ମଂଚାସୀନ ବରିଷ୍ଠ ନେତୃତ୍ୱ ମଧ୍ୟରେ ଲକ୍ଷ୍ମୀକାନ୍ତ କର,ଆଇନଜୀବୀ ସତ୍ୟ ସୁନ୍ଦର ଦାସ,ରାଜ୍ୟ ସମ୍ପାଦକ ରାଜୀବ କୁମାର ପରିଡ଼ା,ପ୍ରାକ୍ତନ ନଗରପାଳ ସୁନିଲ ପରିଡ଼ା,ଜିଲ୍ଲା ସଂଯୋଜକ ମଧୁସୁଦନ ଦାସ,ପ୍ରାକ୍ତନ ସରପଂଚ ସୁଦାମ ପାତ୍ର,ଯୁବ ସଂଗଠକ ସପନ ଜେନା,ଜିଲ୍ଲା ସାଧାରଣ ସମ୍ପାଦକ ଆଇନଜୀବୀ ଗିରିଜା ଶଙ୍କର ଦାସ, ପ୍ରମୁଖ ମଂଚାସୀନ ହୋଇ କଂଗ୍ରେସ ଆଜିର ଦିନରେ ବିକଳ୍ପ ବୋଲି ମତ ବ୍ୟକ୍ତ ରଖିଥିଲେ । ତେଣୁ ରାଜ୍ୟ କେନ୍ଦ୍ର ସରକାରଙ୍କ ବିଫଳତା କୁ ଆୟୁଧକରି ତୃଣମୂଳ ସ୍ତରରେ ସାଂଗଠନିକ ଦକ୍ଷତା ବଢ଼ାଇବା ସହିତ ବନ୍ଦ ଡାକରା ରେ ସାମିଲ୍ ହେବା ପାଇ ଆହ୍ୱାନ ଦିଆଯାଇଥିଲା ।ଟାଉନ କଂଗ୍ରେସ ସଭାପତି ଜଗଦୀଶ ନନ୍ଦୀ ଧନ୍ୟବାଦ ଅର୍ପଣ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ସପନ ରାଉତ, ଜିଲ୍ଲା ସମ୍ପାଦକ ରାଧାରାଣୀ ପାତ୍ର,ଦୁର୍ଗା ଶଙ୍କର ଆସ,ବିଭୁରେନ୍ଦ୍ର ଦେ,ଗତି କୃଷ୍ଣ ଦଳାଇ,ଗୋପାଳ କୃଷ୍ଣ ଜେନା,ସବ୍ୟସାଚୀ ଦାସ, ପ୍ରାକ୍ତନ ସରପଂଚ ପଦ୍ମ ଲୋଚନ ବେହେରା,ପ୍ରାକ୍ତନ ସରପଂଚ ଶ୍ରୀକାନ୍ତ ସିଂ,ମଦିନା ବିବି, ବରିଷ୍ଠ କର୍ମୀ ମୋତି ଲାଲା ଅଧିକାରୀ,ନୟନ ପାଠୀ, ଖଗେନ୍ଦ୍ର ସାମଲ,ମନୋଜ କୁମାର ପରିଡ଼ା,ସନ୍ଦିପ ଜେନା,ସରୋଜ ଦାସ,ରାଜ କିଶୋର ଦାସ,ବନୟ କୁମାର ନନ୍ଦୀ,ଶେକ ଅଫିସ୍ ଅଲ୍ଲୀ,ଅଙ୍କିତ ପରିଡ଼ା,ଏସ କେ ଭଲ୍ଲୁ, ଗୌର ସାହୁ,ସାମଲ ହେମ୍ବ୍ରମ,ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ହୋଇ ଦଳ ପ୍ରତି ପ୍ରତିବଦ୍ଧତା ଦେଖାଇଥିଲେ ।

# ନିର୍ଦ୍ଧାରିତ ସ୍ଥାନରେ ଜୁଡ଼ିସିଆଲ୍ ହବ୍ ତୁରନ୍ତ ନିର୍ମାଣ ଦାବିରେ ସିଭିଲ୍ ସୋସାଇଟିର ଗଣଧାରଣା ଆସନ୍ତା ୭ରେ

ବାଲେଶ୍ୱର, (ନି.ପ୍ର): ପ୍ରସ୍ତାବିତ ଜୁଡ଼ିସିଆଲ୍ ହବ୍ / କମ୍ପ୍ଲେକ୍ସ ତୁରନ୍ତ ନିର୍ମାଣ ଦାବିରେ ଆସନ୍ତା ୭ ତାରିଖ ବୁଧବାର ଦିନ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣାକୁ ସଫଳ ନିମି□ ରବିବାର ଦିନ ପୂର୍ବାହ୍ନରେ ସିଭିଲ୍ ସୋସାଇଟିର ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉଠା ଜଳସେଚନ ନିଗମ କର୍ମଚାରୀ ଭବନରେ ଅନୁଷ୍ଠିତ ବୈଠକରେ ଅନ୍ତର୍ଯ୍ୟାମୀ ପ୍ରଧାନ ଅଧକ୍ଷତା କରିଥିଲେ । ସାଧାରଣ ସଂପାଦକ ମନୋଜ ନାୟକ କହିଲେ ଯେ, ଗତ ୨୦୨୩ ମସିହାରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ପ୍ରସ୍ତାବିତ ଜୁଡ଼ିସିଆଲ୍ ହବ୍ ନିର୍ମାଣ ପାଇଁ ଓଟି. ରୋଡ୍ ପାର୍ଶ୍ୱରେ ଜଳସେଚନ ବିଭାଗର ନଅ ଏକରରୁ ଉର୍ଦ୍ଧ୍ୱ ପରିମିତ ସ୍ଥାନ ଚିହ୍ନଟ କରାଯାଇ ସର୍ବସମ୍ମତକ୍ରମେ ସହମତି ପ୍ରକାଶ ପାଇଥିଲା । ସେହି ନିର୍ଦ୍ଧାରିତ ସ୍ଥାନରେ ଓଡ଼ିଶା ହାଇକୋର୍ଟର ମାନ୍ୟବର ବିଚାରପତି ଭୂମିପୂଜନ କରିଥିଲେ । ବାଲେଶ୍ୱର ଓକିଲ ସଂଘ, ସିଭିଲ୍ ସୋସାଇଟି ଓ ଜୁଡ଼ିସିଆଲ୍ ହବ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ନେତୃତ୍ୱ ଉପସ୍ଥିତ ଥିଲେ । ସେହି ସ୍ଥାନରେ ଜୁଡ଼ିସିଆଲ୍ ହବ୍ ନିର୍ମାଣ ପାଇଁ ଓ.ଟି.ରୋଡ୍ ପାର୍ଶ୍ୱରେ ଫଳକ ଲଗାଯାଇଥିଲା । ଇତିମଧ୍ୟରେ ନିର୍ମାଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଜଳସେଚନ ବିଭାଗର ଛଅ ଏକରରୁ ଉର୍ଦ୍ଧ୍ୱ ପରିମିତ ଜମି ବିଚାର ବିଭାଗକୁ ହସ୍ତାନ୍ତର କରିସାରିଛନ୍ତି । କିନ୍ତୁ ଦୁଃଖର ବିଷୟ ଏହି ନିର୍ଦ୍ଧାରିତ ସ୍ଥାନରେ ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିଲା ନାହିଁ । ତେଣୁ ଏହି ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ଦାବିରେ ଚଳିତ ମାସ ୭ ତାରିଖ ଦିନ ଜିଲ୍ଲାପାଳଙ୍କ ଦପ୍ତର




ସମ୍ମୁଖରେ ଗଣଧାରଣା ଦେବାକୁ ନିଷ୍ପ□ ନିଆଯାଇଥିଲା । ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି । ବାଲେଶ୍ୱରବାସୀଙ୍କ ସାମଗ୍ରୀକ ସ୍ୱାର୍ଥ ନିମି□ ସିଭିଲ୍ ସୋସାଇଟି ଓ ଏହି ଦାବିକୁ ସମର୍ଥନ କରୁଥିବା ବିଭିନ୍ନ ସାମାଜିକ ସଂଗଠନ ଓ ଗଣ ସଂଗଠନ ସମେତ ସମସ୍ତ ରାଜନୈତିକ ଦଳର ନେତୃତ୍ୱ ଯୋଗ ଦେବାକୁ ନିବେଦନ କରାଯାଇଛି ।

ଏହି ବୈଠକରେ ସୋସାଇଟିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁଙ୍କ ସମେତ ଆଇନଜୀବୀ ଦୀପକ କୁମାର ଦାଶ ଓ ସମରେନ୍ଦ୍ର ଦାସ, ପ୍ରଫୁଲ୍ଲ କୁମାର ଦାସ, ବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା, ଅରୁଣ ଜେନା, କମଳାକାନ୍ତ ବେହେରା, ଶରତ ଚନ୍ଦ୍ର ଦଳାଇ, ବିଜୟ କୁମାର ବେହେରା, ଖଗେନ୍ଦ୍ର ସାହୁ ଓ ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଗଣଧାରଣା ପରେ ଯଦି ନିର୍ମାଣ କାର୍ଯ୍ୟ ଆରମ୍ଭ ନହୁଏ ତେବେ ଲଗାତର ଆନ୍ଦୋଳନ ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।




# ନୂତନ କର୍ମକର୍ତ୍ତାଙ୍କ ଶପଥ ପାଠ ଉତ୍ସବ



କଟକ(ନିପ୍ର): କଟକ ବ୍ରଜବିହାରୀପୁରସ୍ଥିତ ଗୌରୀ ମା ମନ୍ଦିର ପରିସରରେ ଗୌରୀ ମା ଉନ୍ନୟନ କମିଟିର ନବ ନିର୍ବାଚିତ କର୍ମକର୍ତ୍ତାମାନେ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ ଯେଉଁ କାର୍ଯ୍ୟ ଦିଆଯିବ,ତାହାକୁ ସଫଳ କରିବା ପାଇଁ ସର୍ବଦା ପ୍ରୟାସ ସହିତ ସୁଚାରୁରୂପେ ସମ୍ପାଦନା କରିବେ ବୋଲି ଶପଥ ଗ୍ରହଣ କରିଛନ୍ତି । ଏହି ଶପଥ ପାଠ କାର୍ଯ୍ୟକ୍ରମରେ ବରିଷ୍ଠ ବି ଜେ ପି ନେତା ଶ୍ରୀଯୁକ୍ତ ଲଲାଟେନ୍ଦୁ ବଡୁ ଉପସ୍ଥିତ ହୋଇ ନୂତନ କର୍ମକର୍ତ୍ତା ମାନଙ୍କୁ ଶପଥ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଅଜୟ କୁମାର ଜଟ । ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ହୋଇଥିଲା । ନୂତନ କର୍ମକର୍ତ୍ତାଙ୍କ ସମେତ ଗ୍ରାମର ମୁରବୀ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ଅବସରରେ କମିଟିର ପୂର୍ବତନ ସଭାପତି ଶ୍ରୀଯୁକ୍ତ ମୁକେଶ କୁମାର ମିଶ୍ରଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧନା କରାଯାଇଥିଲା । ଏହାପରେ ନିର୍ବାଚନ ଅଧିକାରୀ ଶ୍ରୀଯୁକ୍ତ ନିଶାକର ଦାସ ନିର୍ବାଚନ ବିଷୟରେ ବକ୍ତବ୍ୟ ରଖିବା ସହିତ ଗ୍ରାମର ଉନ୍ନତି କିପରି ହେବ ସେ ବିଷୟରେ ନୂତନ କର୍ମକର୍ତ୍ତା ମାନଙ୍କୁ ଅଭିମନ୍ତ୍ରିତ କରିଥିଲେ । ସମ୍ପାଦକ ଦେବରାଜ ସାହୁ ବିବରଣୀ ପାଠ କରିଥିଲେ । ସଭାପତି ସୁଶାନ୍ତ କୁମାର ବରାଳ, ଉପ ସଭାପତି ଶ୍ରୀଯୁକ୍ତ ସୁବୋଧ କୁମାର ରାଉତ, ଯୁଗ୍ମ ସମ୍ପାଦକ ଶ୍ରୀଯୁକ୍ତ ପ୍ରଦୀପ ରଥ, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ସୁବୋଧ କୁମାର ଜେନା ପ୍ରମୁଖ କର୍ମକର୍ତ୍ତାମାନେ ଶପଥ ପାଠ କରି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଲଲାଟେନ୍ଦୁ ବଡୁ,ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ବେହେରା, କର୍ପୋରେଟର୍ ଶ୍ରୀଯୁକ୍ତ ପ୍ରଦୀପ କୁମାର ରାଉତ, ସମ୍ମାନିତ ଅତିଥି ହୃଦାନନ୍ଦ ମହାପାତ୍ର ପ୍ରମୁଖ ବକ୍ତବ୍ୟରେ ଏକତା ହିଁ ସବୁଠାରୁ ବଡ ଶକ୍ତି,ଏକତା ଭାବରେ କାର୍ଯ୍ୟ କରିବା ପାଇଁ ସମସ୍ତଙ୍କୁ ପ୍ରେରଣା ଦେଇଥିଲେ । ସର୍ବ ଶେଷରେ ଅଜୟ କୁମାର ଜଟ ଧନ୍ୟବାଦ ଅର୍ପଣ କରିଥିବାବେଳେ ଜ୍ୟୋତିର୍ବିଦ ପଣ୍ଡିତ ହରଷ କୁମାର ସାହୁ, କାର୍ଯ୍ୟକାରୀ ସଦସ୍ୟ ଭାବେ ଦାୟିତ୍ୱ ଗ୍ରହଣ କରି ବ୍ରଜବିହାରିପୁର ଗ୍ରାମକୁ ଏକ ଆଦର୍ଶ ଗ୍ରାମରେ ପରିଣତ କରିବା ପାଇଁ ଗଣମାଧ୍ୟମକୁ ବାର୍ତ୍ତା ଦେଇଥିଲେ ।

# ବୟସ ୮୦ପାର ହେଲେ ୪ମାସ ହେଲା ମିଳୁନି ଭତା ଟଙ୍କା

ଧାମନଗର(ନିପ୍ର): ଧାମନଗର ବ୍ଲକ ଆନନ୍ଦପୁର ପଂଚାୟତ ଅନ୍ତର୍ଗତ ପାହାଡ଼ପୁର ଗ୍ରାମର ୮୦ ବର୍ଷୀୟ ଅସହାୟ ବୃଦ୍ଧ ହରିହର ମାଝୀ । ପ୍ରକୃତରେ ଯେଉଁ ବୟସରେ ଟିକିଏ ବିଶ୍ରାମ ଓ ସାହାରା ଆବଶ୍ୟକତା ଥାଏ, ସେହି ବୟସରେ ସେ ସରକାରୀ ଯୋଜନାର ଲାଭ ପାଇବା ପାଇଁ ଡହଳବିକଳ ହେଉଥାଏ । ୪ ମାସ ହେଲା ବାର୍ଦ୍ଧକ୍ୟ ଭତା ବନ୍ଦ: ଗତ ଚାରି ମାସ ଧରି ତାଙ୍କୁ ଟଙ୍କାଟିଏ ବି ମିଳିନାହିଁ । ଶାରୀରିକ ଅକ୍ଷମତା: ବୟସାଧିକ କାରଣରୁ ନିଜେ ଚାଲିଚାଲି ବ୍ଲକ ଅଫିସ୍ ଯିବାକୁ ସେ ଆଦୌ ସକ୍ଷମ ନୁହନ୍ତି । ପଂଚାୟତ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ି ନୟାନ୍ତ ହେଲେଣି, ହେଲେ କେହି ଗୁହାରି ଶୁଣୁନାହାନ୍ତି । ଘରେ ବି କେହି ଠିକ୍ ଭାବେ ପଚାରୁ ନାହାନ୍ତି, କେତେବେଳେ ଖାଇବାକୁ ମିଳୁଛି ତ କେତେ ବେଳେ ଉପାସ । ନିର୍ବାଚନ ଆସିଲେ ହାତଯୋଡ଼ି ଭୋଟ ମାଗିବାକୁ ଆସୁଥିବା ନେତାମାନେ ଏବେ ସମ୍ପୂର୍ଣ୍ଣ ଗାଏବ । ଜଣେ ୮୦ ବର୍ଷର ନିରୀହ ବୃଦ୍ଧଙ୍କ ଏହି ଦୁର୍ଦ୍ଦଶା କ'ଣ ଆମ ସମାଜ ଓ ପ୍ରଶାସନ ପାଇଁ ଲଜ୍ଜାର ବିଷୟ ନୁହେଁ । ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ବିଡିଓଙ୍କୁ ବିନମ୍ର ଅନୁରୋଧ, ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ହରିହର ମାଝୀଙ୍କ ବକେୟା ଭତା ତାଙ୍କ ଘରେ ପହଂଚାଇବାର ବ୍ୟବସ୍ଥା କରାଯାଉ । ଏହି ପରି ଉକ୍ତ ବ୍ଲକ ର ଅନେକ ଲୋକ ଭତା ଟଙ୍କା ପାଇବାକୁ ଥିଲେ ମଧ ବିଭାଗୀୟ ଅଧିକାରୀ କୌଣସି ସନ୍ତୋଷ ଜନକ ଉତର ଦେଉନାହାନ୍ତି । ଏପଟେ ବିଡ଼ିଓ ଙ୍କ ପ୍ରମୋଶନ ଖୁବ ଶୀଘ୍ର ହେବାକୁ ଥିବାରୁ କୌଣସି ବିବାଦ ରେ ପସୁ ନାହାନ୍ତି ଫଳରେ ସାଧାରଣ ଲୋକ ମାନେ ସରକାରୀ ଯୋଜନା ରେ ପାଇବାରେ ନାନାଦି ହଇରାଣ ହେଉଛନ୍ତି । ଏ ଦିଗରେ ଉଚ୍ଚ କର୍ତୃପକ୍ଷ ଦୃଷ୍ଟିଦେବା ଦାବିହେଉଛି ।

# ପଂଚାୟତ ନିର୍ବାଚନ ପାଇଁ ଖୁଂଟା ବିଜେପିର ମହାମେଳି



ଖୁଂଟା(ନିପ୍ର): ଖୁଂଟା ମଣ୍ଡଳ ବିଜେପି ପକ୍ଷରୁ କହ୍ନେଇବନ୍ଧ ବଡାମ ମଣ୍ଡପ ଠାରେ ମଣ୍ଡଳ ସଭାପତି ଦୁଷ୍ମନ୍ତ ଘୋଷଙ୍କ ଅଧ୍ୟକ୍ଷତାରେ ଏକ ପରି ବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସମ୍ପନ୍ନ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟ ଅତିଥି ବାରିପଦା ବିଧାୟକ ପ୍ରକାଶ ସୋରେନଙ୍କ ଦ୍ୱାରା ଦଳୀୟ ପତାକା ଉତୋଳନ କରାଯାଇଥିଲା ଏବଂ ବୈଠକ ଶେଷରେ ଏହାକୁ ସମ୍ମାନର ସହ ଅବତରଣ କରାଯାଇଥିଲା । ଏହାପରେ ଭାରତ ମାତା ଓ ମନୀଷୀମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ବନ୍ଦେ ମାତରମ୍ ଗାନ କରାଯାଇଥିଲା । ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ବୁଥ୍ ଓ ୱାର୍ଡ ସ୍ତରରେ ସଂଗଠନକୁ ଅଧିକ ଶକ୍ତିଶାଳୀ କରିବାକୁ ବିଧାୟକ କାର୍ଯ୍ୟକର୍ତ୍ତାମାନଙ୍କୁଆହ୍ୱାନ ଦେଇଛନ୍ତି । ସମ୍ମାନିତ ଅତିଥି ପୂର୍ବତନ ଜିଲ୍ଲା ପରିଷଦ ସଭାପତି ସୁଜାତା ମୁର୍ମୁ ସରକାରଙ୍କ ଯୋଜନାଗୁଡ଼ିକୁ ଘରେ ଘରେ ପହଂଚାଇବାକୁ ପରାମର୍ଶ ଦେଇଥିବା ବେଳେ ମଣ୍ଡଳ ଉପସଭାପତି ଦୁଲ୍ଲୀ ହେମ୍ବ୍ରମ ରାଜନୈତିକ ଚିଠା ପ୍ରସ୍ତାବ ପାଠ କରିଥିଲେ । ବିଧାୟକ ଶ୍ରୀ ସୋରେନ କର୍ମୀଙ୍କ ବିଭିନ୍ନ ପ୍ରଶ୍ନର ସମାଧାନ କରିଥିଲେ । ବୈଠକରେ ଜିଲ୍ଲା ଉପସଭାପତି ରଞ୍ଜନ କୁମାର ମଢୁଆଳ, ପ୍ରଭାରୀ ପ୍ରମୋଦ କୁମାର ସାହୁ, ସାଧାରଣ ସମ୍ପାଦକ ପଦ୍ମଲୋଚନ ନାୟକ ଓ ସୁଦର୍ଶନ ବେହେରା, ଜଟାଧାରୀ କର, ସୁଦର୍ଶନ ପୁଥାଳ, ଧନେଶ୍ୱର ଟୁଡୁ, ସୁମନ୍ତ ମଢେଇ, ଲୋମ୍ବଦର ନାଏକ, ଶୁଭମ ବୁଗୁଡି, ଲକ୍ଷ୍ମୀ ତରାଇ, ସବିତା ବୁଗୁଡି, ପାର୍ବତୀ ସୋରେନ, ଶୁଭାଞ୍ଜଳୀ ପାତ୍ର, କାର୍ମୀ ମୁର୍ମୁ ଓ ସୁଶାନ୍ତି ମାର୍ଣ୍ଡିଙ୍କ ସମେତ ୬ଟି ପଂଚାୟତର ୪୧ଟି ବୁଥ୍ର ଶତାଧିକ ପ୍ରତିନିଧି ଉପସ୍ଥିତ ଥିଲେ । ଶେଷରେ ମହିଳା ମୋର୍ଚ୍ଚା ସଭାପତି ରୀନା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲା କାରାଗାରରେ ପଣ୍ଡିତ ନାରାୟଣଙ୍କ ତୈଳଚିତ୍ର ଅନାବରଣ



ଖୋର୍ଦ୍ଧା(ନିପ୍ର): ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ, କବିଗୋରବ ପଣ୍ଡିତ ନାରାୟଣ ମିଶ୍ରଙ୍କ ଜେଲ୍ ଜୀବନ ଚାଳିଶି ଦଶକରେ ପ୍ରଥମ ଥର ପାଇଁ ଖୋର୍ଦ୍ଧାରୁ ହିଁ ଆରମ୍ଭ ହୋଇଥିଲା ହୋଇଥିଲା ବୋଲି ଜେଲ୍ ସୁପରିଟେଣ୍ଡେଣ୍ଟ ରାଜୀବକୁମାର ଦାସ ମତବ୍ୟକ୍ତ କରିଛନ୍ତି । ଜେଲ୍ ସଂସ୍କାର ଯୋଜନା ପରିପ୍ରେକ୍ଷୀରେ ୮୬ ବର୍ଷ ପୂର୍ବେ ଅର୍ଥାତ୍ ୧୯୪୨ ମସିହାରେ ଖୋରଧା କାରାଗାରରେ ଜେଲ୍ ଜୀବନ ବିତାଇଥିବା ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ମିଶ୍ରଙ୍କ ତୈଳଚିତ୍ର ଏହି କାରାଗାର ପରିସରରେ ଶନିବାର ଅନାବରଣ କରାଯାଇଛି । ଏଥିରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ପଣ୍ଡିତ ମିଶ୍ରଙ୍କ ତ୍ୟାଗ ଏବଂ ତିତୀକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ମେଜର ମହାନ୍ତି ପଣ୍ଡିତ ମିଶ୍ରଙ୍କ ଭଳି ବରପୁତ୍ରଙ୍କ ଆଦର୍ଶ ଓ ତ୍ୟାଗ ସମ୍ପର୍କରେ ଉତର ପୀଢ଼ିଙ୍କୁ ଅବଗତ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ରୂପେ ଖୋରଧା ବାର୍ ଆସୋସିଏସନର ତତ୍କାଳୀନ ସଭାପତି ନୃସିଂହପ୍ରସାଦ ମିଶ୍ର ଯୋଗଦେଇ ବିଳମ୍ବରେ ହେଉ ପଛେ କାରାଗାର କର୍ତୃପକ୍ଷ ପଣ୍ଡିତ ମିଶ୍ରଙ୍କ ଜେଲ୍ ଜୀବନ ସ୍ମୃତିକୁ ଜନମାନସରେ ଉଦ୍ ?ଭାସିତ କରାଇଛନ୍ତି ବୋଲି କହିଥିଲେ । ଶ୍ରୀ ଜଗନ୍ନାଥ ସଂସ୍କୃତିର ମହାନ୍ ପ୍ରବକ୍ତା ଶକ୍ତିଶଙ୍କର ମିଶ୍ର 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ' ପ୍ରତିଷ୍ଠା କରିବା ଯୋଗୁଁ ପଣ୍ଡିତ ମିଶ୍ର ଗୋରା ସରକାରଙ୍କ ଆକ୍ରୋଶର ଶିକାର ହୋଇ ପରବର୍ତୀ ପର୍ଯ୍ୟାୟରେ ଗିରଫ ହୋଇ ଏହି କାରାଗାରରେ ବନ୍ଦୀ ଜୀବନ ବିତାଇଥିଲେ ବୋଲି କହିଥିଲେ । ବରିଷ୍ଠ ସମାଜସେବୀ ତଥା ମା' ମଙ୍ଗଳା ଆଦିବାସୀ ମହିଳା ସମିତି ସମ୍ପାଦିକା ସୁକାନ୍ତି ପଟ୍ଟନାୟକ ଏଥିରେ ଯୋଗଦେଇ ଅଖ୍ୟାତପଲ୍ଲୀ ବାଜପୁରରେ ଜନ୍ମିତ ପଣ୍ଡିତ ମିଶ୍ର ବାସ୍ତବରେ ଜଣେ ସଚ୍ଚା ସଂଗ୍ରାମୀ ଥିବାବେଳେ ବ୍ରିଟିଶ ସରକାରଙ୍କ ନଜର ଏଡ଼ାଇବା ପାଇଁ ଚିନ୍ତାମଣି ମିଶ୍ର, ବାନାମ୍ବର ପଟ୍ଟନାୟକ, ପଦ୍ମନାଭ ମିଶ୍ର ଓ ନାରାୟଣ ସେଠୀ ପ୍ରମୁଖଙ୍କ ସହ ମିଶି ବରୁଣେଇରେ ଆତ୍ମଗୋପନ କରିଥିଲେ ବୋଲି କହିଥିଲେ । ପଣ୍ଡିତ ମିଶ୍ରଙ୍କ ଦ୍ୱାରା ଲିଖିତ 'ଚିଲିକା ଦର୍ଶନ', 'ପୁଣ୍ୟ ଶ୍ଳୋକ', 'ଭୋଟରଭାବନା' ଓ 'ଦଶଦିଗ' ଆଦି କାବ୍ୟ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଥିବା ବେଳେ ନବ ଦିଗନ୍ତ ସୃଷ୍ଟି କରିଛି ବୋଲି ତାଙ୍କ ପୁତ୍ରବଧୂ ତଥା ବରିଷ୍ଠ ଶିକ୍ଷୟିତ୍ରୀ ମନୋରମା ନନ୍ଦ (ମିଶ୍ର) କହିଥିଲେ । । ସଂଗ୍ରାମୀ ନାରାୟଣ ସ୍ମୃତି ପରିଷଦର ବରିଷ୍ଠ କାର୍ଯ୍ୟକର୍ତା ଡ଼. ଧୀରେନ୍ଦ୍ର ନନ୍ଦ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ମିଶ୍ର ପାଇକ କୂଳରେ ଜନ୍ମ ନହୋଇ ମଧ ଜନ୍ମମାଟି ପାଇଁ ଲଢ଼େଇ କରିଥିବା ଦର୍ଶାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଜେପି ନେତା ରାଜୀବଲୋଚନ ଷଡ଼ଙ୍ଗୀ, ପୂର୍ବତନ ପ୍ରଧାନ ଶିକ୍ଷକ ଡ଼.ପ୍ରଫୁଲ୍ଲକୁମାର ସାମନ୍ତରାୟ, ବରିଷ୍ଠ ସାମ୍ବାଦିକ ପ୍ରଦୀପକୁମାର ଲେଙ୍କା, ଆମରି ସତ୍ୟର ପ୍ରତିଷ୍ଠାତା ଡ଼.ପ୍ରମୋଦଚନ୍ଦ୍ର ଦାଶ, ଶକ୍ତିପ୍ରସନ୍ନ ପଟ୍ଟନାୟକ, ସୁବାସଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ପଣ୍ଡିତ ମିଶ୍ରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିବା ସହ ପଣ୍ଡିତ ମିଶ୍ରଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିଥିଲେ ।

# ଯୁବକଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର(ନିପ୍ର): ସଦର ଥାନା ଅନ୍ତର୍ଗତ ପଦରବାଲି ଗ୍ରାମର ଏକ ସେଲୁନ୍ରେ ପଶି ଯୁବକଙ୍କୁ ଆକ୍ରମଣ କରିବା ସହ ବୋମା ଫିଙ୍ଗି ହତ୍ୟା କରିବାକୁ ଧମକ ଦେବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ଜଣକ ହେଲେ ହିଂଜିଳିକାଟୁ ନୂଆଁଗଡ଼ ବଡ଼ସାହିର ଅଲେଖ ଗୌଡ଼ (୨୨) । ଗିରଫ ପରେ ତାଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ପଦରବାଲି ଗ୍ରାମର ରୂପେଶ ବେହେରା (୧୯) ଗତ ୨୪ ତାରିଖ ଦିନ ପ୍ରାୟ ୧ଟା ସମୟରେ ସ୍ଥାନୀୟ ଲକି ସେଲୁନ୍ରେ କାମ କରୁଥିଲେ । ଏହି ସମୟରେ ପୂର୍ବ ଝଗଡ଼ାକୁ ନେଇ ଅଲେଖ ଗୌଡ଼ଙ୍କ ସମେତ କିଛି ଯୁବକ ହଠାତ୍ ସେଲୁନ୍ ?ରେ ପଶି ରୂପେଶଙ୍କୁ ମୁଥ ଓ ଚାପୁଡ଼ା ମାରି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ସେଲୁନ୍ର ସୁଶାନ୍ତ ଡାକୁଆ ଓ ସନାତନ ଡାକୁଆ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ଗାଳିଗୁଲଜ କରିବା ସହ ବୋମା ଫିଙ୍ଗି ସେଠାରେ ଥିବା ଲୋକଙ୍କୁ ହତ୍ୟା କରିବାକୁ ଧମକ ଦେଇଥିବା ରୂପେଶ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ସଦର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଅଲେଖ ଗୌଡ଼ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କ ଭୂମିକା ନେଇ ପୁଲିସ ତଦନ୍ତ ଜାରି ରଖିଛି ।

# ସିମୁଳିଆ ମଠ ପୋଖରୀ ପୋତା ଘଟଣାରେ ହସ୍ତକ୍ଷେପ କଲେ ଜିଲ୍ଲାପାଳ

ବାଲିଆପାଳ(ନିପ୍ର): ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ ଅଧୀନସ୍ଥ ମଧୁପୁରା ପଂଚାୟତ ସମ୍ମୁଖରେ ଥିବା ସିମୁଳିଆ ମଠ ପୋଖରୀ ପୋତା ଘଟଣାକୁ ନେଇ ଏବେ ପ୍ରଶାସନିକ ତତ୍ପରତା ଦେଖାଦେଇଛି । ଅଭିଯୋଗ ଅନୁଯାୟୀ, ପୋଖରୀଟିକୁ ପୋତି ଦିଆଯିବା ପରେ ଏହା ଉପରେ ଗୁମୁଟି ପକାଯାଇଛି । ଘଟଣାକୁ ନେଇ ବିବାଦ ଉପୁଜିବା ସହ ମାମଲା ହାଇକୋର୍ଟ ପର୍ଯ୍ୟନ୍ତ ପହଂଚିଥିଲା । ଏହି ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଗତ ଜୁଲାଇ ୨୮ ତାରିଖରେ ଜିଲ୍ଲା ପଂଚାୟତ ଅଧିକାରୀ ଦେବାନନ୍ଦ ବେହେରା, ବାଲିଆପାଳ ସହକାରୀ ଯନ୍ତ୍ରୀ ଅମିତ କୁମାର ମୁର୍ମୁ ଏବଂ ଗ୍ରାମପଂଚାୟତ ଉନ୍ନୟନ ଅଧିକାରୀ ପ୍ରିୟବ୍ରତ ଗିରି ପ୍ରମୁଖ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ । ତଦନ୍ତ ରିପୋର୍ଟରେ ପୋଖରୀର ପ୍ରାୟ ୯୦ ଭାଗ ଅଂଚଳ ପଂଚାୟତର ଅନୁମତି ବିନା ପୋତାଯାଇଥିବା ଉଲ୍ଲେଖ ରହିଥିବା ସୂଚନା ମିଳିଛି । ଏହାପରେ ଅଗଷ୍ଟ ୧୪ ତାରିଖରେ ଚିଠି ନମ୍ବର ୧୭୨୪ ମାଧମରେ ବାଲେଶ୍ୱର ଜିଲ୍ଲାପାଳ ବାଲିଆପାଳ ବିଡିଓଙ୍କୁ ଉକ୍ତ ପୋଖରୀକୁ ପୁନର୍ବାର ଖୋଳି ପୂର୍ବ ସ୍ଥିତାବସ୍ଥାକୁ ଫେରାଇ ଆଣିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ସେହିପରି, ସମ୍ପୃକ୍ତ ବ୍ୟକ୍ତିମାନେ ପୋଖରୀକୁ ପୁନର୍ବାର ନ ଖୋଳିଲେ, ସାର୍ବଜନୀନ ସମ୍ପତିର କ୍ଷତି କରିବା ଅଭିଯୋଗରେ ସେମାନଙ୍କ ବିରୋଧରେ ଥାନାରେ ଏଫ୍ ?ଆଇଆର୍ ରୁଜୁ କରାଯିବା ପାଇଁ ଚିଠିରେ ଉଲ୍ଲେଖ ରହିଛି । ସୂଚନାଯୋଗ୍ୟ, ମଧୁପୁରା ପଂଚାୟତର ମଳୟ ମହାନ୍ତି ସର୍ବସାଧାରଣଙ୍କ ବ୍ୟବହାର ପାଇଁ ପୋଖରୀଟିକୁ ପୁନର୍ବାର ଖୋଳି ଜନହିତରେ ବ୍ୟବହାର କରିବା ଦାବିରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏବେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ସିମୁଳିଆ ମଠ ପୋଖରୀ ତାହାର ପୂର୍ବ ସ୍ଥିତାବସ୍ଥାକୁ ଫେରିବ କି ନାହିଁ, ତାହା ଉପରେ ସ୍ଥାନୀୟ ଲୋକଙ୍କ ନଜର ରହିଛି ।


**AFFIDAVIT**

By virtue of an affidavit sworn before Executive Magistrate, Khaira, Balasore dated 27.04.2026 I, Ankita Lenka, D/o- Parshuram Lenka resident of At- Raghunathpur, Po- Aliha, Ps- Simulia, Dist- Balasore, Pin- 756182 declare that I have changed my name from Anita Lenka to Ankita Lenka. Henceforth, I shall be known as Ankita Lenka for all purposes.

Sd/-
**Ankita Lenka**


# ପିଠାବଟା ପ୍ରବେଶପଥରେ ସିମିଲି କାଫେ ଉଦ୍‌ଘାଟିତ



ବାରିପଦା(ନିପ୍ର): ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ପିଠାବଟା ପ୍ରବେଶପଥରେ 'ସିମିଲି କାଫେ' ଉଦ୍‌ଘାଟିତ ହୋଇଯାଇଛି । ଶୁକ୍ରବାର ଏହି କାଫେକୁ ଅନଲାଇନ ମାଧମରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଂଟିଆ ଉଦଘାଟନ କରିଥିଲେ । ଉଦଘାଟନ କାର୍ଯ୍ୟକ୍ରମରେ ବାଙ୍ଗିରିପୋଷି ବିଧାୟିକା ସଞ୍ଜାଳି ମୁର୍ମୁ ଯୋଗଦେଇ ଶିମିଳିପାଳକୁ ଆସୁଥିବା ପର୍ଯ୍ୟଟକଙ୍କ ଆବଶ୍ୟକତା ପୂରଣ ସହିତ ଅଂଚଳର ବନ ନିର୍ଭରଶୀଳ ଆଦିବାସୀ ପରିବାରଙ୍କୁ ଜୀବିକା ସୁଯୋଗ ମିଳିବ ବୋଲି କହିଥିଲେ । ଶିମିଳିପାଳର ପାଦଦେଶରେ ଥିବା ଗୋବିନ୍ଦଚନ୍ଦ୍ରପୁର ଗ୍ରାମର ବାବା ବୁଢ଼େଶ୍ୱର ଇକୋ-ଡେଭଲପମେଂଟ କମିଟିର ସଦସ୍ୟମାନେ ଏହି କାଫେର ପରିଚାଳନା କରିବେ । ଏଠାରେ ମୟୂରଭଞ୍ଜ ଜିଲ୍ଲାର ପାରମ୍ପରିକ ଖାଦ୍ୟ ସହ ବିଭିନ୍ନ ପ୍ରକାର ଜଳଖିଆ ଓ ପାନୀୟ ମିଳିବ । କାଫେଟି ପ୍ରତିଦିନ ସକାଳ ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲା ରହିବ । ଏହା ଏଫଏସଏସଏଆଇ ଦ୍ୱାରା ପଞ୍ଜୀକୃତ ହୋଇଛି । କାଫେରେ ଶିମିଳିପାଳ ଓ ବନ୍ୟପ୍ରାଣୀ ସମ୍ପର୍କିତ ପୁସ୍ତକ ଥିବା ଏକ ଛୋଟ ପାଠାଗାର ମଧ ରହିବ । ଏଥିସହ ଶିମିଳିପାଳ ଥିମରେ ପ୍ରସ୍ତୁତ ସ୍ମାରକୀ ସାମଗ୍ରୀ ଏବଂ 'ଆମ ଶିମିଳିପାଳ ଯୋଜନା' ଅଧୀନରେ ସୀମାନ୍ତ ଗ୍ରାମର ଆଦିବାସୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରି ହେବ । ଛୋଟ ଉତ୍ସବ ଓ ବୈଠକ ପାଇଁ ମଧ ଏଠାରେ ସୁବିଧା ରହିବ । କାଫେ ପରିଚାଳନା ପାଇଁ ଇଡିସିର ୫ ଜଣ ମହିଳା ସଦସ୍ୟଙ୍କୁ ରୋଷେଇ ଓ ଆତିଥ୍ୟ ପରିଚାଳନା ଉପରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଛି । ଶିମିଳିପାଳ ଜାତୀୟ ଉଦ୍ୟାନ ସହ ସୀତାକୁଣ୍ଡ, ଲୁଲୁଙ୍ଗ ଓ ବାଲିଡିହା ଡ୍ୟାମ ଭଳି ପର୍ଯ୍ୟଟନସ୍ଥଳୀକୁ ଆସୁଥିବା ପର୍ଯ୍ୟଟକମାନେ ଏହି କାଫେର ସୁବିଧା ପାଇପାରିବେ ।


GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, MAYURBHANJ
Tel No. (06792)260788, e-Mail ID mi.mayurbhanj@yahoo.co.in

No. 32001/968/2627

"e" Procurement Notice
No 3970 Dated 01.10.2026
Identification No-S.E.M.I.D. MBJ.No.-11/MID, MBJ/2026-27

The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1 | Name of works | Civil Construction works as mentioned in the web site |
| 2 | Total No. of works | 9 Nos. |
| 3 | Tender amount | 41.03 Lakh to 80.21 Lakh Approx. (Detail list of works Annexed) |
| 4 | Class of Contractor | As Mentioned against Work. |
| 5 | Period of Completion | As Mentioned against Work. |
| 6 | Date & time of Availability of Bid Document in the Portal | 06.10.2026 at 10.00 AM to 15.10.2026 up to 5.00 P.M. |
| 7 | Last date/ Time for receipt of Bids in the Portal | 15.10.2026 up to 5.00 P.M. |
| 8 | Date /Time of Opening of Technical Bid | 16.10.2026 at 11.00 A.M. |
| 9 | Name and Address of the Officer Inviting the Bid | Superintending Engineer, M.I. Division, Mayurbhanj At/Po-Baripada Dist-Mayurbhanj PIN-757001 E-Mail- mi.divisionbaripada@gmail.com |
| 10 | Mode of Payment of Bid Cost | Online |
| 11 | Further details can be seen from the "e" Procurement Portal "https://tendersorissa.gov.in" | |

Sd/-
**Superintending Engineer**
**Minor Irrigation Division, Mayurbhanj**

**OIPR. 32001/32041/1/26-27/0004**





ଖରାପରେ ଭଲ, ଅସୌନ୍ଦର୍ଯ୍ୟରେ ସୌନ୍ଦର୍ଯ୍ୟ ଓ ଦୁଃଖରେ ସୁଖ ଦେଖିଲେ ଶାନ୍ତି ମିଳିବ ।

# ଆଜିକାଲି




*ଅଯସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେଽର୍ଜୁନ କର୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ*
*(ଶ୍ରୀମଦ୍ ଭଗବତ୍ ଗୀତା)*
*ଭାବାର୍ଥ : ଯେଉଁ ପୁରୁଷ ମନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ବଶ କରି ଅନାସକ୍ତ ହୋଇ କର୍ମଯୋଗ ଆଚରଣ କରନ୍ତି ସେ ଶ୍ରେଷ୍ଠ ଅଟନ୍ତି*

## ଜନ୍ମ ଓ ମୃତ୍ୟୁ ହାର ହ୍ରାସ

ଦେଶରେ ୧୯୭୧ ମସିହାରେ କ୍ରୁଡ୍ ବାର୍ଥ ରେଟ୍ ପ୍ରତି ୧୦୦୦ରେ ୩୬.୯ ଥିବାବେଳେ ୨୦୨୩ରେ ତାହା ୧୭.୧କୁ ହ୍ରାସ ପାଇଛି । ସେହିପରି ଟୋଟାଲ ଫର୍ଟିଲିଟି ରେଟ୍ (ଟିଏଫଆର) ୧.୯ କୁ ହ୍ରାସ ପାଇଛି । ୨୦୨୧ରେ ଟିଏଫଆର ୨.୦ଥିବାବେଳେ ୨୦୨୨ରେ ତାହା ୧.୯କୁ ଖସି ଆସିଛି । ଟିଏଫଆର ହେଉଛି ଜୀବନକାଳ ମଧ୍ୟରେ ଜଣେ ମହିଳାଙ୍କ ହାରାହାରି ପ୍ରଜନନ ବା ଶିଶୁ ଜନ୍ମ ହାର । କହିବା ବାହୁଲ୍ୟ ଯେ, ୨.୧କୁ ପ୍ରଜନନର ଉପଯୁକ୍ତ ହାର ବୋଲି ବିବେଚନା କରାଯାଉଥିବାବେଳେ ଏହାଠାରୁ ତଳକୁ ଖସିବା ନିଶ୍ଚିତ ଭାବେ ଚିନ୍ତାଜନକ । ସେହିପରି ୨.୧ ଜନସଂଖ୍ୟା ବୃଦ୍ଧିର ସଂକେତ ପ୍ରଦାନ କରିଥିବାବେଳେ ଏହାଠାରୁ ତଳକୁ ଖସିଲେ ଜନସଂଖ୍ୟା ହ୍ରାସ ଏବଂ ବୟସ୍କ ଲୋକଙ୍କ ସଂଖ୍ୟା ବୃଦ୍ଧିର ସୂଚନା ପ୍ରଦାନ କରିଥାଏ । ଭାରତ ଏବେ ଏକ ବୟସ୍କ(ବୁଢା) ଲୋକଙ୍କ ଦୋମୁହାଁ ହୋଇଛି, ଏଥିରେ ସନ୍ଦେହ ନାହିଁ । କହିବା ବାହୁଲ୍ୟ ଯେ, ଦେଶରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ୭୦ଦଶକରୁ ଆରମ୍ଭ ହୋଇଥିବା ଯୋଜନାର ଏହା ହେଉଛି ପ୍ରଭାବ । ପରିସଂଖ୍ୟାନ ଅନୁଯାୟୀ ୧୯୭୧ରେ ପ୍ରତି ୧୦୦୦ରେ ଜାତୀୟ ପ୍ରଜନନ ହାର ୫୨ଥିବାବେଳେ ଏବେ ଏହା ୧.୯କୁ ହ୍ରାସ ପାଇଛି । ପ୍ରତି ଦଶନ୍ଧିରେ ଜନ୍ମହାର ହ୍ରାସ ପାଇବା ଯୋଗୁଁ ୧୯୭୧ରେ ଦେଶରେ ୦-୧୪ବର୍ଷ ପିଲାଙ୍କ ସଂଖ୍ୟା ୪୧.୨ ଥିବା ବେଳେ ୨୦୨୩ ବେଳକୁ ୨୪.୨ କୁ ହ୍ରାସ ପାଇଛି । ଉଲ୍ଲେଖଯୋଗ୍ୟ ଯେ, ୨୦୧୪ରେ ଭାରତ ଯୁବକଙ୍କ ଦେଶ ଭାବେ ବିଶ୍ୱ ଦରବାରରେ ପରିଚିତ ଥିଲା । ସେତେବେଳେ ଦେଶର ମୋଟ ଜନସଂଖ୍ୟାର ୬୫ପ୍ରତିଶତ ଯୁବବର୍ଗର ଅର୍ଥାତ ୧୫ରୁ ୪୫ବର୍ଷ ବୟସ୍କ ଥିଲେ । ଜନ୍ମହାର ହ୍ରାସ ପାଇବା ସହ ଦେଶରେ ମୃତ୍ୟୁ ହାର ହ୍ରାସ ପାଇବାରେ ଲାଗିଛି । ଏସଆରଏସ ରିପୋର୍ଟ ଅନୁଯାୟୀ ଗତ ୪୦ବର୍ଷ ମଧ୍ୟରେ ଜନ୍ମ ଓ ମୃତ୍ୟୁ ହାର ଅଧା ଅର୍ଥାତ ୫୦ପ୍ରତିଶତ ହ୍ରାସ ପାଇଛି । ଦେଶରେ ୧୯୭୧ରେ କ୍ରୁଡ୍ ମୃତ୍ୟୁହାର ୧୪.୯ ଥିବାବେଳେ ୨୦୨୩ରେ ୬.୪କୁ ଖସି ଆସିଛି । ସେହିପରି ଶିଶୁ ମୃତ୍ୟୁ ହାର ୧୯୭୧ରେ ପ୍ରତି ୧୦୦୦ରେ ୧୨୯ ଥିବା ସମୟରେ ୨୦୨୩ରେ ଏହା ୨୨କୁ ହ୍ରାସ ପାଇଛି । ସେହିପରି ମାତୃ ମୃତ୍ୟୁ ହାର ମଧ୍ୟ ଏହି ଅବଧି ମଧ୍ୟରେ ପ୍ରତି ୧,୦୦,୦୦୦ରେ ୯୭ପ୍ରତିଶତକୁ ହ୍ରାସ ପାଇଛି । ଉତମ ସ୍ୱାସ୍ଥ୍ୟ ଚିକିତ୍ସା, ପରିବାର ନିୟୋଜନ ଏବଂ ସାମାଜିକ ସୁସ୍ଥ ଅବସ୍ଥା ଯୋଗୁଁ ଏହା ସମ୍ଭବ ହୋଇଛି । ଯାହାର ପରିଣତି ସ୍ୱରୂପ ଦେଶରେ ବୟସ୍କ(ବୁଢା) ଲୋକଙ୍କ ସଂଖ୍ୟା ବଢଚାଲିଛି । କିନ୍ତୁ ଭାରତ ଏକ ବିଶାଳ ଦେଶ ହୋଇଥିବା ଯୋଗୁଁ ଆଂଚଳିକ ତଥା ରାଜ୍ୟଗୁଡିକର ବିବିଧତା ଦୃଷ୍ଟିରୁ ଜନ୍ମ ଓ ମୃତ୍ୟୁହାର ଭିନ୍ନ ଭିନ୍ନ ରହିଛି । ବିହାରରେ ସିବିଆଇ ଅନ୍ୟ ରାଜ୍ୟଗୁଡିକ ମଧ୍ୟରେ ସର୍ବୋଚ୍ଚ ତଥା ୨୫.୮ ପ୍ରତିଶତ ଥିବାବେଳେ ତାମିଲନାଡୁରେ ୧୨ପ୍ରତିଶତ ରହିଛି । ସେହିପରି ବିହାରରେ ଜନ୍ମହାର ସର୍ବୋଚ୍ଚ ୨.୮ ଥିବା ସମୟରେ ଜାତୀୟ ରାଜଧାନୀ ଦିଲ୍ଲୀରେ ସର୍ବନିମ୍ନ ୧.୨ ରହିଛି । ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଟିଏଫଆର ୧.୨ରହିଛି । ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଟିଏଫଆର ୨.୧ ରିପ୍ଲେସମେଂଟ ଲେବଲ ତଳେ ରହିଛି । ଦିଲ୍ଲୀ, ପଶ୍ଚିମବଙ୍ଗ, ତାମିଲନାଡୁ, ମହାରାଷ୍ଟ୍ରରେ ଟିଏଫଆର ୨.୦ ତଳେ ଥିବାବେଳେ ଉତରଭାରତୀୟ ରାଜ୍ୟ ବିହାର, ଉତର ପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଆଦିବାସୀ ବହୁଳ ରାଜ୍ୟ ଛତିଶଗଡ଼ ଉପରେ ରହିଛି । କେରଳରେ ସର୍ବାଧିକ ୧୫ପ୍ରତିଶତ ବୟସ୍କ ଥିବା ରିପୋର୍ଟରେ କୁହାଯାଇଥିବାବେଳେ ଦିଲ୍ଲୀ, ଆସାମ ଏବଂ ଝାଡଖଣ୍ଡରେ ବୟସ୍କଙ୍କ ହାର କମ୍ ରହିଛି । ବିଶ୍ୱର ସର୍ବବୃହତ ଜନବହୁଳ ରାଷ୍ଟ୍ର ଭାରତରେ ଲୋକସଂଖ୍ୟା ଏବେ ୧୪୬ କୋଟିରେ ପହଁଚିଥିବା ବେଳେ ସେହି ଅନୁପାତରେ ବୁଢା ଲୋକଙ୍କ ସଂଖ୍ୟା ବଢ଼ିଛି । ଏହା ନିସନ୍ଦେହ ଯେ, ଯେକୌଣସି ରାଷ୍ଟ୍ରର ବିକାଶ କେବଳ ଯୁବଶକ୍ତି ସ୍କନ୍ଧ ଉପରେ ନିର୍ଭର କରିଥାଏ । ସେହିପରି ଓଡ଼ିଶାରେ ମଧ ଶିଶୁ ମୃତ୍ୟୁହାର କମିଯାଇଛି । କାରଣ ସୁଚିକିତ୍ସା ଯୋଗୁଁ ଗର୍ଭବତୀ ମାଆ ପ୍ରସବକାଳୀନ ସମସ୍ୟାରୁ ରକ୍ଷା ପାଇ ସୁସ୍ଥ ଶିଶୁ ଜନ୍ମ ଦେବାରେ ସଫଳ ହୋଇଛି । ଶିଶୁ ହିଁ ଦେଶର ଭବିଷ୍ୟତ । ସୁସ୍ଥ ଶିଶୁ ଜନ୍ମ ହେବାରେ ଯେପରି କୌଣସି ବାଧା ନ ଜନ୍ମେ ସେଥିପାଇଁ ସରକାର ମଧ ସଦାସର୍ବଦା ଚେଷ୍ଟିତ । ଗର୍ଭବତୀ ମାଆର ଯେପରି ପ୍ରସବଜନିତ ମୃତ୍ୟୁ ନ ଘଟେ ସେଥିପ୍ରତି ଦୃଷ୍ଟି ଦିଆଯିବା ସହ ଦେଖାଯାଉଛି ଯେ ମୃତ୍ୟୁହାର ମଧ କମିବାରେ ଲାଗିଛି । ବାସ୍ତବିକ ଏହା ଖୁସିର ଖବର । ବୟସ୍କ ଓ ଶିଶୁ ପରସ୍ପର ଦେଶ ଓ ସମାଜ ପାଇଁ ବଳିଷ୍ଠ ଶକ୍ତି । ବୟସ୍କ ମାନଙ୍କ ଉପଦେଶ ଏବଂ ଦେଶପାଇଁ ଭବିଷ୍ୟତର ଉଜ୍ଜ୍ୱଳ ଶିଶୁ ପରସ୍ପର ସମାଜ ପାଇଁ ପରିପୂରକ ।

# ବିଶ୍ୱ ଶିକ୍ଷକ ଦିବସ

# ଭାରତର ମହାନ୍ ଶିକ୍ଷକମାନେ

◆ ତପସ୍ୱିନୀ ପଟ୍ଟନାୟକ

ପ୍ରତ୍ୟେକ ବୃତି ସମାଜରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରେ - ଡାକ୍ତର ଆରୋଗ୍ୟତା ଆଣେ, ଇଂଜିନିୟର ଡିଜାଇନ୍ ପ୍ରସ୍ତୁତ କରେ, ବ୍ୟାଙ୍କର ଆମ ଅର୍ଥର ସୁପରିଚାଳନା ପରେ । ଏ ତାଲିକା ଖୁବ୍ ଲମ୍ବା । କିନ୍ତୁ ଯେତେବେଳେ ଜଣେ ଶିକ୍ଷକ ବିଷୟରେ ଚିନ୍ତା କରାଯାଏ ସେତେବେଳେ ଦେଖାଯାଏ ଏହା ଏକ ସମ୍ପୂର୍ଣ୍ଣ ବୃତି । ଜଣେ ପିଲା ଡାକ୍ତର ହେଉ ବା ଶିକ୍ଷକ ତା ପଛରେ ଶିକ୍ଷକ ହିଁ ଥାନ୍ତି । ପ୍ରାଥମିକ ସ୍ତରରେ ଶିକ୍ଷକ ଛାତ୍ରକୁ ନିଜର ଭାବନା ପରିପ୍ରକାଶ କରିବା, ନିଷ୍ପତି ନେବା, ଆଗପାଖର ପରିବେଶ ପ୍ରତି ତାକୁ ସଚେତନ କରିବା ଆଦିରେ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରିଥାନ୍ତି । ଛାତ୍ର ମଧ୍ୟରେ ଥିବା ପ୍ରତିଭା ଆଉ ସାମର୍ଥ୍ୟ ଚିହ୍ନଟ କରିବାରେ ମଧ ଶିକ୍ଷକଙ୍କର ଭୂମିକା ଖୁବ୍ ଅଧିକ । ଶିକ୍ଷାର ପରବର୍ତୀ ପର୍ଯ୍ୟାୟରେ ସେ ଯେତେବେଳେ କ୍ୟାରିଅର ଗଢ଼ିବା ରାସ୍ତାରେ ଆଗକୁ ବଢ଼େ ସେତେବେଳେ ଶିକ୍ଷକ ହିଁ ତାକୁ ଆଗକୁ ବଢ଼ିବାରେ ସାହାଯ୍ୟ କରନ୍ତି । ଉପଯୁକ୍ତ ପ୍ରୋତ୍ସାହନ, ସାହସ ଓ ରାସ୍ତା ଦେଖାଇ ଜଣେ ଶିକ୍ଷକ ପରବର୍ତୀ ପିଢ଼ି ପାଖରେ ସବୁ ସୁଗୁଣ ଭରି ଦେଇପାରନ୍ତି, ସୁନାଗରିକ ଓ ସଫଳ ମଣିଷ ଭାବରେ ଗଢ଼ି ଦେଇ ପାରନ୍ତି ତାକୁ । ଯେତେବେଳେ ଶିଶୁଟିଏ ପ୍ରଥମ କରି ବାପା-ମାଆଙ୍କ ହାତ ଧରି ସ୍କୁଲରେ ପହଂଚେ□ ସେହିଠାରୁ ହିଁ ଆରମ୍ଭ ହୋଇଯାଏ ତାର ଶିକ୍ଷକଙ୍କ ସହ ସମ୍ପର୍କ । ସ୍ନେହ ମମତା ସହ ଏ ସମ୍ପର୍କ ଦୃଢ଼ ହୁଏ । ଏ ବୟସରେ ପିଲା ଅଲେଖା ସିଲଟ ପରି । ଶିକ୍ଷକ ଯାହା ଶିଖେଇ ଦିଅନ୍ତି, ଏକଦମ୍ ଛାପି ହୋଇଯାଏ ମନ ମସ୍ତିଷ୍କରେ । ସତ କହିବା ଠାରୁ, ସମୟାନୁବର୍ତୀ ହେବା, ସ୍ପଷ୍ଟବାଦୀ ହେବାଠାରୁ ପରୋପକାରୀ ହେବା ସବୁ କିଛି ଶିକ୍ଷକ ଶିଖେଇ ପାରନ୍ତି ଏହି କୋମଳମତି ଛାତ୍ରଛାତ୍ରୀଙ୍କୁ । ବାସ୍ ଏଇଠାରେ ହିଁ ଶିକ୍ଷକ ଛାତ୍ର ସମ୍ପର୍କର ମୂଳଦୁଆ ପଡ଼େ । ଏହି ମୂଳଦୁଆ ଉପରେ ଠିଆହୁଏ ଭବିଷ୍ୟତର ସମ୍ପର୍କ । ପ୍ରତିଟି ସୋପାନରେ ସମ୍ପର୍କ ବଦଳେ କିନ୍ତୁ ମୂଳଦୁଆ ସମାନ ଥାଏ । ଧୀରେ ଧୀରେ ଶିକ୍ଷକ ସାଥୀ, ସମୀକ୍ଷକ, ପଥ ପ୍ରଦର୍ଶକ, ସହଯୋଗୀ ପାଲଟି ଯାଆନ୍ତି । ସେଥିପାଇଁ ଖ୍ୟାତନାମା ଆମେରିକୀୟ ଇତିହାସକାର ହେନରୀ ଆଡ଼ାମ୍ସ କହିଥିଲେ - ଶିକ୍ଷକର ପ୍ରଭାବ ଅସୀମ, ସେ ବି କେବେ କହିପାରିବ ନାହିଁ କେତେବେଳେ ଛାତ୍ର ଜୀବନ ଉପରେ ତା ବ୍ୟକ୍ତିତ୍ୱର ପ୍ରଭାବ ପଡ଼ିବା ଶେଷ ହୋଇଯିବ । ସେଥିପାଇଁ ମହାନ୍ ଗ୍ରୀକ୍ ଦର୍ଶନିକ ଆରିଷ୍ଟୋଟୋଲ୍ କହିଛନ୍ତି - ପିତା ମାତାଙ୍କ ଠାରୁ ଗୁରୁ ଆହୁରି ସମ୍ମାନନୀୟ । ପିତାମାତା ଜନ୍ମ ଦିଅନ୍ତି କିନ୍ତୁ ଗୁରୁ ପ୍ରକୃତ ଅର୍ଥରେ ଜୀବନ ଦିଅନ୍ତି, ବଂଚିବାର କଳା ଶିଖାନ୍ତି । ପୁରାକାଳରେ ଯେଉଁମାନେ ଜୀବନର ଅନେକ ବର୍ଷ ଅଧ୍ୟୟନ ଓ ଗବେଷଣାରେ ବ୍ୟୟ କରୁଥିଲେ ସେମାନେ ହିଁ ପରବର୍ତୀ ପିଢ଼ିକୁ ଶିକ୍ଷିତ କରିବାର ଦାୟିତ୍ୱ ନେଉଥିଲେ । ଏହି ପରିପ୍ରେକ୍ଷୀରେ ଆସନ୍ତୁ ଦେଖିବା କିଛି ମହାନ୍ ଭାରତୀୟ ଶିକ୍ଷକଙ୍କୁ ।




ପ୍ରତିବର୍ଷ ଅକ୍ଟୋବର ୫ ତାରିଖକୁ ବିଶ୍ୱ ଶିକ୍ଷକ ଦିବସ ଭାବେ ପାଳନ କରାଯାଇଥାଏ । ୧୯୯୪ ମସିହା ପରଠାରୁ ଏହି ଦିବସ ବିଶ୍ୱବ୍ୟାପୀ ପାଳନ କରାଯାଇ ଆସୁଛି । ଭବିଷ୍ୟତ ପୀଢ଼ିର ମାର୍ଗଦର୍ଶନ କରୁଥିବା ଶିକ୍ଷକ ସମାଜକୁ ସହଯୋଗ ଯୋଗାଇ ଦେବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥାଏ । ମିଳିତ ଜାତିସଂଘର ସହଯୋଗୀ ସଂଗଠନ ୟୁନେସ୍କୋ ବିଶ୍ୱ ଶିକ୍ଷକ ଦିବସର ଗୁରୁତ୍ୱ ଉପଲବ୍ଧି କରି ଏହି ଦିବସ ପାଳନ ଉପରେ ସର୍ବଦା ଗୁରୁତ୍ୱ ଦେଇ ଆସିଛି । ଶିକ୍ଷାଦାନ ଏବଂ ସାମାଜିକ ବିକାଶ ଶିକ୍ଷକଙ୍କ ଯୋଗଦାନ ଉପରେ ସଚେତନତା ସୃଷ୍ଟି କରିବା ଲାଗି ଏହି ଦିବସ ପାଳନ କରାଯିବା ଜରୁରୀ ବୋଲି ୟୁନେସ୍କୋ ସର୍ବଦା ଘୋଷଣା କରି ଆସିଛି । ବିଶ୍ୱର ୧୦୦ରୁ ଉର୍ଦ୍ଧ୍ୱ ରାଷ୍ଟ୍ରରେ ବିଶ୍ୱ ଶିକ୍ଷକ ଦିବସ ପାଳନ କରାଯାଇଥାଏ ।

*ଚାଣକ୍ୟ (ଖ୍ରୀ:ପୂ. ୩୭୦-୨୮୩) :* କୌଟିଲ୍ୟ ବା ବିଷ୍ଣୁଗୁପ୍ତ ଭାବରେ ସେ ଇତିହାସରେ ଖ୍ୟାତ । ଭାରତରେ ମୌର୍ଯ୍ୟ ବଂଶ ସ୍ଥାପନରେ ତାଙ୍କର ଭୂମିକା ସବୁଠାରୁ ଅଧିକ । ତକ୍ଷଶିଳା ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ ଓ ଅର୍ଥନୀତିରେ ଶିକ୍ଷାଗ୍ରହଣ ପରେ ସେ ସେହିଠାରେ ଆଚାର୍ଯ୍ୟ ଭାବରେ ଅବସ୍ଥାପିତ ହୋଇଥିଲେ । ତାଙ୍କ ଲିଖିତ ଅର୍ଥଶାସ୍ତ୍ର ଏବଂ ନୀତିଶାସ୍ତ୍ର ଆଜି ମଧ ପ୍ରଯୁର୍ଜ୍ୟ । ଅତ୍ୟାଚାରୀ ରାଜା ଧନ ନନ୍ଦଙ୍କୁ ବିତାଡ଼ିତ କରି ନିଜର ଛାତ୍ର ଚନ୍ଦ୍ରଗୁପ୍ତଙ୍କ ଦ୍ୱାରା ସେ ମୌର୍ଯ୍ୟ ସମ୍ରାଜ୍ୟ ସ୍ଥାପନ କରିଥିଲେ । ସେ ଚନ୍ଦ୍ରଗୁପ୍ତ ଏବଂ ତାଙ୍କ ପୁତ୍ର ବିନ୍ଦୁସାରଙ୍କ ଉପଦେଷ୍ଟା ଥିଲେ ।

*ଆର୍ଯ୍ୟ ଭଟ୍ଟ (୪୭୬-୫୫୦ ଖ୍ରୀ.ପୂ) :* ପାଟଳିପୁତ୍ର ବିଶ୍ୱ ବିଦ୍ୟାଳୟର କୁଳପତି ଥିଲେ ଏହି ମହାନ୍ ଗଣିତଜ୍ଞ ଏବଂ ଜ୍ୟୋର୍ତିବିଦ୍ । ବିଶ୍ୱାସ କରାଯାଏ ପରବର୍ତୀ ସମୟରେ ସେ ନାଳନ୍ଦା ବିଶ୍ୱବିଦ୍ୟାଳୟର କୁଳପତି ହେଲେ । ସେ ସମୟରୁ ଉଭୟ ସ୍ଥାନରେ ମହାଜାଗତିକ ନିରୀକ୍ଷଣାଗାର ସ୍ଥାପନ କରିଥିଲେ । ତ୍ରିକୋଣମିତି ଓ ଆଲ୍‌ଜେବ୍ରା ବିଶ୍ୱ ଗଣିତ ଜଗତକୁ ଆର୍ଯ୍ୟଭଟ୍ଟଙ୍କର ଅବଦାନ ।

*ସାବିତ୍ରୀ ବାଈ ଫୁଲେ (୧୮୩୧-୯୭) :* ସାବିତ୍ରୀ ବାଈ ଜ୍ୟୋତିରାଓ ଫୁଲେ ଭାରତର ପ୍ରଥମ ବାଳିକା ବିଦ୍ୟାଳୟର ପ୍ରଥମ ମହିଳା ଶିକ୍ଷୟିତ୍ରୀ । ୧୮୪୮ ମସିହାରେ ସେ ତାଙ୍କ ସ୍ୱାମୀଙ୍କ ସହ ମିଶି ଝିଅମାନଙ୍କ ପାଇଁ ପ୍ରଥମ ବିଦ୍ୟାଳୟ ଖୋଲିଥିଲେ । ଝିଅମାନଙ୍କୁ ଶିକ୍ଷା ଦେବା ପାଇଁ ସଚେତନତା ସୃଷ୍ଟି କରୁଥିବାରୁ ସେ ସମୟର ସମାଜରେ ତାଙ୍କୁ ଖୁବ୍ କଠିନ ପରିସ୍ଥିତି ସାମ୍ନା କରିବାକୁ ପଡ଼ିଥିଲା । ସବୁଦିନ ଘରୁ ସ୍କୁଲକୁ ଯିବା ବେଳେ ତାଙ୍କ ଉପରେ ଅଣ୍ଡା, ଗୋବର, ଟମାଟୋ ଏବଂ ପଥର ମାଡ଼ ହେଉଥିଲା । ୧୮୪୮ ମସିହା ଶେଷ ବେଳକୁ ସେ ପୁନେରେ ୫ଟି ବାଳିକା ବିଦ୍ୟାଳୟ ସ୍ଥାପନ କରିପାରିଥିଲେ । ଏଥିସହ ସେ ବିଧବା ବିବାହ ଓ ଅସ୍ପୃଶ୍ୟତା ନିବାରଣ ଦିଗରେ ମଧ କାର୍ଯ୍ୟ କରୁଥିଲେ ।

*ରବୀନ୍ଦ୍ରନାଥ ଟାଗୋର (୧୮୬୧-୧୯୪୧) :* କବିଗୁରୁ ଭାବରେ ଖ୍ୟାତ ଶ୍ରୀ ଟାଗୋର ଭାରତର ଜଣେ କିମ୍ବଦନ୍ତୀ ପୁରୁଷ । ବିଶ୍ୱ ଦରବାରରେ ଭାରତକୁ ପରିଚିତ କରାଇବାରେ ଅନନ୍ୟ ଭୂମିକା ଥିଲା ତାଙ୍କର । ସେ ପୁରାତନ ଭାରତର ଗୁରୁକୁଳ ସଂସ୍କୃତିକୁ ଫେରାଇ ଆଣିବାକୁ ଚେଷ୍ଟା କରିଥିଲେ । ପଶ୍ଚିମବଙ୍ଗର ଶାନ୍ତି ନିକେତନରେ ତାଙ୍କ ଦ୍ୱାରା ସ୍ଥାପିତ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଗଛ ତଳେ ବସି ପାଠ ପଢୁଥିଲେ । ଶ୍ରୀ ଟାଗୋର ପ୍ରତ୍ୟକ୍ଷ ଭାବରେ ସେମାନଙ୍କ ପାଠପଢ଼ା ଦେଖୁଥିଲେ । ସେ ନୋବେଲ ପୁରସ୍କାରକୁ ଲବ୍ଧ ସମସ୍ତ ଅର୍ଥ ଏହି ବିଶ୍ୱବିଦ୍ୟାଳୟର ଉନ୍ନତି ଓ ପରିଚାଳନାରେ ବ୍ୟୟ କରିଥିଲେ ।

*ପ୍ରେମଚାନ୍ଦ (୧୮୮୦-୧୯୩୬) :* ଖୁବ୍ କମ୍ ଲୋକ ଜାଣନ୍ତି ଆଧୁନିକ ଭାରତୀୟ ସାହିତ୍ୟକୁ ନୂତନ ରୂପ ଦେଇଥିବା ପ୍ରେମଚାନ୍ଦ ପେସାରେ ଜଣେ ଶିକ୍ଷକ ଥିଲେ । ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶରେ ଅନୁପ୍ରାଣୀତ ଥିଲେ ପ୍ରେମଚାନ୍ଦ ।

*ସର୍ବପଲ୍ଲୀ ରାଧାକ୍ରୀଷ୍ଣନ୍ (୧୮୮୮-୧୯୭୫) :* ଭାରତର ପ୍ରଥମ ଉପରାଷ୍ଟ୍ରପତି ତଥା ଦ୍ୱିତୀୟ ରାଷ୍ଟ୍ରପତି ଡଃ ରାଧାକ୍ରୀଷ୍ଣନ୍ ଜଣେ ଶିକ୍ଷକ ଭାବରେ ପରିଚିତ ହେବାରେ ନିଜକୁ ଗୌରବାନ୍ୱିତ ମନେ କରୁଥିଲେ । ମାଡ୍ରାସ ରେସିଡେନ୍ସି କଲେଜରୁ ଆରମ୍ଭ ହୋଇଥିଲା ତାଙ୍କର ଶିକ୍ଷକତା ଜୀବନ । ତାଙ୍କ ଜନ୍ମଦିନ ସେପ୍ଟେମ୍ବର ପାଂଚ ତାରିଖକୁ ଆମ ଦେଶରେ ଶିକ୍ଷକ ଦିବସ ଭାବରେ ପାଳନ କରାଯାଏ ।

*ଅଧକ୍ଷା, ଡ୍ରିମ ଇଣ୍ଡିଆ ସ୍କୁଲ, ସେକ୍ଟର-୧୦, ସିଡ଼ିଏ, କଟକ*

# ସମ୍ପର୍କର ସେତୁ : ଡାକ

◆ ଶେଖ ଫରିଦଉଦ୍ଦିନ

ଡାକିୟା ଡାକ ବାଲା..... ଡାକିଆ ଡାକ ବାଲା...... ଲୋକପ୍ରିୟ ହିନ୍ଦୀ ଚଳଚ୍ଚିତ୍ରର ଗୀତଟି ଏବେ ବି ଜନମାନସରେ ବେଶ୍ ଲୋକପ୍ରିୟ । ବର୍ଷ ବର୍ଷ ଧରି ଇଂଗ୍ରେଜ ମାନଙ୍କ ଶାସନ କାଳରୁ ଲୋକମାନଙ୍କ ଭିତରେ ଭାବଗତ ସମ୍ପର୍କ ଠାରୁ ଆର୍ଥିକ ଦେଣେ ନେଣେ ଜରୁରୀ ଖବର ଠାରୁ ସମସ୍ତ ଅର୍ଥଗତ ତେଣେନେଣେର ଏକମାତ୍ର ବ୍ୟବସ୍ଥା ଥିଲା ଡାକ । ସହରାଂଚଳରେ ପ୍ରଥମେ ବ୍ୟାଙ୍କ ପ୍ରତିଷ୍ଠା ହେବା ପୂର୍ବରୁ ଡାକ ହିଁ ଥିଲା ଲୋକମାନଙ୍କର ସମସ୍ତ ପ୍ରକାର ଯୋଗାଯୋଗର ମାଧ୍ୟମ । ସୁଦୂର ବମ୍ବେ ହେଉ କି ଦିଲ୍ଲୀ ଘରର ରୋଜଗାରିଆ ପୁଅ ଟଙ୍କା ପଠାଉ କିମ୍ବା ଯୁଦ୍ଧ କ୍ଷେତ୍ରରେ ଥିବା ସୈନିକଟି ବାପମାଆଙ୍କ ପାଖକୁ ଆଶ୍ୱାସନା ଓ ପ୍ରବୋଧନାର ପତ୍ରଟି ହେଉ, ରୋଜଗାରିଆ ବାପ ହେଉ କିମ୍ବା ଭାଇ କିମ୍ବା ସ୍ୱାମୀ ଘରକୁ ଟଙ୍କା ପଠାଇବାର ମାଧ୍ୟମ ଥିଲା ଡାକ । ଜରୁରୀ ଟେଲିଗ୍ରାମଟିଏ ହେଉ ବା ଡାକ ଦ୍ୱାରା ଦୈନିକ ଖବର କାଗଜ ଠାରୁ ପତ୍ରପତ୍ରିକା ଓ ଜରୁରୀ ସାମଗ୍ରୀ ପାର୍ସଲ ଦ୍ୱାରା ଡାକ ଦ୍ୱାରା ହିଁ ପରିବହନ ହୋଇଥାଏ । ରାକ୍ଷୀ ଠାରୁ ଭିପିପି ସବୁକିଛିର ମାଧ୍ୟମ ହେଉଛି ଡାକ । ଏହି ଲେଖକ ପିଲାବେଳେ ଗାଁ ସ୍କୁଲରେ ପଢୁଥିଲା ବେଳେ ନୁଆଁଣିଆ ଚାଳଘରେ ଡାକଆସିବା ପର୍ଯ୍ୟନ୍ତ ଲୋକମାନଙ୍କ ଭିଡ଼କୁ ଦେଖିଛି । ପରବର୍ତୀ ସମୟରେ ଘରକୁ ନୂଆ ଚାକିରୀ କଲା ପରେ ଏହି ଲେଖକ ଡାକ ଦ୍ୱାରା ହିଁ ଟଙ୍କା ପଠାଇଛି । ଡାକଘରେ ସଂଚୟ ବ୍ୟବସ୍ଥା ସହ ଆରଡ଼ି ମାଧ୍ୟମରେ ଟଙ୍କା ରଖିବା ଠାରୁ ଫିକ୍ସଡ଼୍ ଡିପୋଜିଟ୍ ସହ କିଶାନ ବିକାଶ ପତ୍ର, ଜରୁରୀ ଟଙ୍କା ରଖିବା ପାଇଁ ଜୀବନ ବୀମା ବ୍ୟବସ୍ଥା ଦ୍ୱାରା ଟଙ୍କା ସଂଚୟ ଏହିପରି ବହୁତ ସୁବିଧା ରହିଛି । ସଂପ୍ରତି ଭାରତୀୟ ଡାକ ବ୍ୟବସ୍ଥା ତାର ସେବାରେ ନିଜକୁ ତ୍ୱରାନ୍ୱିତ କରିପାରିଛି । ବ୍ୟାଙ୍କ ପରି ସୁବିଧା ସୁଯୋଗ ଦେବା ପାଇଁ ଭାରତୀୟ ଡାକଆଜି ଦ୍ରୁତ ଗତିରେ ନିଜର ପ୍ରଗତି ଜାରି ରଖିଛି । ତେବେ ଯାହାହେଉନା କାହିଁକି ଡାକ ବିଡ଼ାର ବୋଝ ଏବେ କମିବାରେ ଲାଗିଛି । ହାତେ ହାତେ ମୋବାଇଲ ଫୋନ୍ ସହ ଘରେ ଘରେ କମ୍ପ୍ୟୁଟରର ଇଂଟରନେଟ ବ୍ୟବସ୍ଥା ଓ ବ୍ୟାଙ୍କର ସଙ୍ଗେ ସଙ୍ଗେ ଟଙ୍କା ମିଳି ପାରୁଥିବା ଏଟିଏମ୍ ବ୍ୟବସ୍ଥା ପ୍ରଚଳନ ହେବାରୁ ଡାକ ବିଭାଗ ଉପରେ ଭାର ଆଉ ପଡୁନାହିଁ । ତେବେ ଡାକ ବ୍ୟବସ୍ଥା ତାର ସ୍ୱତନ୍ତ୍ରତା ଜାରି ରଖିଛି । କେବଳ ଚଳଚ୍ଚିତ୍ରର କାହାଣୀ ନୁହେଁ ବାସ୍ତବ ସମୟକୁ ଦେଖିଲେ ମାଟିଆ ପ୍ୟାଂଟ ସାର୍ଟ ସହ ସେହି ରଙ୍ଗର ଟୋପିଟି ପିନ୍ଧି ସାଇକେଲରେ ଚିଠି ବାଂଟୁଥିବା ଡାକବାଲାଙ୍କ ସାଧୁତା ଓ ସଚ୍ଚୋଟତା ଏ ଯାବତ୍ ଜାରି ରହିଛି । ଭାରତୀୟ ଡାକ ବିଭାଗ ସଂପ୍ରତି ଲୋକମାନଙ୍କୁ ତ୍ୱରିତ ସେବା ଯୋଗାଇ ଦେବା ପାଇଁ ଦ୍ରୁତ ଗତିରେ ବିଭିନ୍ନ ପ୍ରକଳ୍ପ ହାତକୁ ନେଉଛି ଯାହାକି ଖୁସିର କଥା । ତୁରନ୍ତ ରେଜିଷ୍ଟ୍ରି ଚିଠି ଓ ଟେଲିଗ୍ରାମ ଘରେ ପହଂଚାଇବା ସହ ଡାକଘର ମାଧ୍ୟମରେ ଟେଲିଫୋନ ବିଲ୍ ଠାରୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ରାଜସ୍ୱ ଏହି ଡାକଘର ଦ୍ୱାରା ସଂଗୃହୀତ ହେଉଛି । ପ୍ରାୟତଃ ଗ୍ରାମାଂଚଳରେ ଦେଖାଯାଏ ଲୋକମାନେ ଡାକ ବ୍ୟବସ୍ଥା ସହ ନିଜକୁ ଭାବଗତ ଭାବରେ ଯୋଡ଼ି ଥାନ୍ତି । ଟଙ୍କା ଉଠାଣ ବେଳେ ନିଜ ଘରପରି ବିଶ୍ୱାସ ରଖିଛନ୍ତି, ବିଶ୍ୱାସ ରହିଛି ସୁବିଧା ଅସୁବିଧା ବେଳେ ଟଙ୍କା ତ୍ୱରିତ ଭାବରେ ମିଳିପାରିବ । ଭାରତୀୟ ଜୀବନ ବୀମା ପରି ଡାକ ବ୍ୟବସ୍ଥାର ସବୁଠାରୁ ଲୋକପ୍ରିୟ ଜୀବନ ବୀମା ଆଜି କୋଟି କୋଟି ଲୋକଙ୍କ ହୃଦୟ ଜିତି ପାରିଛି । ତଥାପି ଡାକ ବିଭାଗରେ ସମସ୍ୟା ରହିଛି ବହୁତ । ବିଶେଷକରି ଗ୍ରାମାଂଚଳରେ ଅନେକ ଡାକଘରର ଭିତିଭୂମି ଦୁର୍ବଳ । କେଉଁଠି ଟେଲିଫୋନର ସୁବିଧା ନାହିଁ ତ କେଉଁଠି ଟଙ୍କା ରଖିବା ପାଇଁ ସ୍ଥାନଟି ନିରାପଦ ନୁହେଁ । ଭଙ୍ଗା ଦଦରା ଘରେ ଗୁରୁତ୍ୱପୂର୍ଣ୍ଣ କାଗଜ ଦିନକୁ ଦିନ ଭିଜି ଭିଜି ନଷ୍ଟ ହେବାକୁ ଯାଉଛି  ସେହିପରି ଦୁର୍ଭାଗ୍ୟର ପ୍ରସଙ୍ଗ ହେଉଛି ଗୋଟିଏ ଗୋଟିଏ ଡାକ ଘରେ ସଂପୃକ୍ତ ପୋଷ୍ଟମାଷ୍ଟର ନିରୀହ ଲୋକଙ୍କ ପଇସାକୁ ଭୂଆଁ ବୁଲାଇ ସେମାନଙ୍କର ମନିଅର୍ଡ଼ର ଅର୍ଥକୁ ସୁଧ ଲଗାଇ ବହୁତ ଦିନ ପରେ ସେ ଦେଇଥାନ୍ତି । କିଛି ପୋଷ୍ଟମାଷ୍ଟର ଡାକ ଘରେ ଚାକିରୀ କରି ବି ବେପାର ବଣିଜ ଓ ଚାଷରେ ବ୍ୟସ୍ତ ରହି ଲୋକ ମାନଙ୍କୁ ଯଥାର୍ଥ ସୁବିଧା ନ ଦେଉ ଥିବାର ଅଭିଯୋଗ ଗଣମାଧ୍ୟମରେ ପ୍ରକାଶ ପାଉଛି ତେବେ ସଂପ୍ରତି ଡାକବିଭାଗ ଏ ନେଇ ତ୍ୱରିତ ପଦକ୍ଷେପ ନେଇ ଡାକ ସେବାକୁ ଜନାଭିମୁଖୀ କରୁଛନ୍ତି । ଲୋକମାନଙ୍କ ପାଖକୁ ଡାକ ବ୍ୟବସ୍ଥାକୁ ଲୋକପ୍ରିୟ କରି ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି । ସଚେତନ ର୍‌ୟାଲି ଠାରୁ ଦୁଃଶପ୍ରାପ୍ୟ ଡାକ ଟିକେଟର ପ୍ରଦର୍ଶନୀ, ଜୀବନ ବୀମା ପରି ଡାକକ୍ଷେତ୍ରରେ ସ୍ୱଳ୍ପ ସଂଚୟ ଯୋଜନାକୁ ନିଷ୍ଠାପର ଭାବରେ କାର୍ଯ୍ୟ କରୁଛନ୍ତି । ଡାକବିଭାଗର ଏହି ଲୋକପ୍ରିୟ ଯୋଜନା ଦିନକୁ ଦିନ ଲୋକମାନଙ୍କ ଭିତରେ ଗ୍ରହଣୀ ହେଉଥିବା ବେଳେ ବ୍ୟାଙ୍କ ପରି ଡାକଘରେ କିନ୍ତୁ ଆଉ ଭିଡ଼ ନାହିଁ । ନିକଟରେ କେନ୍ଦ୍ର ସରକାରଙ୍କ ଯୋଗାଯୋଗ ବିଭାଗ ବ୍ୟାଙ୍କ ସେବା ପରି ଡାକ ସେବା କ୍ଷେତ୍ରରେ ବିଭିନ୍ନ ତ୍ୱରିତ ସେବା ଯୋଗାଇବାକୁ ବିଭିନ୍ନ କ୍ରାନ୍ତିକାରୀ ଯୋଜନା ହାତକୁ ନେଉଛନ୍ତି ଯାହାକି ଡାକ ବିଭାଗର ସାଧୁତା, ସଚ୍ଚୋଟତା ଓ ନିଷ୍ଠାପରତାର ପ୍ରମାଣ । ତେବେ ଯାହାହେଉନା କାହିଁକି ବର୍ଷ ବର୍ଷ ଧରି ସାଧାରଣ ଲୋକଙ୍କର ବ୍ୟାଙ୍କ ପାଲଟିଥିବା ଡାକସେବା ଆଜି ବି ସୁଦ୍ଧା ସ୍ୱତନ୍ତ୍ରତା ବଜାୟ ରଖିଛି




*ଦୂରସଂଚାର ଭବନ, ଲିଙ୍କରୋଡ଼, କଟକ : ୯୪୩୭୦୦୪୮୮୮*

# ଉପହାସ

◆ ରାମଚନ୍ଦ୍ର ବେହେରା

ଉପହାସ ଏକ ଶାଣିତ କଟୁକ୍ତି
　　ଅନ୍ୟକୁ କ୍ରୋଧିତ କରେ
ଅହଂକାର ଭାବ ଯା'ପରାଣେ ଥାଏ
　　ତାକୁ ମନ୍ଦ ବୁଦ୍ଧି ଘାରେ
　　ଅନ୍ୟର ମଜା ଉଡାଏ
ଶ୍ରେଷ୍ଠ ଜ୍ଞାନୀ ବୋଲି ନିଜକୁ ମଣି ସେ
　　ଅନ୍ୟର ଲୁହ ଝରାଏ ।
ନିଜ ସ୍ୱାର୍ଥ ପାଇଁ ଉପହାସ ରଚି
　　ଅନ୍ୟକୁ ନିରାଶା କରେ
ଅନ୍ୟ ସଫଳତା ଅସହ୍ୟ ଲାଗିଲେ
　　ନିଜେ କ୍ରୋଧାଗ୍ନିରେ ଜଳେ
　　ଜିତୁ ଜିତୁ ସିଏ ହାରେ
ଥଟ୍ଟା ପରିହାସ ତାଚ୍ଛଲ୍ୟ କରି ସେ
　　ନିଜ ଗୋଡ ନିଜେ ହାଣେ ।
ସମ୍ମାନ ବଦଳେ ସମ୍ମାନ ମିଳଇ
　　ଗୀତା ଭାଗବତ କୁହେ
ସଭିଂକ ଦକ୍ଷତା ସଭିଂକ ପ୍ରତିଭା
　　ଜଗତରେ ସମ ନୁହେଁ
　　ଭାବକୁ ଆୟତ କର
ସଭିଂକ ହୃଦୟେ ଈଶ୍ୱର ଅଛନ୍ତି
　　ଧ୍ୟାନ ଦିଅ ଜ୍ଞାନୀ ନର ।
କରି ଉପହାସ ଯଦୁବଂଶ ନାଶ
　　ପୁରାଣରେ ଲିପିବଦ୍ଧ
ଉପହାସ କରେ ସମ୍ପର୍କକୁ ଛିନ୍ନ
　　ଏହା ଚିରନ୍ତନ ସତ୍ୟ
　　ଭାବକୁ ସମ୍ଭାଳି ରଖ
ଅନ୍ୟର ପରାଣେ ସୁଖ ଶାନ୍ତି ଭରି
　　ଜଗତରେ ରଖ ଟେକ ।

*ତେନ୍ତୁଳିପଦା,ଜଗତସିଂହପୁର,ମୋ-୭୩୫୫୬୩୪୩୪୬*

# ଶିଶୁ ସ୍ୱାସ୍ଥ୍ୟରେ ପୁଷ୍ଟିର ସହାୟକତା

◆ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ପ୍ରତିବର୍ଷ ସେପ୍ଟେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ଜାତୀୟ ପୁଷ୍ଟି ସପ୍ତାହ ପାଳିତ ହୋଇଥାଏ । କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସହ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁବିଭାଗ ଏହି ସପ୍ତାହରେ ବିଭିନ୍ନ ସଚେତନଧର୍ମୀ ଓ ସହାୟତା ଭିତିକ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି । କେନ୍ଦ୍ର ସରକାର ୧୯୮୨ରେ ପ୍ରଥମେ ଏହିଭଳି ସପ୍ତାହ ପାଳନ ଆରମ୍ଭ କରିଥିଲେ । ବିଶେଷକରି ପିଲାମାନଙ୍କର ଅଭିଭାବକମାନେ ଏହି ପୁଷ୍ଟି ପ୍ରସଙ୍ଗକୁ ଅଣହେଳା କରିଥାନ୍ତି । ଏକ ସୁନ୍ଦର ଶିଶୁର ସ୍ୱାସ୍ଥ୍ୟ ତା'ର ପରବର୍ତୀ ବିକଶିତ ବୟୋବୃଦ୍ଧି ପାଇଁ ଯେ ନିତ୍ୟାନ୍ତ ଅପରିହାର୍ଯ୍ୟ ଏହାକୁ ସମସ୍ତେ ହୃଦୟଙ୍ଗମ କରିବା ଉଚିତ । କୁହାଯାଏ ଆଜିର ଶିଶୁଟି ହେଉଛି ଆସନ୍ତା କାଲିର ଭବିଷ୍ୟତ । ହେଲେ ଶିଶୁଟିର ସ୍ୱାସ୍ଥ୍ୟ ଅବସ୍ଥା ଯଦି ଅବହେଳାର ଶିକାର ହୁଏ ତାହାଲେ ପିଲାଟି ଅନେକ ରୋଗର ଶିକାର ହେବା ସହ କେବଳ ତା'ର ଶାରୀରିକ ନୁହେଁ ମାନସିକ ଓ ବୌଦ୍ଧିକ ବିକାଶ ମଧ ବାଧାପ୍ରାପ୍ତ ହୋଇଥାଏ । ତେବେ ଉ□ମ ପୁଷ୍ଟି ପାଇଁ ଜରୁରୀ କଥା ହେଉଛି ନବଜାତ ଶିଶୁପାଇଁ ମାଆର ପ୍ରଥମ କ୍ଷୀର ବା କଷ କ୍ଷୀର ତା' ସ୍ୱାସ୍ଥ୍ୟ ପାଇଁ ଏକ ଦିବ୍ୟ ସଞ୍ଜିବନୀ କହିଲେ ଅତ୍ୟୁକ୍ତି ହେବନାହିଁ । ଏଥିରେ ସମସ୍ତ ପ୍ରକାର ପୌଷ୍ଟିକତା ରହିବା ସହ ବିଶେଷକରି ଶିଶୁପାଇଁ ଏହା ଏକ ପ୍ରକାର ଈଶ୍ୱରପ୍ରଦ□ ରୋଗ ପ୍ରତିରୋଧକ ଶକ୍ତିକାରୀ ଅମୂଲ୍ୟ ଜିନିଷଟି । ନୂଆ ଜନ୍ମ ହୋଇଥିବା ପିଲାକୁ ପ୍ରଥମ ଛଅମାସ କେବଳ ମାଆ କ୍ଷୀର ନିହାତି ଜରୁରୀ । ଶିଶୁଟି ଯେତେଥର ଚାହୁଁଛି ମାଆମାନେ ପିଲାଙ୍କୁ ସ୍ତନ୍ୟପାନ ପ୍ରଦାନ କରନ୍ତୁ । ଶିଶୁଟିର ବୟସ ଛଅମାସ ପରେ ହେଲେ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଘରୋଇ ପ୍ରସ୍ତୁତ ଖାଦ୍ୟ ଦିଅନ୍ତୁ । ତେବେ ଏହାସହିତ ଦୁଇ ବର୍ଷ ଯାଏ ପିଲାଟି ଯେପରି ମାଆ କ୍ଷୀର ପାଏ ଏ କ୍ଷେତ୍ରରେ ମାଆମାନେ ଯତ୍ନବାନ ହେବା ଜରୁରୀ । କେହି କେହି ମାଆକ୍ଷୀର ଅପେକ୍ଷା ବଜାର ପ୍ରସ୍ତୁତ ଡବା ପାଉଡର, ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଦେବାକୁ ଚାହିଁଥାନ୍ତି କିନ୍ତୁ ମନେରଖିବା କଥା ଯେ, ମାଆ କ୍ଷୀର ପରି କୌଣସି ଖାଦ୍ୟ ପଦାର୍ଥ ତୁଳନୀୟ ନୁହେଁ । ବିଶେଷକରି ମାଆମାନେ ଯତ୍ନବାନ ହେବା କଥା



ଯେ ଶିଶୁଟି ଯେଉଁ ଖାଦ୍ୟ ଖାଉଛି ସେଥିରେ ସବୁଜ ଶାଗ, ତଟକା ପନିପରିବା, ଫଳ, ତେଲ, ଚିନି, ଗୁଡ଼, ବାଦାମ ଓ ଆୟୋଡ଼ିନ୍‌ଯୁକ୍ତ ଲୁଣ ଯେପରି ସାମିଲ ହେବ । ଓଡ଼ିଆ ଘରର ଚଳଣିରେ ଅଧିକାଂଶ ଗାଁଗଣ୍ଡାର ମାଆ ମାନେ ପିଲାଟିର ସ୍ୱାସ୍ଥ୍ୟକୁ ଯତ୍ନରେ ରଖି ନିଜ ଖାଦ୍ୟ ଓ ବିଶ୍ରାମକୁ ପଛରେ ପକାଇ ଦେଇଥାନ୍ତି ଏହା କିନ୍ତୁ ଠିକ୍ ନୁହେଁ । ଶିଶୁକୁ କ୍ଷୀର ଦେଉଥିବା ମାଆମାନେ ନିର୍ଦ୍ଦିଷ୍ଟ ସମୟର ବିଶ୍ରାମ ସହିତ ସେମାନେ ଯେପରି ପୁଷ୍ଟିକର ଖାଦ୍ୟ ଖାଇବେ ସେଥିପ୍ରତି ଯତ୍ନବାନ ନିହାତି ଜରୁରୀ କାରଣ ମାଆଟିର ସ୍ୱାସ୍ଥ୍ୟ ସୁରକ୍ଷିତ ରହିଲେ ଶିଶୁଟିର ମଧ ସେହିପରି ଭାବରେ ଉ□ମ ଅଭିବୃଦ୍ଧି ଓ ବିକାଶ ସମ୍ଭବ ହୋଇପାରିବ । ପିଲାମାନେ ବିଶେଷକରି ନବଜାତ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ବେଳେ ପରିପାର୍ଶ୍ୱିକ କ୍ଷେତ୍ରକୁ ଦୃଷ୍ଟି ଦେବା ଅତ୍ୟନ୍ତ ଅପରିହାର୍ଯ୍ୟ । କାରଣ ବିଭିନ୍ନ ରୋଗ ସଂକ୍ରମଣ ହେତୁ ଅଣଦେଖା କରିଦିଅନ୍ତି । ପିଇବା ପାଣି ବି ଯେପରି ନିଶ୍ଚିନ୍ତ ଭାବରେ ଭଲଭାବରେ ଫୁଟା ଯାଇଥିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ପିଲାଟିକୁ ପିନ୍ଧାଉଥିବା ପୋଷାକ ଯେପରି ଭଲ ଭାବରେ ସଫା ହୋଇ ସୂର୍ଯ୍ୟକିରଣ ଦ୍ୱାରା ଶୁଖିଥିବ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ । କେହି କେହି ପିଲାମାନଙ୍କର ଲୁଗାପଟାକୁ ଫ୍ୟାନରେ ବା ଡ୍ରାସିଂମେସିନର ଗରମରେ ଶୁଖାଇବାକୁ ପସନ୍ଦ କରିଥାନ୍ତି । କିନ୍ତୁ ଏହା ଆଦୌ ଠିକ୍ ନୁହେଁ । କାରଣ ପୋଷାକରେ ଯଦି ଆର୍ଦ୍ରତା ରହିବ ପିଲାଟି ଥଣ୍ଡା ଜ୍ୱରର ଶିକାର ହେବାର ସମ୍ଭାବନା ଅଛି । ସେହିପରି ଖାଦ୍ୟ ପ୍ରସ୍ତୁତି ସମୟରେ ଭଲ ଭାବରେ ଗରମ ହୋଇଥିବା ଖାଦ୍ୟକୁ ଶୀତଳ କରି ପିଲାମାନଙ୍କୁ ଖାଇବାକୁ ଦିଅନ୍ତୁ । ବଜାରର ପନିପରିବା ଅପେକ୍ଷା ନିଜ ବାଡ଼ିର ବା ଘରୋଇ ପ୍ରସ୍ତୁତ ପରିବା ଯଥା ଅମୃତଭଣ୍ଡା, କଦଳୀ, ସଜନା ଛୁଇଁ, ଶାଗ ଦେଇପାରନ୍ତି । ଗାଜର ବିଟ ବି ଭଲ । ସେହିପରି ପିଲାମାନଙ୍କୁ ତଟକା ଫଳ ଖୋଇବାର ଅଭ୍ୟାସ ରଖନ୍ତୁ କିମ୍ବା ନିଜେ ଘରେ ଜୁସ୍ ତିଆରି କରି ପିଇବାକୁ ଦିଅନ୍ତୁ । ଛୋଟ ପିଲାଙ୍କୁ ଖାଇବାକୁ ଦେବାବେଳେ ଖାଦ୍ୟକୁ ଭଲ ଭାବରେ ଚକଟି ଦିଅନ୍ତୁ । ପିଲା ମାନଙ୍କ ପାଇଁ ଚୁଡ଼ାରେ ପ୍ରସ୍ତୁତ ପାଉଡର ଖୁବ୍ ଭଲ । ଡାଲି ଭିତରେ ହରଡ଼ ଡାଲି, ମୁଗଡାଲି ଭଲ । ତେବେ ଡାଲି ପାଣିଟି ପିଲାମାନଙ୍କ ପାଇଁ ଖୁବ୍ ଭଲ । ପିଲାବେଳୁ ଶିଶୁଟିକୁ ରକ୍ତହୀନତାର ସମସ୍ୟାରୁ ଦୂରେଇବା ପାଇଁ ଏହାର ପ୍ରତିରୋଧ ନିମନ୍ତେ ଗର୍ଭବତୀ ମହିଳା ମାନେ ଓ ପ୍ରସୂତୀ ମାଆ ମାନେ ପ୍ରଚୁର ଲୌହସାରଯୁକ୍ତ ଖାଦ୍ୟ ଖାଆନ୍ତୁ ଓ ପିଲାଟିକୁ ମଧ ଦିଅନ୍ତୁ । ସରକାର ଲୌହସାର ଯୁକ୍ତ ବଟିକା ଓ ବିଭିନ୍ନ ପୁଷ୍ଟିକର ଅଭିବୃଦ୍ଧି ପାଇଁ ମାଗଣା ଔଷଧ ପ୍ରଦାନ କରୁଛନ୍ତି ଏହାର ସୁଯୋଗ ନିଅନ୍ତୁ । ପିଲାଟି ଯେପରି ଆୟୋଡ଼ିନ୍‌ଯୁକ୍ତ ଲୁଣ ଖାଉଥାଏ ସେ ଦିଗଟିକୁ ଦେଖନ୍ତୁ । ସମାଜର ସାମଗ୍ରୀକ ଆଗାମୀ ଭବିଷ୍ୟତର ବିକାଶ ପାଇଁ ଆଜିର ଶିଶୁମାନଙ୍କ ସ୍ୱାସ୍ଥ୍ୟଗତ ଦିଗ ଓ ପୁଷ୍ଟି ସାଧନ କ୍ଷେତ୍ରକୁ ଗୁରୁତ୍ୱ ଦେଇ ଏହାକୁ ପାଳନ କଲେ ଏହି ଜାତୀୟ ପୁଷ୍ଟି ସପ୍ତାହର ପ୍ରାସଙ୍ଗିକତାର ଗୁରୁତ୍ୱ ବଢ଼ିପାରିବ ।

*ସହଯୋଗୀ ପ୍ରଫେସର, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ, ୯୪୩୭୧୨୪୦୭୪୧-୭*











# ଭୋଟର ତାଲିକାରେ ନାମ ସାମିଲ ପାଇଁ ୨୦୦୨ ମସିହା ତଥ୍ୟ ବାଧ୍ୟତାମୂଳକ ନୁହେଁ: ଜିଲ୍ଲାପାଳଙ୍କ ସୂଚନା

ମାଲକାନଗିରି : (ନିପ୍ର) ମାଲକାନଗିରି ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପ୍ରକ୍ରିୟା ସଫଳତାର ସହ ସମାପ୍ତ ହୋଇଥିବା ପରିପ୍ରେକ୍ଷୀରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରେସ ନୋଟ ଜାରି କରାଯାଇଛି । ଏହି ନୂତନ ନିୟମାନୁଯାୟୀ, ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଆବେଦନ ପ୍ରକ୍ରିୟାକୁ ପୂର୍ବ ଅପେକ୍ଷା ଯଥେଷ୍ଟ ସରଳ ଓ ସୁଗମ କରାଯାଇଛି । ଏସଆଇଆର ସମୟରେ ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରୁ ବାଦ ପଡ଼ିଥାଏ, ତେବେ ପୁନର୍ବାର ନାମ ଯୋଡ଼ିବା ପାଇଁ ଫର୍ମ-୬ ଦାଖଲ କରିବା ବେଳେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ କିମ୍ବା ଆବେଦନକାରୀଙ୍କ ପିତାମାତା, ଜେଜେବାପା/ଜେଜେମାଆଙ୍କ ନାମ ୨୦୦୨ ତାଲିକାରେ ଥିଲା କି ନାହିଁ ସେ ନେଇ କୌଣସି ପ୍ରମାଣ ଦେବାକୁ ପଡ଼ିବ ନାହିଁ । ଭାରତ ନିର୍ବାଚନ ଆୟୋଗ (ଇସିଆଇ) ଫର୍ମ-୬ରୁ ଏହି ଅତିରିକ୍ତ ଘୋଷଣାନାମାକୁ ସମ୍ପୂର୍ଣ୍ଣ ଭାବେ ହଟାଇ ଦେଇଛନ୍ତି, ଯାହାଦ୍ୱାରା ଯୋଗ୍ୟ ନାଗରିକମାନେ କୌଣସି ଅତିରିକ୍ତ ଶପଥପତ୍ର ବିନା ସାଧାରଣ ପ୍ରକ୍ରିୟାରେ ନିଜର ଆବେଦନ କରିପାରିବେ । ତେବେ କେବଳ ଫର୍ମ-୬ ଦାଖଲ କରିଦେଲେ ସ୍ୱତଃସ୍ଫୂର୍ତ୍ତ ଭାବେ ନାମ ସାମିଲ ହେବ ନାହିଁ । ନିର୍ବାଚନ କର୍ତ୍ତୃପକ୍ଷ ଆବେଦନକାରୀଙ୍କ ଯୋଗ୍ୟତା ଏବଂ ଦାଖଲ କରାଯାଇଥିବା ଦସ୍ତାବିଜଗୁଡ଼ିକର କଠୋର ଯାଂଚ କରିବା ପରେ ହିଁ ନାମ ଅନ୍ତର୍ଭୁକ୍ତି ସମ୍ବନ୍ଧରେ ଅନ୍ତିମ ନିଷ୍ପତି ନେବେ । ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ବର୍ତ୍ତମାନର ଭୋଟର ତାଲିକାରେ ନାହିଁ, ସେମାନେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ଆବେଦନ କରିପାରିବେ । ଏକ ନିର୍ଭୁଲ, ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତ କରିବା ସହ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ଭାବେ ପଞ୍ଜୀକରଣର ସୁଯୋଗ ଦେବା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରାଯାଇଛି ।

## ପଂଚମ ଓ ତୃତୀୟ ଶ୍ରେଣୀ ବୃତି ପରୀକ୍ଷା ସମ୍ପନ୍ନ

ମାଲକାନଗିରି :(ନିପ୍ର) ଜିଲ୍ଲାର ୭ଗୋଟି ବ୍ଲକମାଲକାନଗିରି, କାଲିମେଳା, କୋରୁକୋଣ୍ଡା, ମାଥିଲି, ଖାଇରପୁଟ, କୁଡୁମୁଲୁଗୁମ୍ମା ଓ ପଡ଼ିଆ ବ୍ଲକରେ ପଂଚମ ଓ ତୃତୀୟ ଶ୍ରେଣୀ ବୃତି ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହ ଆୟୋଜିତ ହୋଇଯାଇଛି ।ଜିଲ୍ଲା ଶିକ୍ଷା ଅଧିକାରୀ ଚିତରଞ୍ଜନ ପାଣିଗ୍ରାହୀଙ୍କ ତତ୍ୱାବଧାନରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ସମସ୍ତ ପରୀକ୍ଷା କେନ୍ଦ୍ରରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ , ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜଗନ୍ନାଥ ପ୍ରସାଦ ବେହେରା ଓ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ସିଆରସିସି, ପ୍ରଧାନ ଶିକ୍ଷକ ମାନେ ଉପସ୍ଥିତ ରହି ପରୀକ୍ଷା ପରିଚାଳନା କରିଥିଲେ । ଏହି ପରୀକ୍ଷାରେ ପଂଚମ ବୃତି ନିମନ୍ତେ ୧୧୮୪ଜଣ ଓ ତୃତୀୟ ବୃତି ନିମନ୍ତେ ୧୪୩୧ ମେଧାବୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପରୀକ୍ଷା ସୁରୁଖୁରୁରେ ଶେଷ ହୋଇଥିବାରୁ ଅଭିଭାବକ ଓ ଶିକ୍ଷକ ମହଲରେ ଖୁସି ପ୍ରକାଶ ପାଇଛି ।

# ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ଛୋଟ କାର୍ ଡଷ୍ଟବିନ୍ ପ୍ରକଳ୍ପର ଶୁଭାରମ୍ଭ

ବାରିପଦା : ପବିତ୍ର ଗାନ୍ଧୀ ଜୟନ୍ତୀଅବସରରେ ସ୍ୱଚ୍ଛ ଭାରତ ଅଭିଯାନଅଧୀନରେ ବାରିପଦାସ୍ଥିତ ଗାନ୍ଧୀ ପାର୍କଠାରେ ଛୋଟ କାର୍ ଡଷ୍ଟବିନ୍ ପ୍ରକଳ୍ପର ଶୁଭାରମ୍ଭକରାଯାଇଛି । କାର୍ ଅଳିଆ ଆବର୍ଜନା ନ ପକାଇ ସୁବିଧାଜନକ ଭାବରେ ଡଷ୍ଟବିନ୍‌ରେ ପକାଇବା ସହିତ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ପ୍ରତି ଜନସାଧାରଣଙ୍କୁ ସଚେତନ କରିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ହେମକାନ୍ତ ସା, ଓଇଏ , ଆରକ୍ଷୀ ଅଧୀକ୍ଷକ ଶ୍ରୀ ବରୁଣ ଏଙ୍କଭଗ୍ୱଙ୍କଗ୍ୱଲ୍ଲୀ , ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ଭାରତୀ ହାଁସଦା , ପୌରପାଳ ଶ୍ରୀ କୃଷ୍ଣାନନ୍ଦ ମହାନ୍ତି , ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଈଶ୍ୱର ନାଏକ ,



ବାରିପଦା ପୌରପାଳିକାର ନିର୍ବାହୀ ଅଧିକାରୀ , ଲାୟନ୍ସ କ୍ଲବ୍ ଅଫ୍ ବାରିପଦାର ସଦସ୍ୟବୃନ୍ଦ, ଏବଂ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । ଏହି ପ୍ରକଳ୍ପ ସ୍ୱଚ୍ଛ ଭାରତର ଲକ୍ଷ୍ୟକୁ ଆହୁରି ସୁଦୃଢ଼ କରିବା ସହିତ କାର୍ ଚାଳକ ଓ ଯାତ୍ରୀମାନଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରିବା ଦିଗରେ ଏକ ସାର୍ଥକ ପଦକ୍ଷେପ । ଛୋଟ କାର୍ ଡଷ୍ଟବିନ୍‌ଗୁଡ଼ିକ କାର୍ ଅଳିଆ ଆବର୍ଜନାକୁ ସୁବିଧାଜନକ ଭାବରେ ସଂଗ୍ରହ କରିବାରେ ସହାୟକ ହେବ । ଉପସ୍ଥିତ ଅତିଥିମାନେ ଲାୟନ୍ସ କ୍ଲବ୍ ଅଫ୍ ବାରିପଦାର ଏହି ଅଭିନବ ପଦକ୍ଷେପକୁ ପ୍ରଶଂସା କରିବା ସହିତ ସ୍ୱଚ୍ଛ ବାରିପଦା ଗଠନ ପାଇଁ ସମସ୍ତଙ୍କର ସକ୍ରିୟ ସହଯୋଗ ଓ ଅଂଶଗ୍ରହଣଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଲାୟନ୍ସ କ୍ଲବ୍ ଅଫ୍ ବାରିପଦାର ସଭାପତି ଲାୟନ୍ ହେମନ୍ତ ଶାହ କହିଥିଲେ ଯେ, ଏହି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ବାରିପଦା ସହର ଏବଂ ଏହାର ଆଖପାଖ ଅଂଚଳରେ ୫୦୦ଟି ଛୋଟ କାର୍ ଡଷ୍ଟବିନ୍ ମାଗଣାରେ ବ[ନ କରାଯିବ । ଏହି ପଦକ୍ଷେପ ମାଧ୍ୟମରେ ଲୋକମାନଙ୍କୁ କାର୍ ଚଳାଇବା ସମୟରେ ରାସ୍ତାରେ କିମ୍ବା ସର୍ବସାଧାରଣ ସ୍ଥାନରେ ଅଳିଆ ନ ପକାଇ, କାର୍ ଡଷ୍ଟବିନ୍ ବ୍ୟବହାର କରିବା ପାଇଁ ପ୍ରୋତ୍ସାହିତକରାଯିବ । ଏହା ମାଧ୍ୟମରେ ସ୍ୱଚ୍ଛତା ଓ ନାଗରିକ ଦାୟିତ୍ୱବୋଧର ଏକ ସୁଦୃଢ଼ ସଂସ୍କୃତି ଗଠନ କରିବାକୁ ଲକ୍ଷ୍ୟ ରଖାଯାଇଛି । ଲାୟନ୍ସ କ୍ଲବ୍ ଅଫ୍ ବାରିପଦାସମାଜସେବା କ୍ଷେତ୍ରରେ ଏଭଳି ଅର୍ଥପୂର୍ଣ୍ଣ ପଦକ୍ଷେପ ଜାରି ରଖିବା ସହିତ ସ୍ୱଚ୍ଛ, ସବୁଜ ଓ ସୁସ୍ଥ ବାରିପଦା ଗଠନର ଲକ୍ଷ୍ୟ ପ୍ରତି ନିଜର ପ୍ରତିବଦ୍ଧତା ଜାରି ରଖିବ ।

# ଜନସେବାର ୨୫ ବର୍ଷ ପୂର୍ତି: ମାଲକାନଗିରିରେ ସେବା ଜ୍ୟୋତି ଯାତ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି ;ଯୋଗଦେବେ ୨ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ

ମାଲକାନଗିରି : (ନିପ୍ର) ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ଜୀବନ ଓ ଜନସେବାର ସଫଳ ୨୫ ବର୍ଷ ପୂର୍ତି ଅବସରରେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ଅକ୍ଟୋବର ୭ ତାରିଖରେ ଏକ ବିଶାଳ ସେବା ଜ୍ୟୋତି ଯାତ୍ରା ଏବଂ ବିକଶିତ ଭାରତ ସଂକଳ୍ପ ସଭା ଆୟୋଜିତ ହେବାକୁ ଯାଉଛି । ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ସଫଳତାକୁ ତୃଣମୂଳ ସ୍ତରରେ ପହଂଚାଇବା ସହ ସମାଜର ପ୍ରତ୍ୟେକ ବର୍ଗଙ୍କୁ ବିକଶିତ ଭାରତ ୨୦୪୭ ସଂକଳ୍ପ ସହିତ ଯୋଡ଼ିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଅକ୍ଟୋବର ୭ ସକାଳ ୭ ଘଟିକାରେ ମାଲ୍ୟବନ୍ତ ଛାତ୍ରାବାସ ପରିସରରୁ ଏହି ଯାତ୍ରା ଶୁଭାରମ୍ଭ ହୋଇ ଆଇ. ଏମ. ଏସ. ଟି ଛକ, ବାଲିମେଳା ଛକ ଓ ମେନ୍ ରୋଡ୍ ଦେଇ ସ୍ପୋର୍ଟସ



କମ୍ପ୍ଲେକ୍ସ ପର୍ଯ୍ୟନ୍ତ ପରିକ୍ରମା କରିବ । ଏହି ସମାବେଶରେ ଜିଲ୍ଲାର ୭ଟି ବ୍ଲକରୁ ମୋଟର ସାଇକେଲ ଶୋଭାଯାତ୍ରା ମାଧ୍ୟମରେ ପ୍ରତିନିଧିମାନେ ଆସି ପହଂଚିବେ । ଏହାସହ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ, ମୋ ଭାରତ ସଂଘ ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏବଂ ସରକାରୀ ଅଧିକାରୀଙ୍କୁ ମିଶାଇ ପ୍ରାୟ ୨,୦୦୦ରୁ ଉର୍ଦ୍ଧ୍ୱ ଲୋକ ଏହି ଯାତ୍ରାରେ ଅଂଶଗ୍ରହଣ କରିବେ । ଯାତ୍ରା ଶେଷରେ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ବିକଶିତ ଭାରତ ସଂକଳ୍ପ ସଭା ଅନୁଷ୍ଠିତ ହେବ । ଏହି ବିଶାଳ ସମାବେଶକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୂରଦର୍ଶନ ଶ୍ରାବ୍ୟ-ଦୃଶ୍ୟ ମାଧ୍ୟମରେ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ବିକଶିତ ଭାରତ ୨୦୪୭ ନିର୍ମାଣ ପାଇଁ ସମୂହ ଶପଥ ପାଠ, ବନ୍ଦେ ମାତରମ୍ ଗାନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ । ଏଥିସହିତ ସ୍ପୋର୍ଟସ କମ୍ପ୍ଲେକ୍ସ ନିକଟସ୍ଥ ପାର୍କିଂ ପ୍ଲେସ୍ ରେ ଏକ ବିଶାଳ ଆକର୍ଷଣୀୟ ଝୋଟି ଅଙ୍କନ କରାଯିବ । ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଉପଜିଲ୍ଲାପାଳଙ୍କ ସମେତ ବିଭିନ୍ନ ସରକାରୀ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନା ତୁରୁକ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିବା ବେଳେ ସମସ୍ତ ବିଭାଗକୁ ସେମାନଙ୍କ ଦାୟିତ୍ୱ ବଂଟନ କରାଯାଇଛି ।

## ପଥପ୍ରାନ୍ତ ନାଟକ ଅନୁଷ୍ଠିତ

ସୋର : (ସପ୍ର)- ସୋର ବ୍ଲକ କୁଡ଼େଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡ଼କ୍ରସ ଓ ଜାତୀୟ ସେବା ଯୋଜନା ପକ୍ଷରୁ ଓଡ଼ିଶା ସରକାର ତଥା ପଂଚାୟତ ସମିତି ସୋରଙ୍କ ନିର୍ଦ୍ଦେଶରେ 'ସେବା ସଂକଳ୍ପ ଅଭିଯାନ' ଅବସରରେ ଏକ ସଂଗୀତମୟ ପଥପ୍ରାନ୍ତ ନାଟକ 'ମା ଖୋଜେ ମମତା ଓ ନାରୀ ସଶକ୍ତିକରଣ' ନଦୀଗାଁ ବଜାରରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ତିନି ଶହରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କ ସହ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ କରୁଣାକର ସାହୁ ଓ ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ପଥପ୍ରାନ୍ତ ନାଟକ ପୂର୍ବରୁ ଜାତୀୟ ସେବା ଯୋଜନାର କାର୍ଯ୍ୟ ନିର୍ଘଂଟ ଅଧିକାରିଣୀ ଜ୍ୟୋସ୍ନାରାଣୀ ପାତ୍ର ଓ ଯୁବ ରେଡ଼କ୍ରସର କାର୍ଯ୍ୟକାରିଣୀ ଅଧିକାରିଣୀ ମଧୁସ୍ମିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ଏବଂ ନଦୀଗାଁରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅଧାପିକା ଅନ୍ନପୂର୍ଣ୍ଣା ମିଶ୍ର, ଇତିଶ୍ରୀ ଦାସ ଓ ନବୀନ ବାରିକ ସହଯୋଗ କରିଥିଲେ ।

# ଦରମା ଲକ୍ଷେ, ଖର୍ଚ୍ଚ ଶୂନ: ସରକାରୀ ବିଦ୍ୟୁତରେ ଗଡୁଛି ବାବୁଙ୍କ 'ଇ-ବାଇକ୍', ରୋଗୀଙ୍କୁ ମିଳୁନି ନେବୁଲାଇଜର୍

ବେତନଟୀ(ନିପ୍ର): ରାଜ୍ୟ ରାଜକୋଷରୁ ପ୍ରତିମାସରେ ମୋଟା ଅଙ୍କର ଦରମା ନେଉଛନ୍ତି, କିନ୍ତୁ ନିଜ ଘରର ବିଜୁଳି ବିଲ୍ ବଂଚାଇବାକୁ ସରକାରୀ ସମ୍ପତିକୁ ବ୍ୟକ୍ତିଗତ ମାଲିକାନା ଭାବେ ବ୍ୟବହାର କରୁଛନ୍ତି । ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଂଚଳରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ କିଛି ବାବୁଙ୍କ ଏଭଳି କାର୍ଯ୍ୟକଳାପ ଏବେ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି । ସାଧାରଣ ଲୋକଙ୍କ ଟିକସ ପଇସାରେ ଚାଲୁଥିବା ସରକାରୀ ଦପ୍ତରଗୁଡ଼ିକ ଏବେ ଅଧିକାରୀ ଓ କର୍ମଚାରୀଙ୍କ ବ୍ୟକ୍ତିଗତ ଇ-ବାଇକ୍ ଚାର୍ଜିଂ ଷ୍ଟେସନରେ ପରିଣତ ହୋଇଛି । ଏହି ଅଭ୍ୟାସ କୌଣସି ଗୋଟିଏ କି ଦୁଇ ଦିନର ନୁହେଁ, ବରଂ ବର୍ଷର ୧୨ ମାସ ପ୍ରାୟ ପ୍ରତ୍ୟେକ ଦିନ ଦେଖିବାକୁ ମିଳୁଛି । ବେତନଟୀ କଲେଜ ଓ ପୋଲିସ ଉପଖଣ୍ଡ ଅଧିକାରୀଙ୍କ (ଏସଡିପିଓ) କାର୍ଯ୍ୟାଳୟ ନିକଟସ୍ଥ ଜିଲ୍ଲା କୃଷି କାର୍ଯ୍ୟାଳୟ ଏବଂ ବେତନଟୀ ବ୍ଲକ କୃଷି କାର୍ଯ୍ୟାଳୟରେ ଏଭଳି ଦୃଶ୍ୟ ନିତିଦିନିଆ ହୋଇପଡ଼ିଛି । ଅଧିକାରୀମାନେ ଅଫିସ ଆସିବା କ୍ଷଣି ନିଜ ବ୍ୟକ୍ତିଗତ ବୈଦ୍ୟୁତିକ ଦୁଇଚକିଆ ଯାନଗୁଡ଼ିକୁ ସରକାରୀ ପ୍ଲଗ୍ ପଏଂଟରେ ଲଗାଇ ଦେଉଛନ୍ତି । ସରକାରୀ ତହବିଲ୍‌ରୁ ବିଦ୍ୟୁତ୍ ବିଲ୍ ପଇଠ ହେଉଥିବାରୁ ଏହି କର୍ମଚାରୀମାନେ ଟିକିଏ ହେଲେ ସଂକୋଚ ବୋଧ କରୁନାହାନ୍ତି । ଅନ୍ୟପଟେ ସବୁଠାରୁ ଦୁର୍ଭାଗ୍ୟଜନକ ଚିତ୍ର ସାମ୍ନାକୁ ଆସିଛି ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ । ଏହି ଡାକ୍ତରଖାନାରେ କର୍ମଚାରୀଙ୍କ ଗାଡ଼ି ଚାର୍ଜ ପାଇଁ ବିଜୁଳିର ଅଭାବ ନଥିବା ବେଳେ ଗୁରୁତର ରୋଗୀଙ୍କ ଜୀବନ ସହ ଖେଳ ଖେଳାଯାଉଛି । ଡାକ୍ତରଖାନାରେ ଅଧଡର୍ଜନ ଇନଭର୍ଟର ଓ ଏକ ଶକ୍ତିଶାଳୀ ଜେନେରେଟର ମହଜୁଦ ଥିବା ସତେବିଜୁଳି ଚାଲିଗଲେ ତାହା ଚାଲୁ କରାଯାଉନାହିଁ । ଶ୍ୱାସକ୍ରିୟାରେ କଷ୍ଟ ପାଉଥିବା ଛୋଟ ପିଲା ଓ ବୃଦ୍ଧ ରୋଗୀଙ୍କୁ ନେବୁଲାଇଜର ଦେବା ପାଇଁ ବିଦ୍ୟୁତ ନଥିବା ଆଳ ଦେଖାଇ ଘଂଟା ଘଂଟା ଅପେକ୍ଷା କରାଯାଉଛି । ବାବୁଙ୍କ ସୁବିଧା ପାଇଁ ସବୁ ନିୟମ ଶିଥିଳ, ମାତ୍ର ମୁମୂର୍ଷୁ ରୋଗୀଙ୍କ ପାଇଁ ବ୍ୟବସ୍ଥା ନିରବ । ଏହି ସମଗ୍ର ଘଟଣା ଓଡ଼ିଶା ସରକାରଙ୍କ ତଥାକଥିତ ସ୍ୱଚ୍ଛ ଶାସନ ଓ ଉତରଦାୟିତ୍ୱ ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଜିଲ୍ଲା ପ୍ରଶାସନର ଆଖି ଆଗରେ ସରକାରୀ ସମ୍ବଳର ଏଭଳି ଖୋଲାଖୋଲି ଅପବ୍ୟବହାର ଚାଲିଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ରହସ୍ୟଜନକ ଭାବେ ନୀରବତା ଅବଲମ୍ବନ କରିଛି । ସରକାରୀ ଚାକିରିର ସୁଯୋଗ ନେଇ ନିଜ ପକେଟ୍ ଗରମ ରଖିବା ଏବଂ ଜନସାଧାରଣଙ୍କ ମୌଳିକ ସେବାକୁ ଅଣଦେଖା କରିବା କେବଳ ନୈତିକତାର ଅଧୋପତନ ନୁହେଁ, ବରଂ କର୍ତବ୍ୟରେ ଚରମ ଖିଲାପ । ଜିଲ୍ଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସମ୍ପୃକ୍ତ କାର୍ଯ୍ୟାଳୟଗୁଡ଼ିକ ଉପରେ ଚଢ଼ାଉ କରିବା ସହ ଏଭଳି ଅମାନିଆ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ।

# ଡକ୍ଟର ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଦମ୍ପତିଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ

ସୋର : (ସପ୍ର)- ଗତ ୨୦୨୦ ମସିହାରେ କରୋନାରେ ଆକ୍ରାନ୍ତ ହୋଇ ଗୋଟିଏ ଦିନରେ ସପତ୍ନୀକ ସ୍ୱର୍ଗଗାମୀ ହୋଇଥିବା ସୁସାହିତ୍ୟିକ, ଶିକ୍ଷାବିତ୍ ତଥା ଶ୍ରୀନିବାସ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଓ ସତ୍ୟସଙ୍ଗର ସହ ପ୍ରତି ଋତ୍ୱିକ ସ୍ୱର୍ଗତ ଡ. ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଓ ତାଙ୍କ ଧର୍ମପତ୍ନୀ ଅରୁନ୍ଧତୀ ପାଢ଼ୀଙ୍କର ଷଷ୍ଠ ଶ୍ରାଦ୍ଧବାର୍ଷିକୀ ସୋର ସତସଙ୍ଗ ବିହାର ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସତସଙ୍ଗରେ ଇଞ୍ଜିନିୟର ଉମାକାନ୍ତ ସାହୁ ସଭାପତିତ୍ୱ କରିଥିଲେ । ସଙ୍ଗୀତାଞ୍ଜଳି କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ଲେଙ୍କା, ଦେବଶ୍ରୀ ଅପର୍ଣ୍ଣା ସାହୁ, ଶରତ ଚନ୍ଦ୍ର ମହାଭୋଇ, ସନ୍ତୋଷ କୁମାର ପଲେଇ, କେଦାର ନାୟକ ଅଂଶଗ୍ରହଣ କରିଥିଲେ । ତତ୍ପରେ ସ.ପ୍ର.ର ଗୋପବନ୍ଧୁ ନାୟକ, ନବକିଶୋର ପତି ଓ ଭବେନ୍ଦ୍ର କୁମାର ଦାସ ପ୍ରମୁଖ ଦିବଙ୍ଗତ ଦମ୍ପତିଙ୍କ ବହୁମୁଖୀ ପ୍ରତିଭା ଓ ସାହିତ୍ୟ, ଶିକ୍ଷା କ୍ଷେତ୍ରରେ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ମୁଖ୍ୟ ଅତିଥି ଭାବେ ସୋର ବ୍ଲକ ଅଧକ୍ଷା ଅନୁସୁୟା ମଲ୍ଲିକ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବିରାଜ କୁମାର ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ନାୟକ, କୈଳାସ ଚନ୍ଦ୍ର ପଣ୍ଡା, ନିରଞ୍ଜନ ମହାପାତ୍ର, ହରିହର ସାହୁ, ନରହରି ବେହେରା, ଗୁରୁପ୍ରସନ୍ନ ପଣ୍ଡା, ମହେଶ୍ୱର ବିଶ୍ୱାଳ ପ୍ରମୁଖ ଋତ୍ୱିକ ଯୋଗଦେଇଥିଲେ । ସ୍ୱର୍ଗତ ପାଢ଼ୀଙ୍କ ପୁତ୍ର ପବିତ୍ର କିରଣ ପାଢ଼ୀ, ପୁତ୍ରବଧୂ ଜୟସ୍ମିତ, କନ୍ୟା ଅନମିତ୍ରା, ଅନ୍ନପୂର୍ବା ଜାମାତା ପ୍ରଭାକର ସାହୁ, ସଞ୍ଜୀବ କୁମାର ପଣ୍ଡା, ପୁତୁରା ଉତ୍ପଳ କୁମାର ପାଢ଼ୀ ଓ ପରିତୋଷ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ । କେନ୍ଦ୍ରର ଗୁରୁଭାଇ ଓ ମା'ମାନେ ମଧ୍ୟ ଉପସ୍ଥିତ ଥିଲେ ।

## ଶିଶୁ ମହୋତ୍ସବ ସୁରଭି ପାଳିତ

ଜୟପୁର : (ହି.ସ.)-କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ନୂଆଗାଁ କ୍ଲଷ୍ଟର ପକ୍ଷରୁ ଶିଶୁ ମହୋତ୍ସବ' ସୁରଭି -୨୦୨୬' ଆନନ୍ଦ ଓ ଉତ୍ସାହ ର ସହ ପାଳିତ ହୋଇଯାଇଛି । ଏହି ମହୋତ୍ସବରେ କ୍ଲଷ୍ଟରର ୧୪ ଗୋଟି ବିଦ୍ୟାଳୟ ରୁ ୨୦୦ ଜଣ ଛାତ୍ରଛାତ୍ରୀ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅତିଥିମାନେ ଯୋଗ ଦେଇଥିଲେ । ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିଶୁ ମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ, ସୃଜନଶୀଳତାର ଅଭିବୃଦ୍ଧି ଏବଂ ସେମାନଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ।ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରତିଯୋଗିତା ତଥା ସୃଜନଶୀଳ ଲିଖନ, ଚିତ୍ରାଙ୍କନ, ସଂଗୀତ, ବକ୍ତୃତା, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତିଲିଖନ, ପ୍ରବନ୍ଧ ଲିଖନ, କୁଇଜ୍,ପି.ଏମ.ପୋଷଣ- ଚିତ୍ର କଳା, ଶିଳ୍ପ କଳା, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ଅତିଥି ମାନେ ଶିଶୁ ମାନଙ୍କ ସାମଗ୍ରିକ ବିକାଶ, ଗୁଣାତ୍ମକ ଶିକ୍ଷା ଏବଂ ସେମାନଙ୍କ ମଧ୍ୟରେ ଥିବା ସୃଜନଶୀଳ ଶକ୍ତି ର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଶିଶୁ ମାନଙ୍କ ମନରେ ଆତ୍ମ ବିଶ୍ୱାସ, ସହଯୋଗ ଓ ପ୍ରତିଯୋଗିତା ମୂଳକ ମନୋଭାବ ସୃଷ୍ଟି କରିବାରେ 'ସୁରଭି'ଏକ ଉତ୍କୃଷ୍ଟ ମାଧ୍ୟମ ବୋଲି ମତ ପ୍ରକାଶ ପାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ନୂଆଗାଁ କ୍ଲଷ୍ଟର ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ । ଶେଷରେ ଜିଲ୍ଲା ସଂଘର ଯୁଗ୍ମ ସମ୍ପାଦକ ଏନ୍.କାମେଶ୍ୱର ରାଓ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଭୂରିଭୁରି ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଥିଲେ ।

# ଗାନ୍ଧୀ ଜୟନ୍ତୀରେ ମାନବ ସେବା : ବେତନଟୀ ମହିଳା କଂଗ୍ରେସ କମିଟି ତରଫରୁ ଡାକ୍ତରଖାନାରେ ଫଳ ବଂଟନ



ବେତନଟୀ (ନି ପ୍ର) : ମୟୁରଭଞ୍ଜ ଜିଲ୍ଲା ବେତନଟୀ ଠାରେ ଗାନ୍ଧୀ ଜୟନ୍ତୀ ଅବସରରେ ଆଜି ବେତନଟୀ ବ୍ଲକ ମହିଳା କଂଗ୍ରେସ କମିଟି ପକ୍ଷରୁ ଏକ ମହତ କାର୍ଯ୍ୟ କରାଯାଇଛି । ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି) ରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ଫଳ ଏବଂ ଶୁଖିଲା ଖାଦ୍ୟ ବଂଟନ କରାଯାଇଛି । ଶୁକ୍ରବାର ସକାଳ ୧୦ଟାରେ ମହିଳା କଂଗ୍ରେସ କମିଟିର ସଭାନେତ୍ରୀ ଏବଂ ସଦସ୍ୟାମାନେ ଡାକ୍ତରଖାନାରେ ପହଂଚି ପ୍ରଥମେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ସେଠାରେ ଭର୍ତି ହୋଇଥିବା ପ୍ରାୟ ୫୦ରୁ ଅଧିକ ରୋଗୀଙ୍କୁ କଦଳୀ, ସେଉ, ବିସ୍କୁଟ ଏବଂ ପାଣି ବୋତଲ ବଂଟନ କରିଥିଲେ । 'ଗାନ୍ଧୀଜୀ କହୁଥିଲେ - ମାନବ ସେବା ହିଁ ମାଧବ ସେବା । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ପ୍ରତିବର୍ଷ ଏଭଳି କାର୍ଯ୍ୟ କରୁଛୁ' ବୋଲି ମହିଳା କଂଗ୍ରେସ କମିଟିର ସଭାନେତ୍ରୀ ବାସନ୍ତୀ ସାହୁ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ବ୍ଲକ ମହିଳା କମିଟିର ସସ୍ମିତା, ବୀଣା, ଇତିଶ୍ରୀ ଙ୍କ ଭଳି ସଦସ୍ୟା ଏବଂ ବେତନଟୀ ବ୍ଲକ କଂଗ୍ରେସ ସଭାପତି କୁଶଧର ବେହେରା, ପ୍ରବିର ବାରିକ, ସୁଭାଷ ଚନ୍ଦ୍ର ଦାଶ ଙ୍କ ସହିତ ଡାକ୍ତରଖାନାର ଡାକ୍ତର ଓ ନର୍ସ ଉପସ୍ଥିତ ଥିଲେ । ଏଭଳି ମହତ କାର୍ଯ୍ୟକୁ ସ୍ଥାନୀୟ ଅଂଚଳରେ ସମସ୍ତେ ପ୍ରଶଂସା କରିଛନ୍ତି । ଠିକ ସେହିପରି ବେତନଟୀ ବ୍ଲକ ଅଧିନ ମହୁଲିଆ ଠାରେ ଥିବା ମହାତ୍ମା ଗାନ୍ଧୀ ଙ୍କ ପ୍ରତିମୂର୍ତି ରେ ମଧ୍ୟ ପୁଷ୍ପମାଲ୍ୟ ଏହି ମାନେ ଅର୍ପଣ କରିଥିଲେ ।

## ସାହିତ୍ୟ ପତ୍ରିକା 'ସୋରପ୍ରଭା' ଗଳ୍ପ ସମ୍ମାନରେ ରବି ପଣ୍ଡା ଏବଂ କବିତା ସମ୍ମାନରେ ପାଇବେ ଈପ୍ସିତା ଷଡ଼ଙ୍ଗୀ

ସୋର : (ସପ୍ର)- ସୋରରୁ ଗତ ୩ ବର୍ଷ ଧରି ପ୍ରକାଶ ପାଉଥିବା ସାହିତ୍ୟ ପତ୍ରିକା 'ସୋରପ୍ରଭା' ପାର୍ବଣ ବିଶେଷାଙ୍କ ଆସନ୍ତା ୧୧ ତାରିଖ ରବିବାର ସଂସ୍କୃତି ଭବନଠାରେ ଉନ୍ମୋଚିତ ହେବାକୁ ଯାଉଛି । ଚଳିତ ବର୍ଷ ଗାଳ୍ପିକ ରବି ପଣ୍ଡା ସୋରପ୍ରଭା- 'ଗଳ୍ପ ସମ୍ମାନ' ଏବଂ କବୀ ଈପ୍ସିତା ଷଡ଼ଙ୍ଗୀ 'କବିତା ସମ୍ମାନ' ପାଇବା ମନୋନୀତ ହୋଇଛନ୍ତି । ଏହି ଉପଲକ୍ଷେ ଅନୁଷ୍ଠିତ ବୈଠକରେ ପଦ୍ମଲୋଚନ ଦ୍ୱିବେଦୀ ସଭାପତିତ୍ୱ କରିଥିଲେ । ସୋରପ୍ରଭା ସଂପାଦକ ଚନ୍ଦ୍ରମୋହନ ମହାପାତ୍ର ଉକ୍ତ ସମ୍ମାନ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଦାମୋଦର ଦାଶ ମହାପାତ୍ର, ଦେବେନ୍ଦ୍ର କୁମାର ପ୍ରଧାନ, ଚେମେଇ ଦାସ, ରବୀନ୍ଦ୍ର କୁମାର ଦାସ, ଭରତ ଚନ୍ଦ୍ର ଦାଶ, ଲମ୍ବୋଦର ମିଶ୍ର, ଜ୍ୟୋତିରଂଜନ ପାଣିଗ୍ରାହୀ, ଉଦୁଦ୍ ଖାନ୍ ଉଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ । ମହେଶ୍ୱର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗରେ ବିଶ୍ୱ ପ୍ରାଣୀ ଦିବସ

ଖଲ୍ଲିକୋଟ : ଏକକ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ବିଶ୍ୱ ପ୍ରାଣୀ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟର ଗଣେଶ କନଫରେନ୍ସ ହଲରେ ଏକ ସଭାର ଆୟୋଜନ କରାଯାଇଥିଲା । ବିଭାଗୀୟ ମୁଖ୍ୟ ଡ. ସୁଶୀଲ କୁମାର ରାଠୋରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ପ୍ରାଣୀ ଅନୁସନ୍ଧାନ ସଂସ୍ଥାନ (Z. S. I.) ର ବରିଷ୍ଠ ବୈଜ୍ଞାନିକ ତଥା ନିର୍ଦ୍ଦେଶକ ଡ. ଅନିଲ କୁମାର ମହାପାତ୍ର ନିଜ ବାକ୍ତବ୍ୟରେ ଗଞ୍ଜାମର ଦୁର୍ମୂଲ୍ୟ ପ୍ରାଣୀ ସମ୍ପଦ ତଥା ସେମାନଙ୍କର ରକ୍ଷଣାବେକ୍ଷଣ ନିମନ୍ତେ ନିଆଯାଇଥିବା ନିଆରା ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସଂସ୍ଥାନର ଅନ୍ୟତମ ବରିଷ୍ଠ ବୈଜ୍ଞାନିକ ଡ. ପ୍ରସାଦ ଚନ୍ଦ୍ର ଟୁଡୁ ନିଜ ବକ୍ତବ୍ୟରେ ବିଶ୍ୱ ପ୍ରାଣୀ ଦିବସର ଉଦ୍ଦେଶ୍ୟ ଓ ମହତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ସ୍ନାତକୋତର ପରିଷଦର ଅଧକ୍ଷା ଡ. ଉଷାରାଣୀ ରଥ ଯୋଗଦେଇ ପ୍ରାଣୀମାନଙ୍କ ପ୍ରତି ନିଷ୍ଠୁର ନହୋଇ ସେମାନଙ୍କର ଉପଯୁକ୍ତ ଯତ୍ନ ନେବା ନିମନ୍ତେ ଗଳ୍ପ ଛଳରେ ପରାମର୍ଶ ଦେଇଥିଲେ । ବିଭାଗର ଅଧାପକ ଡ. ବିଭୂତି ପ୍ରସାଦ ବାରିକ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ବିଭାଗ ମୁଖ୍ୟ ଡ. ସୁଶୀଲ କୁମାର ରାଠୋର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନଟି ବୈଷୟିକ ଥିଲା । ଓଡ଼ିଶାର ପ୍ରାଣୀ ସମ୍ପଦର ବୈଚିତ୍ର୍ୟ ଓ ବିବିଧତା ତଥା ସଂରକ୍ଷଣ ସମ୍ପର୍କରେ ଉଭୟ ବୈଜ୍ଞାନିକ ବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସ୍ନାତକ ତୃତୀୟ ବର୍ଷର ଛାତ୍ରୀ ଜିସାଲିନ୍ । ଗବେଷିକା କୁମାରୀ ଦିବ୍ୟା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମଟି ଛାତ୍ରଛାତ୍ରୀଙ୍କ ନିମନ୍ତେ ଅତି ଉତ୍ସାହପ୍ରଦ ଥିଲା । ଏଥିରେ ବିଭାଗୀୟ ଅଧାପକ ଡ. ସୁରେନ୍ଦ୍ର ସେଠୀ, ଡ. ସନ୍ତୋଷ ଗୌଡ଼ ଓ ଡ. ବିବାରାଣୀ ତ୍ରିପାଠୀ ଯୋଗ ଦେଇଥିଲେ ।

## ଭଦ୍ରକରେ ସ୍ୱତନ୍ତ୍ର ଶିଶୁ କିଶୋର ଶ୍ରମିକ ନିରାକରଣ ବୈଠକ ଅନୁଷ୍ଠିତ

ଭଦ୍ରକ : ଭଦ୍ରକ ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷରେ ଶିଶୁ ଓ କିଶୋର ଶ୍ରମିକ ନିରାକରଣ ସମ୍ପର୍କିତ ଏକ ସ୍ୱତନ୍ତ୍ର ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ , ମିଶନ୍ ଶକ୍ତି, ଦକ୍ଷତା ବିକାଶ , ସ୍ୱୟଂ ସହାୟକ ଗୋଷ୍ଠି , ଚାଇଲ୍ଡଲାଇନ୍, ଶ୍ରମ ବିଭାଗ , ପ୍ରମୁଖ ଅଧିକାରୀମାନେ ଯୋଗଦେଇ ଶିଶୁ ଶ୍ରମିକଙ୍କ ଚିହ୍ନଟ, ଉଦ୍ଧାର, ପୁନର୍ବାସ ଓ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା , ଉପରେ ଗୁରୁତ୍ୱ ଆରୋପ କରି ୪୪ ଦିନିଆ ଶିଶୁ ଶ୍ରମମୁକ୍ତ ଗ୍ରାମ ପଂଚାୟତ ଅଭିଯାନ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅଭିଯାନର ଅଗ୍ରଗତି ପାଇଁ ସମନ୍ୱିତ କାର୍ଯ୍ୟାନ୍ୱୟନ ସକାଶେ ସମସ୍ତ ବିଡିଓ ଓ ଶ୍ରମ ଅଧିକାରୀଙ୍କୁ ନେଇ ଏକ ଜୁମ୍ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା ।

# ଆଦିବାଣୀ: ବଂଚିତଙ୍କ ପାଇଁ ପ୍ରଯୁକ୍ତି

ଭାରତରେ ପ୍ରାୟ ୭୦୦ରୁ ଅଧିକ ଆଦିବାସୀ ସମୁଦାୟ ବସବାସ କରୁଥିବାବେଳେ ୧୦୦ରୁ ଅଧିକ ସ୍ୱତନ୍ତ୍ର ଆଦିବାସୀ ଭାଷା ଓ ଉପଭାଷା ରହିଛି । ତଥାପି, ଏଥି ମଧ୍ୟରୁ ମାତ୍ର ଅଳ୍ପ କିଛି ଭାଷାର ନିଜସ୍ୱ ଲିପି, ଅଭିଧାନ କିମ୍ବା ଅନଲାଇନ୍ ଉପସ୍ଥିତି ରହିଛି । ଜଣେ ଗୋଣ୍ଡି ଭାଷାଭାଷୀ କୃଷକ ସରକାରୀ ସ୍ୱାସ୍ଥ୍ୟ ପରାମର୍ଶ ପଢ଼ିବାକୁ ଚାହିଁଲେ କିମ୍ବା ଜଣେ ସାନ୍ତାଳୀ ଛାତ୍ର ପାଠ୍ୟପୁସ୍ତକରେ କୌଣସି ଶବ୍ଦ ଖୋଜିଲେ, ଏପର୍ଯ୍ୟନ୍ତ ଡିଜିଟାଲ୍ ଜଗତ ସେମାନଙ୍କ ଭାଷା ଜରିଆରେ ସହାୟତା ଯୋଗାଣ କ୍ଷେତ୍ରରେ ପ୍ରାୟତଃ ନିରବ ରହିଆସିଥିଲା । ଆଦିବାଣୀ ଏହି ପରିସ୍ଥିତିରେ ପରିବର୍ତ୍ତନ ଘଟାଇବାରେ ଲାଗିଛି । ଗୋଟିଏ ବାକ୍ୟ, ଗୋଟିଏ ରେକର୍ଡିଂ ଏବଂ ଗୋଟିଏ ଅନୁବାଦିତ ପୃଷ୍ଠା ପରେ ଗୋଟିଏ କରି ଏହି ସଫଳତା ଅର୍ଜନ କରିଚାଲିଛି । ଆଦିବାଣୀ ହେଉଛି ଏକ କୃତ୍ରିମ ପ୍ରଜ୍ଞା ଆଧାରିତ ଅନୁବାଦ ଓ ଭାଷା ପ୍ରଯୁକ୍ତି ପ୍ଲାଟଫର୍ମ, ଯାହା ଜନଜାତି ବ୍ୟାପାର ମନ୍ତ୍ରଣାଳୟ (ଏମ.ଓ.ଟି.ଏ.) ଅଧୀନରେ ଆଇ.ଆଇ.ଟି., ଦିଲ୍ଲୀ ଦ୍ୱାରା ବିକଶିତ ହେଉଛି । ଏହାର ଲକ୍ଷ୍ୟ ସରଳ ହେଲେ ମଧ୍ୟ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଏପରି ଉପକରଣ ନିର୍ମାଣ କରିବା, ଯାହା ଇଂରାଜୀ ଓ ହିନ୍ଦୀକୁ ଜନଜାତି ଭାଷାଗୁଡ଼ିକ ସହ କଥା ହେବାର ସୁଯୋଗ ଦେବ ଏବଂ ଆଦିବାସୀ ଭାଷାଗୁଡ଼ିକୁ ଉଭୟ ଲିଖିତ ଓ ମୌଖିକ ରୂପରେ ନିଜ କଥା କହିବାର ସୁଯୋଗ ଦେବ । ଆଦିବାଣୀ ଚାରୋଟି ଭାଷାସାନ୍ତାଳୀ, ମୁଣ୍ଡାରୀ, ଭିଲୀ ଏବଂ ଗୋଣ୍ଡି ସହ ସମ୍ପ୍ରତି କାର୍ଯ୍ୟକ୍ଷମ ହୋଇଛି । କୁଇ ଓ ଗାରୋ ଭାଷା ମଧ୍ୟ ଶୀଘ୍ର ଏଥିରେ ସାମିଲ ହେବାକୁ ଯାଉଛି । ପରବର୍ତ୍ତୀ ପର୍ଯ୍ୟାୟ ପାଇଁ କାଟକରୀ, କୋୟା, କୋକବୋରୋକ, ବେଙ୍ଗା କୁରୁବା, ଚୋଧ୍ରୀ, ଥାଦୋ କୁକି ଏବଂ ତାଙ୍ଖୁଲ୍ ସମେତ ଆହୁରି ଆଠଟି ଭାଷାକୁ ତାଲିକାଭୁକ୍ତ କରାଯାଇଛି । କେବଳ ଅନୁବାଦକ ନୁହେଁ, ଏକ ସମ୍ପୂର୍ଣ୍ଣ ଭାଷା ପ୍ରଯୁକ୍ତି ସାଧନ ଆଦିବାଣୀ କେବଳ ଏକ ଅନୁବାଦକ ନୁହେଁ; ଏହା ଗୋଟିଏ ସ୍ଥାନରେ ଏକ ସମ୍ପୂର୍ଣ୍ଣ ଭାଷା ପ୍ରଯୁକ୍ତି ଉପକରଣ ସମୂହକୁ ଏକତ୍ର କରିଛି । ଏଥିରେ ରହିଛି ଟେକ୍ସଟ୍-ଟୁ-ଟେକ୍ସଟ୍ ଅନୁବାଦ, ଯାହା ଇଂରାଜୀ କିମ୍ବା ହିନ୍ଦୀର ଲିଖିତ ପାଠ୍ୟକୁ ତୁରନ୍ତ ଜନଜାତି ଭାଷାକୁ ଏବଂ ପୁନର୍ବାର ଜନଜାତି ଭାଷାରୁ ଇଂରାଜୀ କିମ୍ବା ହିନ୍ଦୀକୁ ଅନୁବାଦ କରିପାରେ । ସ୍ପିଚ୍-ଟୁ-ଟେକ୍ସଟ୍ (ଏ.ଏସ.ଆର.): ମୌଖିକ ଆଦିବାସୀ ଭାଷାକୁ ଲିଖିତ ପାଠ୍ୟରେ ପରିଣତ କରେ । ଯେଉଁ ଭାଷାରେ ଦକ୍ଷ ପାଠକ କମ୍ କିମ୍ବା ନାହାନ୍ତି, ସେଠାରେ ଏହା ଏକ ବଡ଼ ସହାୟତା ହୋଇପାରେ । ଟେକ୍ସଟ୍-ଟୁ-ସ୍ପିଚ୍: ଲିଖିତ ପାଠ୍ୟରୁ ସ୍ୱାଭାବିକ ଶୁଣାଯାଉଥିବା ଆଦିବାସୀ ଭାଷାର ଅଡିଓ ସୃଷ୍ଟି କରେ । ଫଳରେ ନିରକ୍ଷର କିମ୍ବା କମ୍ ପଢ଼ିପାରୁଥିବା ଲୋକମାନେ ମଧ୍ୟ ଶୁଣି ସୂଚନା ପାଇପାରିବେ । ସ୍ପିଚ୍-ଟୁ-ସ୍ପିଚ୍: ଏକ କ୍ୟାସ୍କେଡ୍ ପାଇପଲାଇନ୍ ମାଧ୍ୟମରେ ଭିନ୍ନ ଭାଷା କହୁଥିବା ଦୁଇଜଣ ବ୍ୟକ୍ତିଙ୍କୁ ପ୍ରାୟ ରିଅଲ୍-ଟାଇମ ଆଧାରରେ ପରସ୍ପରକୁ ବୁଝିବାର ସୁଯୋଗ ଦିଏ । ଅପ୍ଟିକାଲ୍ କ୍ୟାରେକ୍ଟର୍ ରେକଗ୍ନିସନ୍ (ଓ.ସି.ଆର.): ପୁରୁଣା ପାଠ୍ୟପୁସ୍ତକ, ଲୋକସାହିତ୍ୟର ପାଣ୍ଡୁଲିପି, ପ୍ରାଥମିକ ପୁସ୍ତିକା ଏବଂ କାଗଜରେ ସୀମିତ ଥିବା ଅଭିଧାନଗୁଡ଼ିକୁ ଡିଜିଟାଇଜ୍ କରେ । ଏଗୁଡ଼ିକ ଅନେକ ସମୟରେ କୌଣସି ଉପଭାଷାର ଶେଷ ଅବଶିଷ୍ଟ ରେକର୍ଡ ହୋଇଥାଏ । ଏହା ସହିତ ଏକ ସାର୍ବଜନୀନ ମୋବାଇଲ୍ ଆପ୍ ଏବଂ ୱେବ୍ ଆକ୍ସେସ୍ ପୋର୍ଟାଲ୍ ମଧ୍ୟ ରହିଛି, ଯେଉଁଠାରେ ଅଭିଧାନ, ଶିକ୍ଷଣ ମଡ୍ୟୁଲ୍ ଏବଂ ନିରନ୍ତର ଉନ୍ନତି ପାଇଁ ମତାମତ ଦେବାର ବ୍ୟବସ୍ଥା ରହିଛି । ଦୁର୍ଗମ ପ୍ରାନ୍ତରୁ କେନ୍ଦ୍ରକୁ ଆଣିବାର ଉପକ୍ରମ ଦଶନ୍ଧି ଦଶନ୍ଧି ଧରି ଭାରତର ଆଦିବାସୀ ଭାଷାଗୁଡ଼ିକ ଦେଶର ଡିଜିଟାଲ୍ ଓ ପ୍ରଶାସନିକ ଜୀବନର ପ୍ରାନ୍ତରେ ରହିଆସିଛି । ସେଗୁଡ଼ିକ ସମୃଦ୍ଧ ମୌଖିକ ଇତିହାସ, ପରିବେଶ ସମ୍ପର୍କିତ ଜ୍ଞାନ ଏବଂ ସାଂସ୍କୃତିକ ସ୍ମୃତିକୁ ବହନ କରୁଥିଲେ ମଧ୍ୟ ଇ[ରନେଟ୍, କୃତ୍ରିମ ପ୍ରଜ୍ଞା ପ୍ରଣାଳୀ ଏବଂ ଅନେକ ସମୟରେ ନୀତି-ନିର୍ଦ୍ଧାରଣ କ୍ଷେତ୍ରରେ ପ୍ରାୟ ଅଦୃଶ୍ୟ ରହିଥିଲେ । ଆଦିବାଣୀ ଏହି ସମୀକରଣକୁ ଓଲଟାଇ ଦେଉଛି । ଯେଉଁ କଲ୍ୟାଣକାରୀ ଯୋଜନାର ସୂଚନା, ସ୍ୱାସ୍ଥ୍ୟ ପରାମର୍ଶ କିମ୍ବା ଏନସିଇଆରଟି ପାଠ୍ୟପୁସ୍ତକର ଅଧ୍ୟାୟ ପୂର୍ବରୁ କେବଳ ହିନ୍ଦୀ କିମ୍ବା ଇଂରାଜୀରେ ଉପଲବ୍ଧ ଥିଲା, ଏବେ ତାହାକୁ ସାନ୍ତାଳୀ କିମ୍ବା ଭିଲୀ ଭାଷାରେ ସଠିକ୍ ଓ ସମ୍ମାନଜନକ ଭାବରେ ଉପସ୍ଥାପନ କରିବା ସହିତ ଏପରି ବ୍ୟକ୍ତିଙ୍କୁ ଶୁଣାଇ ମଧ୍ୟ ଦିଆଯାଇପାରିବ, ଯିଏ ଆଦୌ ପଢ଼ିପାରନ୍ତି ନାହିଁ । ସରକାରୀ ଅଧିକାରୀ, ଶିକ୍ଷକ ଏବଂ ସ୍ୱାସ୍ଥ୍ୟକର୍ମୀମାନେ ମଧ୍ୟ ଜଣେ ଆଦିବାସୀ ନାଗରିକ ନିଜ ଭାଷାରେ କ'ଣ କହିବାକୁ ଚାହୁଁଛନ୍ତି, ତାହା ବୁଝିପାରିବେ । ଯୋଗାଯୋଗର ଏହି ପ୍ରବାହ ଦୁଇ ଦିଗକୁ ଯାଏ ଏବଂ ଏହାହିଁ ଆଦିବାଣୀର ମୂଳ ଉଦ୍ଦେଶ୍ୟ । ଆଦିବାଣୀ କେବଳ ଆଦିବାସୀ ସମୁଦାୟଗୁଡ଼ିକୁ ମୁଖ୍ୟଧାରା ସହ ଯୋଡ଼ିବା ନୁହେଁ; ବରଂ ଏହା ମୁଖ୍ୟଧାରାକୁ ମଧ୍ୟ ଆଦିବାସୀ ଭାରତ ସହ ଯୋଡ଼ିବାର ସୁଯୋଗ ଦେଉଛି । ଏହି ପ୍ରକଳ୍ପ ଆଦିବାସୀ ଭାଷାଗୁଡ଼ିକୁ କେବଳ ଏଆଇ ପାଇଁ ତଥ୍ୟର ଉତ୍ସ ଭାବେ ନୁହେଁ, ବରଂ ମୌଖିକ ପରମ୍ପରା, କୃଷି, ପରିବେଶ ଓ ସମୁଦାୟର ପରିଚୟ ସହିତ ଜଡ଼ିତ ଜୀବନ୍ତ ଜ୍ଞାନ ପ୍ରଣାଳୀ ଭାବେ ଦେଖେ । କେବଳ ଜନଜାତି ଭାରତ ପାଇଁ ନୁହେଁ, ସମସ୍ତଙ୍କ ପାଇଁ ଏକ ପ୍ଲାଟଫର୍ମ ଆଦିବାସୀ ପରିବାରଗୁଡ଼ିକଠାରୁ ବହୁ ଦୂର ପର୍ଯ୍ୟନ୍ତ ଆଦିବାଣୀର ପ୍ରତିଶ୍ରୁତି ବିସ୍ତୃତ । ଗବେଷକ ଓ ଭାଷାବିଜ୍ଞାନୀମାନେ ବିଶ୍ୱର ସର୍ବାଧିକ ଅନୁଲିଖିତ ଓ ଅଳ୍ପ-ଦଲିଲୀକୃତ ଭାଷାଗୁଡ଼ିକ ମଧ୍ୟରୁ କେତେକ ପାଇଁ ପୁନରୁତ୍ପାଦନଯୋଗ୍ୟ ଓ ମାନଦଣ୍ଡ-ଆଧାରିତ ଡାଟାସେଟ୍ ପାଇପାରିବେ । ଆଦିବାସୀ ଅଂଚଳରେ ନିଯୁକ୍ତ ସିଭିଲ୍ ସର୍ଭିସ୍ ଅଧିକାରୀ, ଡାକ୍ତର, ଶିକ୍ଷକ ଓ ଏନଜିଓ କ୍ଷେତ୍ରକର୍ମୀ ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ନିଜେ ଆଦିବାସୀ ନୁହନ୍ତି ସେମାନଙ୍କ ପାଇଁ ଏହା ଏକ ରିଅଲ୍-ଟାଇମ୍ ଅନୁବାଦ ସହାୟକ ଭାବେ କାମ କରେ । ଏହା ଅସ୍ୱାଭାବିକ ଓ ତ୍ରୁଟିପୂର୍ଣ୍ଣ ଯୋଗାଯୋଗକୁ ବାସ୍ତବ ଆଲୋଚନାରେ ପରିଣତ କରିବାରେ ସହାୟତା କରେ ।

ଭାଷାବିଜ୍ଞାନ ଓ ନୃତତ୍ୱ ବିଜ୍ଞାନର ଛାତ୍ରଛାତ୍ରୀମାନେ ଡିଜିଟାଲ୍ ରୂପରେ ସଂରକ୍ଷିତ ପାଣ୍ଡୁଲିପି ଓ ମୌଖିକ ଅଭିଲେଖ ପାଇପାରିବେ, ଯାହା ଅନ୍ୟଥା ସ୍ଥାନୀୟ ପାଠାଗାରଗୁଡ଼ିକରେ ଅଦୃଶ୍ୟ ଭାବରେ ଧୀରେ ଧୀରେ ନଷ୍ଟ ହୋଇ ଯାଇ ପାରିଥାନ୍ତା । ଏବଂ ପ୍ରତ୍ୟେକ ଭାରତୀୟ ସେ ଜନଜାତି ସମୁଦାୟର ହୁଅନ୍ତୁ କିମ୍ବା ନ ହୁଅନ୍ତୁ । ଡିଜିଟାଲ୍ ରେକର୍ଡରେ ଏକ ଛୋଟ କିନ୍ତୁ ଅର୍ଥପୂର୍ଣ୍ଣ ସୁଧାରର ଅଂଶୀଦାର ହେବେ । ଯେଉଁ ଭାଷାଗୁଡ଼ିକ କେବଳ ସ୍ମୃତିରେ ବଂଚି ରହିବାର ଆଶଙ୍କାରେ ଥିଲା, ସେଗୁଡ଼ିକ ଏବେ ଅନଲାଇନ୍ରେ ଏକ ସନ୍ଧାନଯୋଗ୍ୟ, କଥିତ ଓ ଶିକ୍ଷଣଯୋଗ୍ୟ ଠିକଣା ପାଇବେ । ଏହି କାରଣରୁ ଆଦିବାଣୀ କେବଳ ଏକ ଅନୁବାଦ ଆପ୍ ନୁହେଁ; ଏହା ସମାବେଶ ପାଇଁ ଏକ ସାର୍ବଜନୀନ ଭିତିଭୂମି ଏବଂ ଏହା ସେହି ଉପାୟରେ ଗଢ଼ାଯାଇଛି, ଯେଉଁ ଉପାୟରେ ସମାବେଶ ହେବା ଉଚିତ୍ସମୁଦାୟକୁ ଗ୍ରହଣକାରୀ ଭାବେ ନୁହେଁ, ବରଂ କେନ୍ଦ୍ରସ୍ଥାନରେ ରଖି । ସମୁଦାୟ ପ୍ରଥମ, ପ୍ରଯୁକ୍ତି ଦ୍ୱିତୀୟ ଆଦିବାଣୀର ସବୁଠାରୁ ବିଶିଷ୍ଟ ବୈଶିଷ୍ଟ୍ୟ ହୁଏତ ଏହାର ଏଆଇ ମଡେଲ୍ଗୁଡ଼ିକ ନୁହେଁ, ବରଂ ଏହାର କାର୍ଯ୍ୟପଦ୍ଧତି । ସ୍ଥାନୀୟ ଭାଷାଭାଷୀ, ଅନୁବାଦକ, କ୍ଷେତ୍ର ଭାଷାବିଜ୍ଞାନୀ ଏବଂ ସମୁଦାୟର ବରିଷ୍ଠ ସଦସ୍ୟମାନଙ୍କୁ କେବଳ ତଥ୍ୟ ଟିପ୍ପଣୀକାରୀ ଭାବେ ନୁହେଁ, ବରଂ ଜ୍ଞାନର ସହଭାଗୀ ଭାବେ ଗ୍ରହଣ କରାଯାଏ । ପ୍ରତ୍ୟେକ ଡାଟାସେଟ୍ ଏକ 'ମେକ-ଚେକ-ସୁପର୍ଚେକ' ପ୍ରକ୍ରିୟା ମଧ୍ୟରୁ ଯାଏ । ଏଥିରେ ସମୁଦାୟର ଯାଂଚକାରୀମାନେ ସେହି ସୂକ୍ଷ୍ମ ତ୍ରୁଟିଗୁଡ଼ିକୁ ଚିହ୍ନଟ କରନ୍ତି, ଯାହା ଏଆଇ ପ୍ରାୟତଃ ଏକ ସଂଖ୍ୟାଲଘୁ ଭାଷାକୁ ହିନ୍ଦୀ କିମ୍ବା ଇଂରାଜୀ ଆଡ଼କୁ ଟାଣି ନେବା ସମୟରେ କରିଥାଏ ଯଥା କୌଣସି ପ୍ରତ୍ୟୟ ଛାଡ଼ିଦେବା, କୌଣସି ଲୋକପ୍ରଚଳିତ ବାକ୍ୟାଂଶକୁ ଅତ୍ୟଧିକ ସାଧାରଣୀକରଣ କରିଦେବା କିମ୍ବା ମୌଖିକ ଭାଷାର ଶୈଳୀ ହରାଇଦେବା । ମେସିନ୍ ଦ୍ୱାରା ସୃଷ୍ଟ ଅନୁବାଦକୁ କେବେ ମଧ୍ୟ ଚୂଡ଼ାନ୍ତ ଭାବେ ଗ୍ରହଣ କରାଯାଏ ନାହିଁ । ସେଗୁଡ଼ିକୁ ପୁଣି ମାତୃଭାଷୀମାନଙ୍କ ପାଖକୁ ସଂଶୋଧନ ପାଇଁ ପଠାଯାଏ ଏବଂ ତା'ପରେ ହିଁ ପୁନଃ କର୍ପସରେ ସାମିଲ କରାଯାଏ । ଏହା ହେଉଛି ସମ୍ମତି, ସାଂସ୍କୃତିକ ସମ୍ମାନ ଓ ଏହି ସ୍ୱୀକୃତି ଉପରେ ଆଧାରିତ ଏଆଇ ବିକାଶ ଯେ, ଭାଷା କୌଣସି ଡାଟାସେଟ୍ ନୁହେଁ ଏହା ଏକ ଜନସମୁଦାୟ ନିଜକୁ ଯେପରି ସ୍ମରଣ ରଖେ, ସେହି ଉପାୟ । ଏଠାରେ ରାଜ୍ୟ ଆଦିବାସୀ ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନଗୁଡ଼ିକ (ଟି.ଆର.ଆଇ.)ର ଭୂମିକା ଅପରିହାର୍ଯ୍ୟ ହୋଇଯାଏ । ଏକ ବାକ୍ୟ ଏଆଇ ମଡେଲରେ ପହଂଚିବାର ବହୁ ପୂର୍ବରୁ, ଝାଡ଼ଖଣ୍ଡ, ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ ଓ ଅନ୍ୟାନ୍ୟ ରାଜ୍ୟର ଟି.ଆର.ଆଇ. ହିଁ ତୃଣମୂଳ ସ୍ତରରେ ସମଗ୍ର କର୍ପସ୍ ନିର୍ମାଣ ପ୍ରକ୍ରିୟାକୁ ଆଧାର ଦିଅନ୍ତି ମାତୃଭାଷୀମାନଙ୍କୁ ସଂଗଠିତ କରିବା, ବିଭିନ୍ନ ଗାଁ ଓ ବ୍ଲକରେ ଥିବା ଉପଭାଷାଗତ ପାର୍ଥକ୍ୟଗୁଡ଼ିକୁ ଯାଂଚ କରିବା ଏବଂ ପ୍ରତ୍ୟେକ ଅନୁବାଦିତ କିମ୍ବା ଲିପିବଦ୍ଧ ନମୁନାକୁ ତଥ୍ୟ ଭଣ୍ଡାରରେ ଗ୍ରହଣ କରିବା ପୂର୍ବରୁ ତାହାର ଯାଂଚ କରିବା । କେଉଁ ରେକର୍ଡିଂ ପ୍ରାମାଣିକ ଏବଂ କେଉଁ ଲୋକପ୍ରଚଳିତ ଶବ୍ଦ ବା ବାକ୍ୟାଂଶ ଅନୁବାଦରେ ନିଜର ମୂଳ ଅର୍ଥ ହରାଇଛି ଏହା ନିର୍ଣ୍ଣୟ କରିବାରେ ସେମାନଙ୍କର କ୍ଷେତ୍ରସ୍ତରୀୟ ଜ୍ଞାନ ମୁଖ୍ୟ



ଶ୍ରୀମତୀ ରଞ୍ଜନା ଚୋପ୍ରା

ଭୂମିକା ନିଏ । ଏହି କାରଣରୁ ଟି.ଆର.ଆଇ. ଗୁଡ଼ିକ ହେଉଛନ୍ତି କଚ୍ଚା ସମୁଦାୟ-ଭାଷା ଓ ଏକ ଉପଯୋଗୀ ଡିଜିଟାଲ୍ କପରସ୍ ମଧ୍ୟରେ ଥିବା ପ୍ରଥମ ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯାଂଚ-ବ୍ୟବସ୍ଥା । ଆଦିବାସୀ ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନଗୁଡ଼ିକ (ଟି.ଆର.ଆଇ.)ଦ୍ୱାରା ନିରନ୍ତର ମାଟିସ୍ତରୀୟ ଯାଂଚ ନ ଥାଇଥିଲେ, ଆଦିବାଣୀ ନିର୍ମାଣ କରୁଥିବା ମଡେଲଗୁଡ଼ିକରେ ସେହି ବିକୃତିଗୁଡ଼ିକ ରହିଯାଇଥାନ୍ତା, ଯାହାକୁ ଏହି ପ୍ରକଳ୍ପ ଦୂର କରିବା ପାଇଁ ଆରମ୍ଭ କରାଯାଇଛି । ଆଗାମୀ ଦିନ ଆଦିବାଣୀର କାର୍ଯ୍ୟ ଏଯାବତ୍ ସମ୍ପୂର୍ଣ୍ଣ ହୋଇନାହିଁ । ଆଗାମୀ ନଅ ମାସ ମଧ୍ୟରେ ଏହା ଆହୁରି ୧୦ଟି ଭାଷାକୁ ସାମିଲ କରିବା, ଏହାର ସ୍ପିଚ୍ ରେକଗ୍ନିସନ୍ ଓ ଭଏସ୍ ପ୍ରଯୁକ୍ତିକୁ ଅଧିକ ଉନ୍ନତ କରିବା ସହିତ ପ୍ରତ୍ୟେକ ଭାଷା ପାଇଁ ଲକ୍ଷାଧିକ ସତ୍ୟାପିତ ରେକର୍ଡିଂ ସଂଗ୍ରହ କରି ବୃହତର ଡାଟାସେଟ୍ ଗଠନ କରିବାକୁ ଯୋଜନା କରୁଛି । କିନ୍ତୁ ସଂଖ୍ୟାକୁ ଅତିକ୍ରମ କରି ଆଦିବାଣୀ ଏକ ବୃହତର ଉଦ୍ଦେଶ୍ୟର ପ୍ରତୀକ । ପ୍ରଯୁକ୍ତି ଜନଜାତି ଭାଷାଗୁଡ଼ିକର ଅସ୍ତିତ୍ୱ ଲିଭାଇଦେବା ପରିବର୍ତ୍ତେ ସେଗୁଡ଼ିକୁ ସୁରକ୍ଷା ଦେଇପାରେ ଏବଂ ସମୃଦ୍ଧ କରିପାରେ, ଏହାର ଏକ ପ୍ରମାଣ । ଯେଉଁ ଦେଶରେ ପ୍ରତି କିଛି ବର୍ଷରେ ଅନେକ ଭାଷା ଅସ୍ତିତ୍ୱ ହରାଇବାର ଆଶଙ୍କାରେ ରହୁଛି, ସେଠାରେ ଆଦିବାଣୀ ଜନଜାତି ସମୁଦାୟଗୁଡ଼ିକୁ ନିଜ ସ୍ୱରରେ, ନିଜ ସର୍ତ୍ତରେ ନିଜ କଥା କହିବାର ଏକ ମଂଚ ପ୍ରଦାନ କରୁଛି ଏବଂ ଭାରତର ଅନ୍ୟ ସମସ୍ତଙ୍କୁ ଶେଷରେ ସେହି ସ୍ୱରକୁ ଶୁଣିବା ପାଇଁ ଏକ ସୁଯୋଗ ପ୍ରଦାନ କରୁଛି ।

***(ଲେଖିକା କେନ୍ଦ୍ର ସରକାରରେ ଜନଜାତି ବ୍ୟାପାର ମନ୍ତ୍ରଣାଳୟର ସଚିବ ପଦରେ ଅବସ୍ଥାପିତ)***

# ଓଡ଼ିଶା ବନ୍ଦ ସଫଳ ପାଇଁ କଂଗ୍ରେସର ଡାକରା

ଭଦ୍ରକ(ହିସ): ଭଦ୍ରକ ଜିଲ୍ଲା ତିହିଡ଼ିରେ ଅକ୍ଟୋବର ୮ ତାରିଖରେ ଭାରତ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେନ୍ଦ୍ର କୁମାରଙ୍କୁ ବରଖାସ୍ତ ଓ ଗିରଫ ଦାବିରେ କଂଗ୍ରସ ଓ ବାମପନ୍ଥୀ ଦଳ ପକ୍ଷରୁ ଓଡିଶା ବନ୍ଦ କରାଯିବାକୁ ନିଷ୍ପତି ନିଆଯାଇଛି ।ଏହି ବନ୍ଦକୁ ସଫଳ କରାଇବାକୁ ଦୁଇଦଳ ପକ୍ଷରୁ ଡାକରା ଦିଆଯାଇଛି ।ଏହି ପରିପ୍ରେକ୍ଷୀରେ ଶନିବାର ତିହିଡ଼ି ବ୍ଲକର କଂଗ୍ରେସ ସଭାପତି ସରୋଜ କୁମାର ଦାସଙ୍କ ପୌରାହିତ୍ୟରେ ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗଣତନ୍ତ୍ର ବିରୋଧୀ ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେନ୍ଦ୍ର କୁମାରଙ୍କୁ ବରଖାସ୍ତ କରି ଗିରଫ କରିବା, ଇଭିଏମ ହଟାଇ ବ୍ୟାଲେଟ ପେପରରେ ଭୋଟ କରାଇବା, ଏସଆରଆଇ ପ୍ରକ୍ରିୟା ବାତିଲ କରିବା, ଏମଏମଡିଆର ସଂଶୋଧନ ଆଇନ ୨୦୨୬ବାତିଲ କରିବା, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ତିହିଡ଼ି ବ୍ଲକରେ ବନ୍ୟା ଜନିତ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦାବିରେ ଆସନ୍ତା ୮ ତାରିଖ ସକାଳ ୬ ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଓଡିଶା ବନ୍ଦ ରହିବ । ଅତ୍ୟାବଶ୍ୟକ ସେବା କ୍ଷେତ୍ରରେ ଆମ୍ବୁଲାନ୍ସ,ମେଡ଼ିସିନ ଦୋକାନ, କ୍ଷୀରଗାଡ଼ି ଦମକଳ, ପିଇବା ପାଣି ଟ୍ୟାଙ୍କରକୁ ଛାଡିବା ପରେ ଆଉ ସମସ୍ତ ଟ୍ରେନ, ଗାଡିମଟର, ଦୋକାନବଜାର, ପେଟ୍ରୋଲ ପମ୍ପ, କଲକାରଖାନା, ବ୍ୟାଙ୍କ, ଡାକସେବା ଓ ସମସ୍ତ ଅଫିସ ସ୍କୁଲ, କଲେଜ ବନ୍ଦ ରହିବ ।ତେବେ ସମସ୍ତ ଜନ ସାଧାରଣ ଆନ୍ଦୋଳନରେ ସାମିଲ ହୋଇ ବନ୍ଦକୁ ସଫଳ କରିବା ପାଇଁ ଡାକରା ଦିଆଯାଇଛି । ଏହି ବୈଠକରେ ବିପିନ ବିହାରୀ ପତି, ବସନ୍ତ ନାୟକ, କରୁଣାକର ମହାରଣା, ଦିବ୍ୟାସିଂ ବଳ, ସର୍ବେଶ୍ୱର ବେହେରା, ଅମର ବେହେରା, ସୁବାଷ ସାହୁ, ବେଣୁଧର ଦାସ, ସୁରେନ୍ଦ୍ର ସାହୁ,ଚିନ୍ତାମଣି ଦାସ, କରୁଣାକର ନାୟକ, ଗୋରାବାବୁ ସାହା, ଦୀପକ ଦାସ, ମନୋରଞ୍ଜନ ସାହୁ, ସରୋଜ ପାଣି, ବିଶ୍ୱନାଥ ବାରିକ, ଗତିକୃଷ୍ଣ ନାୟକ, ଶିବପ୍ରସାଦ ନାୟକ, ସୋମ୍ୟଗୋପାଳ ନାୟକ, ତ୍ରିଲୋଚନ ମହାଳିକ, ସୁରେଶ ମହାପାତ୍ର, ମାଧବାନନ୍ଦ ନାୟକ, ବିକ୍ରମ ଯେନା, ପ୍ରଶାନ୍ତ ମଳିକ, ସମ୍ବିତ ସାହୁ, କୈଳାସ ପାତ୍ର, ଅରଫାନ, ସୋମେନ୍ଦ୍ର ପଣ୍ଡା ସିପିଆଇଏମ ନିର୍ମଳ ଦଳେଇ, ଭାଗବତ ସେନାପତି, ଆଇନଜୀବି ବିଷ୍ଣୁ ଦାସ, କମନୀ ବେହେରା, ବିଜୟ ନାୟକ, ଅଣାକର ବେହେରା, ନଟବର ଦାସ, ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିପଯ୍ୟସ୍ତ ଶାସନ ବ୍ୟବସ୍ଥା ଓ ବିପନ୍ନ ଗଣତନ୍ତ୍ରର ସୁବିଧା ପାଇଁ ବ୍ଲକ ବାସୀ ଲଢେଇ କରିବା ସହିତ ଓଡିଶା ବନ୍ଦକୁ ସଫଳ କରିବାକୁ କହିଥିଲେ ।

# ବିଜେବି ସ୍କୁଲର ୧୨୫ତମ ବାର୍ଷିକ ସମାରୋହରେ ଯୋଗଦେଲେ ରାଜ୍ୟପାଳ



ଖୋର୍ଦ୍ଧା(ନିପ୍ର): ଶିକ୍ଷା କେବଳ ଜୀବିକା ନିର୍ବାହ ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରିବା ନୁହେଁ, ବରଂ ଚରିତ୍ର ଗଠନ, ଦାୟିତ୍ୱବୋଧ ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିବାରେ ଶିକ୍ଷାର ମହତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ଶନିବାର ଦିନ ଖୋର୍ଦ୍ଧାସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲର ୧୨୫ ତମ ବାର୍ଷିକ ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେଯେ, ଏହି ଐତିହାସିକ ଅବସର ଶିକ୍ଷା, ଚରିତ୍ର ଗଠନ ଓ ସେବାର ଦୀର୍ଘ ପରମ୍ପରାକୁ ସ୍ମରଣ କରିବାର ଅବସର । ଏହି ଶିକ୍ଷାନୁଷ୍ଠାନ ପିଢ଼ି ପରେ ପିଢ଼ି ଛାତ୍ରଛାତ୍ରୀଙ୍କୁ ଗଢ଼ି ତୋଳିବା ସହ ଓଡ଼ିଶାର ବୌଦ୍ଧିକ ଓ ସାମାଜିକ ବିକାଶରେ ଅବଦାନ ରଖିଛି ବୋଲି କହିଥିଲେ । ଅନୁଷ୍ଠାନର ନାମ ଓ ଏହାର ଅବସ୍ଥିତିର ଐତିହାସିକ ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ ବକ୍ସି ଜଗବନ୍ଧୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ୧୮୧୭ର ପାଇକ ବିଦ୍ରୋହ ସମେତ ଓଡ଼ିଶାର ଇତିହାସରେ ଖୋର୍ଦ୍ଧାର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି ବୋଲି ସେ କହିଥିଲେ । ବକ୍ସି ଜଗବନ୍ଧୁଙ୍କ ସାହସ ଓ ତ୍ୟାଗ ଅନ୍ୟାୟ ବିରୋଧରେ ଲଢ଼େଇ କରିବା ଦେଶସେବା ପାଇଁ ପିଢ଼ି ପରେ ପିଢ଼ିକୁ ପ୍ରେରଣା ଦେଇଆସୁଛି ବୋଲି ରାଜ୍ୟପାଳ କହିଥିଲେ । ଏହି ଐତିହ୍ୟ ସହ ଶିକ୍ଷାର ଭୂମିକାକୁ ଯୋଡ଼ି ରାଜ୍ୟପାଳ କହିଥିଲେ ଯେ, ଏକ ବିଦ୍ୟାଳୟର ପ୍ରକୃତ ଐତିହ୍ୟ କେବଳ ଏହାର କୋଠା କିମ୍ବା ଉପଲବ୍ଧିରେ ନୁହେଁ, ବରଂ ଏହା ଗଢ଼ି ତୋଳିଥିବା ଜୀବନରେ ପ୍ରତିଫଳିତ ହୁଏ । ପିଢ଼ି ପରେ ପିଢ଼ି ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୃଙ୍ଖଳା, ଆତ୍ମବିଶ୍ୱାସ, ସଚ୍ଚୋଟତା, ଦୃଢ଼ତା, ସହାନୁଭୂତି, ସାହସ ଓ ଦାୟିତ୍ୱବୋଧ ବିକଶିତ କରିଆସିଛନ୍ତି ବୋଲି ସେ କହିଥିଲେ । ସାହସର ସହ ସ୍ୱପ୍ନ ଦେଖିବା, ସଚ୍ଚୋଟ ଭାବେ ପରିଶ୍ରମ କରିବା ଏବଂ ଶିକ୍ଷକ ଓ ଅଭିଭାବକଙ୍କୁ ସମ୍ମାନ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ । ଏକ ରାଷ୍ଟ୍ରର ଶକ୍ତି ଏହାର ଯୁବପିଢ଼ିର ଚରିତ୍ର ଉପରେ ନିର୍ଭର କରେ ବୋଲି ସେ କହିଥିଲେ । ସମୟର ପରିବର୍ତ୍ତନ ସହ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆବଶ୍ୟକ ହେଲେ ମଧ୍ୟ ଏହା ମୂଲ୍ୟବୋଧ ସହ ଜଡ଼ିତ ରହିବା ଉଚିତ ବୋଲି ରାଜ୍ୟପାଳ କହିଥିଲେ । ଜାତୀୟ ଶିକ୍ଷା ନୀତି (ଘରଚ) ୨୦୨୦ରେ ସାମଗ୍ରିକ ଓ ଅନୁଭୂତିଭିତିକ ଶିକ୍ଷା, ସୁକ୍ଷ୍ମ ଚିନ୍ତନ, ବୃତିଗତ ଶିକ୍ଷା, ଡିଜିଟାଲ ସାକ୍ଷରତା, ଭାରତୀୟ ଜ୍ଞାନ ପରମ୍ପରା, କଳା, କ୍ରୀଡ଼ା ଓ ଜୀବନ କୌଶଳ ଉପରେ ଗୁରୁତ୍ୱ ଦିଆଯାଇଛି । ମୁଖସ୍ଥ ଶିକ୍ଷାରୁ ଜିଜ୍ଞାସା, ସୃଜନଶୀଳତା, ଦକ୍ଷତା ଓ ଚରିତ୍ର ଗଠନ ଦିଗରେ ଏହି ପରିବର୍ତ୍ତନ ବିଦ୍ୟାଳୟର ଘଉଉ, ସ୍କାଉଟ୍ସ, କ୍ରୀଡ଼ା ଓ ନୈତିକ ଶିକ୍ଷା ଉପରେ ଥିବା ଗୁରୁତ୍ୱ ସହ ସମନ୍ୱିତ ବୋଲି ସେ କହିଥିଲେ । ଏହି ଐତିହାସିକ ଅବସରରେ ପୂର୍ବତନ ଛାତ୍ରଛାତ୍ରୀ, ଶିକ୍ଷକ, କର୍ମଚାରୀ, ବର୍ତମାନର ଛାତ୍ରଛାତ୍ରୀ, ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନକୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ ଆଶା ପ୍ରକାଶ କରିଥିଲେ ଯେ, ଏହି ଅନୁଷ୍ଠାନ ଆଗାମୀ ୧୨୫ ବର୍ଷ ଓ ତା'ପରେ ମଧ୍ୟ ଯୁବପିଢ଼ିକୁ ଗଢ଼ି ତୋଳିବା ସହ ଓଡ଼ିଶାର ବିକାଶରେ ଅବଦାନ ଜାରି ରଖିବ । ସମାରୋହରେ ବିଦ୍ୟାଳୟର ଚାରିଜଣ ବିଶିଷ୍ଟ ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଦ୍ୟାଳୟର ପତ୍ରିକା 'ଅବକାଶ–୧୨୫' ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ମାନ୍ୟବର ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ସମ୍ବାଦ ଗ୍ରୁପର ପ୍ରତିଷ୍ଠାତା ତଥା ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ମେଜର ଜେନେରାଲ (ଅବସର ପ୍ରାପ୍ତ) ଅସୀମ କୋହଲି ଏବଂ ଆୟୋଜକ ସମ୍ପାଦକ ତଥା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପ୍ରିୟଦର୍ଶିନୀ ପଣ୍ଡା ବକ୍ତବ୍ୟ ପ୍ରଦାନ କରିଥିଲେ । ଆଲୁମନି ଆସୋସିଏସନର ମୁଖ୍ୟ ସଂଯୋଜକ ଶ୍ରୀ ବି. କେ. ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉତ୍ସବ କମିଟିର ସଭାପତି ପ୍ରଫେସର (ଡ.) ନାରାୟଣ ରାଓ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପୂର୍ବରୁ ରାଜ୍ୟପାଳ ଛାତ୍ରଛାତ୍ରୀଙ୍କ ସହ ବାର୍ତ୍ତାଳାପ କରିବା ସହ ପ୍ରଦର୍ଶନୀର ଉଦ୍ଘାଟନ କରିଥିଲେ ।

# ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଆଲୋଚନା ଚକ୍ର



ନୟାଗଡ଼(ନିପ୍ର): ନୟାଗଡ଼ ଜିଲ୍ଲାର ସାମଗ୍ରିକ ବିକାଶ ଓ ପ୍ରଗତି ପାଇଁ ଏକ ସକାରାତ୍ମକ ପ୍ରୟାସ ଆରମ୍ଭ କରିଛି ଜିଲ୍ଲା ସାମ୍ବାଦିକ ସଂଘ । ସ୍ଥାନୀୟ କେସି କ୍ଲବ ସଭାଗୃହ ଠାରେ ସଂଘ ପକ୍ଷରୁ 'ମୋ ସ୍ୱପ୍ନର ନୟାଗଡ଼' ଶୀର୍ଷକ ଏକ ବୁଦ୍ଧିଜୀବୀ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିବା ପରିପ୍ରେକ୍ଷୀରେ ମେଡିକାଲ କଲେଜ ସ୍ଥାପନ ଜୋର ଧରିଛି । ଏଥିରେ ଜିଲ୍ଲାର ବିଭିନ୍ନ ବର୍ଗର ଜନସାଧାରଣ ଓ ବିଶିଷ୍ଟ ବ୍ୟକ୍ତିମାନେ ସାମିଲ ହୋଇ ସରଗରମ ଆଲୋଚନାରେ ଭାଗ ନେବା ସହିତ ଜିଲ୍ଲାର ଅଭିବୃଦ୍ଧି ପାଇଁ ନିଜ ନିଜର ମୂଲ୍ୟବାନ ମତାମତ ଉପସ୍ଥାପନ କରିଥିଲେ । ଆଲୋଚନା ସମୟରେ ଉପସ୍ଥିତ ବ୍ୟକ୍ତିମାନେ ନୟାଗଡ଼ ଜିଲ୍ଲାର ପ୍ରମୁଖ ସମସ୍ୟା ସହିତ ମେଡିକାଲ କଲେଜ ସ୍ଥାପନ ଦାବି ଉପରେ ସରଗରମ ଆଲୋଚନା ହୋଇ ଥିଲା । ଅନ୍ୟାନ୍ୟ ଆଲୋଚନା ମଧ୍ୟରେ ପିଇବା ପାଣି, ସ୍ୱାସ୍ଥ୍ୟ, କୃଷି, ଶିକ୍ଷା, ଶିଳ୍ପ, ଜଳସେଚନ ଓ ପର୍ଯ୍ୟଟନର ବିକାଶ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ବିଶେଷ କରି ଦୀର୍ଘ ଦିନ ହେବ ବନ୍ଦ ହୋଇ ପଡ଼ିରହିଥିବା ନୟାଗଡ଼ ଚିନିକଲକୁ ପୁନଃ ଚାଲୁ କରିବା, ପଦ୍ମାବତୀ ଠାରେ ମହାନଦୀ ଉପରେ ବ୍ୟାରେଜ୍ ନିର୍ମାଣ ଏବଂ ବୃତଙ୍ଗ ଜଳସେଚନ ପ୍ରକଳ୍ପ ଯଥା ଶୀଘ୍ର ସମ୍ପୂର୍ଣ୍ଣ କରି କୃଷି ଓ ପିଇବା ପାଣିର ସମସ୍ୟା ଦୂର କରିବା, କଂଟିଲୋ ଏବଂ ଖଣ୍ଡପଡାକୁ ରେଳପଥ ନିର୍ମାଣ ଆରମ୍ଭ କରିବା, ଜିଲ୍ଲାରେ ପର୍ଯ୍ୟାପ୍ତ ବାଉଁଶ ଜଙ୍ଗଲ ଥିବାରୁ ଏକ କାଗଜ କଳ ସ୍ଥାପନ କରିବା ଆଦି ପାଇଁ ବୈଠକରେ ଦୃଢ଼ ଦାବି ହୋଇଥିଲା । ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ତୁରନ୍ତ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ଦେବା ସହ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ବିକାଶ ଓ ସେଗୁଡ଼ିକୁ ସରକାରୀ ସ୍ତରରେ ବିଧିବଦ୍ଧ ମାନ୍ୟତା ପ୍ରଦାନ କରିବାକୁ ମଧ୍ୟ ସଦସ୍ୟମାନେ ମତ ପୋଷଣ କରିଥିଲେ । ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌର ପରିଷଦ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ବିଶିଷ୍ଟ ଆଇନଜୀବୀ ପ୍ରତାପ ନନ୍ଦ, ଓକିଲ ସଂଘର ପୂର୍ବତନ ସଭାପତି ଅମୀୟ ପଟ୍ଟନାୟକ, ବିଜେପି ନେତା ସନ୍ତୋଷ ପ୍ରଧାନ, ଚନ୍ଦ୍ରବିଜୟୀ ମିଶ୍ର, କମ୍ରେଡ ବିଶ୍ୱନାଥ ମହାପାତ୍ର, ଅବସର ପ୍ରାପ୍ତ ଅଧ୍ୟକ୍ଷ ଉମର ମଲ୍ଲିକ, ସାମ୍ବାଦିକ ଭବନ ର ସଭାପତି ରଜତ ପଟ୍ଟନାୟକ, ସମ୍ପାଦକ ଅନୱାର ଅଲ୍ଲୀ, ସମାଜସେବୀ ଶେଖ ଅବଦୁଲ ଆହାଦ, ଔରେଙ୍ଗ ଜେବ, ଶ୍ରୀକାନ୍ତ ପଟ୍ଟନାୟକ, ଦାମୋଦର ସାହୁ, ସୁରେଶ ସ୍ୱାଇଁ,ଜିତେନ୍ଦ୍ର ସାହୁ, ଶାନ୍ତନୁ ବିଶୋଇ, ମନୋଜ ମିଶ୍ର ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ସାମ୍ବାଦିକ ସଂଘର ସମ୍ପାଦକ ସୁବାସ ମହାପାତ୍ର ଏହି ଆଲୋଚନା ଚକ୍ରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ନିଶିକାନ୍ତ ରଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।







# ଆସନ୍ତା ୮ରେ ତାରିଖ ଓଡ଼ିଶା ବନ୍ଦ ପାଇଁ ଇଣ୍ଡି ମେଂଟର ପ୍ରସ୍ତୁତି

ଖଇରା(ନି.ପ୍ର.)ଆସନ୍ତା ୮ତାରିଖରେ ଖଇରାରେ ଓଡିଶା ବନ୍ଦ ଡାକରାକୁ ସଫଳ କରିବା ଲକ୍ଷ୍ୟରେ ଇଣ୍ଡି ମେ□ର ଏକ ବୈଠକ ରବିବାର ସଂଧ୍ୟାରେ ଖଇରା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ କଂଗ୍ରେସ କମିଟି ସଭାପତି ବସନ୍ତ କୁମାର ପାତ୍ର ସଭାପତିତ୍ୱ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା,ସଞ୍ଜୟ ଦଳେଇ ,ଅଭିମନ୍ୟୁ ପରମାଣିକ ଓ ମଧୂସୁଦନ ଜେନା,ସିପିଆଇ ନେତା ସନ୍ତୋଷ ବିଶ୍ୱାଳ,ମାନସ କୁମାର ମହାପାତ୍ର ଓ ଜନ୍ମେଜୟ ଶତପଥି,ସିପିଏମ ନେତା ଜଗତାନନ୍ଦ ମହାପାତ୍ର ପ୍ରମୁଖ ଯୋଗ ଦେଇ ବ□ମାନ ଡବଲ ଇଞ୍ଜିନ ସରକାର ଶାସନରେ ଜନସାଧରଣ ଅତିଷ୍ଠ ହୋଇ ପଡିଥିବାରୁ ଓଡିଶାବନ୍ଦରେ ସଂପୂର୍ଣ୍ଣ ସହଯୋଗ ପାଇଁ ବ୍ୟବସାୟୀ ବନ୍ଧୁ ତଥା ଜନସାଧାରଣଙ୍କୁ ନିବେଦନ କାରିଥିଲେ । ଏମଏମଡିଆର ଆଇନ ସଂଶୋଧନ,ମୁଖ୍ୟ ନିର୍ବାଚନ କମିଶନଙ୍କ ଇସ୍ତଫା,ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଅହେତୁକ ଦରଦାମ ବୃଦ୍ଧି ଇତ୍ୟାଦି ଦାବିରେ ଏହି ବନ୍ଦ ଡାକରା ଦିଆଯାଇଥିବା ବେଳେ ଏହା ଉପରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା ।



# ଦୁର୍ଗାପୂଜା ପାଇଁ ଆଜି ଠାରୁ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ 'ସିଙ୍ଗଲ ୱିଣ୍ଡୋ ସିଷ୍ଟମ୍' ଆରମ୍ଭ

ଝାରସୁଗୁଡ଼ା (ନି.ପ୍ର)ଡିଏମଏଫ ଅଡିଟୋରିୟମ ହଲ୍ ?ରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତା ତଥା ଆରକ୍ଷୀ ଅଧୀକ୍ଷକ ଶ୍ରୀ ଜି. ଆ୍ର. ରାଘବେନ୍ଦ୍ରଙ୍କ ଉପସ୍ଥିତିରେ ହୋଇଥିବା ନିଷ୍ପତି ଅନୁଯାୟୀ ଚଳିତ ବର୍ଷ ମଧ ପୂଜା କମିଟିଗୁଡ଼ିକର ସୁବିଧା ତଥା ବିଭିନ୍ନ ବିଭାଗୀୟ ଅନୁମତି ପ୍ରକ୍ରିୟାକୁ ସରଳ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ 'ସିଙ୍ଗଲ ୱିଣ୍ଡୋ ସିଷ୍ଟମ୍' ଆରମ୍ଭ କରାଯାଇଅଛି । ଆଜିଠାରୁ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏହି ସ୍ୱତନ୍ତ୍ର କାଉଂଟର କାର୍ଯ୍ୟକ୍ଷମ ହେଉଅଛି । ଏହା ମାଧମରେ ପୂଜା ମଣ୍ଡପ ନିର୍ମାଣ, ବିଦ୍ୟୁତ ସଂଯୋଗ, ଅଗ୍ନିଶମ ସୁରକ୍ଷା ଏବଂ ଧ୍ୱନି ପ୍ରଦୂଷଣ ନିୟନ୍ତ୍ରଣ ଭଳି ଆବଶ୍ୟକୀୟ ସମସ୍ତ ସରକାରୀ ଅନୁମତି ପତ୍ର କମିଟିଗୁଡ଼ିକ ଗୋଟିଏ ସ୍ଥାନରୁ ହିଁ ସହଜରେ ହାସଲ କରିପାରିବେ, ଯାହା ଫଳରେ ସେମାନଙ୍କୁ ବିଭିନ୍ନ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିବାକୁ ପଡ଼ିବ ନାହିଁ ।

# ଆଗାମୀ ଶାରଦୀୟ ଦୁର୍ଗାପୂଜାକୁ ନେଇ TPNODL ବ୍ୟାପକ ପ୍ରସ୍ତୁତି

ବାଲେଶ୍ୱର,(ନି.ପ୍ର.): ଉତର ଓଡ଼ିଶାରେ ଆଗାମୀ ଶାରଦୀୟ ଦୁର୍ଗାପୂଜାକୁ ନେଇ ବ୍ୟାପକ ପ୍ରସ୍ତୁତି ଚାଲିଥିବା ବେଳେ ବଡ଼ ବଡ଼ ପୂଜା ମଣ୍ଡପ, ଆଲୋକସଜ୍ଜା ଓ ବିଭିନ୍ନ ଉତ୍ସବୀୟ କାର୍ଯ୍ୟକ୍ରମ ପାଇଁ ବିଦ୍ୟୁତ୍ ଚାହିଦା ବଢ଼ିବାକୁ ଦୃଷ୍ଟିରେ ରଖି ଟିପିଏନଓଡିଏଲ୍ ପକ୍ଷରୁ ଅଂଚଳରେ ବିଦ୍ୟୁତ୍ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି । ସୁରକ୍ଷିତ, ନିର୍ଭରଯୋଗ୍ୟ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସହିତ ପୂଜା ସମୟରେ ବିଦ୍ୟୁତ୍ ଦୁର୍ଘଟଣା ଏଡ଼ାଇବା ପାଇଁ ପୂଜା କମିଟି ଓ ଆୟୋଜକମାନଙ୍କୁ ବିଭିନ୍ନ ପରାମର୍ଶ ଦିଆଯାଇଛି ।ପୂଜା ମଣ୍ଡପଗୁଡ଼ିକରେ ବଢ଼ୁଥିବା ବିଦ୍ୟୁତ୍ ଆବଶ୍ୟକତା ଓ ଅସ୍ଥାୟୀ ବିଦ୍ୟୁତ୍ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଟିପିଏନଓଡିଏଲ୍ ପକ୍ଷରୁ ପୂଜା କମିଟି, ସ୍ଥାନୀୟ ପ୍ରଶାସନ ଓ କ୍ଷେତ୍ରସ୍ତରୀୟ ଟିମ୍ ?ଗୁଡ଼ିକ ସହ ସମନ୍ୱୟ ରଖାଯାଉଛି । ଅନୁମୋଦିତ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ପ୍ରଦାନ ସହ ସୁରକ୍ଷିତ ବିଦ୍ୟୁତ୍ ବ୍ୟବହାର ନେଇ ମଧ ସଚେତନ କରାଯାଉଛି ।ପୂଜା କମିଟିଗୁଡ଼ିକୁ ନିଜର ପ୍ରକୃତ ବିଦ୍ୟୁତ୍ ଆବଶ୍ୟକତା ଅନୁଯାୟୀ ନିର୍ଦ୍ଧାରିତ ପ୍ରକ୍ରିୟାରେ ଅନୁମୋଦିତ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ପାଇଁ ଆଗୁଆ ଆବେଦନ କରିବାକୁ ପରାମର୍ଶ ଦିଆଯାଇଛି । ଏ ସମ୍ପର୍କିତ ସହାୟତା ପାଇଁ ଟିପିଏନଓଡିଏଲ୍‌ର ଗ୍ରାହକ ସେବା ନମ୍ବର ୧୯୧୨ / ୧୮୦୦-୩୪୫୬-୭୧୮ରେ ଯୋଗାଯୋଗ କରିବା, ଟିପିଏନଓଡିଏଲ୍‌ର ୱେବସାଇଟ୍ କିମ୍ବା ନିକଟସ୍ଥ ବିଦ୍ୟୁତ୍ କାର୍ଯ୍ୟାଳୟରେ ସମ୍ପର୍କ କରିବାକୁ କୁହାଯାଇଛି ।ଏଥିସହିତ ଅନୁମୋଦନବିହୀନ ବିଦ୍ୟୁତ୍ ସଂଯୋଗ, ଅତ୍ୟଧିକ ଲୋଡ୍ ବ୍ୟବହାର କିମ୍ବା ବିଦ୍ୟୁତ୍ ବ୍ୟବସ୍ଥାରେ କୌଣସି ଅନଧିକୃତ ପରିବର୍ତନ ନକରିବାକୁ ଆୟୋଜକମାନଙ୍କୁ ଟିପିଏନଓଡିଏଲ୍ ପକ୍ଷରୁ ଅନୁରୋଧ କରାଯାଇଛି ।ଏହି ଅବସରରେ ଟିପିଏନଓଡିଏଲ୍ ?ର ସିଇଓ ଦୁଷ୍ୟନ୍ତ କୁମାର ତ୍ୟାଗୀ କହିଛନ୍ତି, "ଦୁର୍ଗାପୂଜା ପରିବାର ଓ ସମାଜକୁ ଏକାଠି କରୁଥିବା ଏକ ମହତ୍ୱପୂର୍ଣ୍ଣ ପର୍ବ । ଏହି ଉତ୍ସବ ଯେପରି ସୁରକ୍ଷିତ ଓ ନିରବଚ୍ଛିନ୍ନ ଭାବେ ପାଳିତ ହୁଏ, ତାହା ନିଶ୍ଚିତ କରିବା ଆମର ପ୍ରାଥମିକତା । ପୂଜା କମିଟିଗୁଡ଼ିକ ଅନୁମୋଦିତ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ନେବା ସହ ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡ ଅନୁଯାୟୀ ଓ ଉପଯୁକ୍ତ ସତର୍କତା ସହ ବିଦ୍ୟୁତ୍ ବ୍ୟବସ୍ଥା କରିବା ନିତାନ୍ତ ଆବଶ୍ୟକ । ସୁରକ୍ଷିତ ଓ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ପାଇଁ ଆମେ ପୂଜା ଆୟୋଜକ ଓ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟରେ ପ୍ରସ୍ତୁତି ଜାରି ରଖିଛୁ ।"ଟିପିଏନଓଡିଏଲ୍ ପକ୍ଷରୁ ପୂଜା କମିଟିଗୁଡ଼ିକୁ ବିଦ୍ୟୁତ୍ ବ୍ୟବସ୍ଥାର ସ୍ଥାପନା ଓ ରକ୍ଷଣାବେକ୍ଷଣ ପାଇଁ ଯୋଗ୍ୟ ଓ ଅଭିଜ୍ଞ ବିଦ୍ୟୁତ୍ କର୍ମଚାରୀଙ୍କ ସହାୟତା ନେବାକୁ ପରାମର୍ଶ ଦିଆଯାଇଛି । ତାରଗୁଡ଼ିକର ଉପଯୁକ୍ତ ଇନ୍‌ସୁଲେସନ୍ ଓ ସୁରକ୍ଷିତ ୱାୟାରିଂ କରିବା ସହ ବିଦ୍ୟୁତ୍ ଉପକରଣକୁ ପାଣି ଓ ଅନ୍ୟାନ୍ୟ ବିପଦ ସମ୍ଭାବନା ଥିବା ସ୍ଥାନ ଠାରୁ ଦୂରରେ ରଖିବାକୁ କୁହାଯାଇଛି ।ପୂଜା ମଣ୍ଡପକୁ ଓଭରହେଡ୍ ବିଦ୍ୟୁତ୍ ତାର ଓ ଅନ୍ୟାନ୍ୟ ବିଦ୍ୟୁତ୍ ଭିତିଭୂମିଠାରୁ ନିରାପଦ ଦୂରତାରେ ନିର୍ମାଣ କରିବାକୁ ମଧ ପରାମର୍ଶ ଦିଆଯାଇଛି । ଉତ୍ସବ ସମୟରେ ନିୟମିତ ଭାବେ ବିଦ୍ୟୁତ୍ ବ୍ୟବସ୍ଥା ଯାଂଚ କରିବା ସହ ପୂଜା ମଣ୍ଡପ ପରିସରରେ ଅଗ୍ନି ନିର୍ବାପକ ଯନ୍ତ୍ର, ଜରୁରୀକାଳୀନ ସେବା ପାଇଁ ପର୍ଯ୍ୟାପ୍ତ ପ୍ରବେଶ ପଥ ଏବଂ ସୁରକ୍ଷିତ ନିର୍ଗମ ବ୍ୟବସ୍ଥା ରଖିବାକୁ ପୂଜା କମିଟିଗୁଡ଼ିକୁ କୁହାଯାଇଛି ।ଅନ୍ୟପକ୍ଷରେ, ଗ୍ରାହକ ଓ ପୂଜା ମଣ୍ଡପକୁ ଆସୁଥିବା ଲୋକମାନଙ୍କୁ କ୍ଷତିଗ୍ରସ୍ତ, ଖୋଲା କିମ୍ବା ସ୍ପାର୍କିଂ ହେଉଥିବା ବିଦ୍ୟୁତ୍ ତାର ଓ ଉପକରଣକୁ ନଛୁଇଁବାକୁ ପରାମର୍ଶ ଦିଆଯାଇଛି । ଏଭଳି କୌଣସି ବିପଜ୍ଜନକ ପରିସ୍ଥିତି ନଜରକୁ ଆସିଲେ ତୁରନ୍ତ ଟିପିଏନଓଡିଏଲ୍‌ର ୨୪ ଘଂଟିଆ କଲ୍ ସେଂଟର ୧୯୧୨ / ୧୮୦୦-୩୪୫୬-୭୧୮ ନମ୍ବରରେ କିମ୍ବା ନିକଟସ୍ଥ ବିଦ୍ୟୁତ୍ କାର୍ଯ୍ୟାଳୟରେ ଜଣାଇବାକୁ କୁହାଯାଇଛି । କାର୍ଯ୍ୟକ୍ଷେତ୍ରରେ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଟିପିଏନଓଡିଏଲ୍ ଉତର ଓଡ଼ିଶାରେ ନିରାପଦ, ନିର୍ଭରଯୋଗ୍ୟ ଓ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ପାଇଁ ପ୍ରତିବଦ୍ଧ ଥିବା କହିଛି । ସ୍ଥାନୀୟ ପ୍ରଶାସନ ଓ ବିଭିନ୍ନ ଅଂଶୀଦାରଙ୍କ ସହ ନିରନ୍ତର ସମନ୍ୱୟ ମାଧମରେ ଉତର ଓଡ଼ିଶାର ଲୋକମାନେ ଯେପରି ସୁରକ୍ଷିତ ଓ ଦାୟିତ୍ୱଶୀଳ ଭାବେ ଦୁର୍ଗାପୂଜା ପାଳନ କରିପାରିବେ, ସେଥିପାଇଁ ପ୍ରସ୍ତୁତି ଜାରି ରହିଛି ।

TPNODL
TP NORTHERN ODISHA
DISTRIBUTION LIMITED
(A Joint Venture of Tata Power and Government of Odisha)

# ଚୋରି ମୋବାଇଲ୍ ଫୋନ୍ ଉଦ୍ଧାର କରି ଫେରାଇଲା ପୋଲିସ୍

ରାୟଗଡ଼ା (ନି.ପ୍ର.)ହଜିଥିବା ମୋବାଇଲ୍ ଫୋନ୍ ଉଦ୍ଧାର କରି ପ୍ରକୃତ ମାଲିକଙ୍କୁ ଫେରାଇଛି ରାୟଗଡ଼ା ଜିଲ୍ଲା ପୋଲିସ୍ । ଗତ ୧୦ ଦିନ ଧରି ଚାଲିଥିବା ସ୍ପେଶାଲ୍ ଡ୍ରାଇଭ୍‌ରେ ୧୦୦ରୁ ଅଧିକ ହଜିଥିବା ମୋବାଇଲ୍ ଉଦ୍ଧାର କରାଯାଇଛି । ଆଜି ରାୟଗଡ଼ା ଜିଲ୍ଲା ପୋଲିସ କାର୍ଯ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଆୟୋଜିତ ଚୋରି ହୋଇଥିବା ମୋବାଇଲ ଉଦ୍ଧାର କରି ବିତରଣ କାର୍ଯ୍ୟକ୍ରମରେ ଏହି ମୋବାଇଲ୍ ଗୁଡ଼ିକୁ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି । ସି ଇ ଆଇ ଆର୍ ପୋର୍ଟାଲ୍ ତଥା 'ସଂଚାର ସାଥୀ'ର ସୁବିଧାକୁ ବ୍ୟବହାର କରି ପୋଲିସ୍ ଏହି ସଫଳତା ପାଇଥିବା ସାମ୍ବାଦିକ ସମ୍ମିଳନୀ ରେ ରାୟଗଡ଼ା ଏସ୍ ?ପି ରାଜ ପ୍ରସାଦ କହିଛନ୍ତି ।




# ସୁବର୍ଣ୍ଣରେଖା କେନାଲ ପାଣିରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ବେତନଟୀ (ନି.ପ୍ର) : ମୟୁରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧିନ ଧବନିଶୋଳ ଗ୍ରାମର ଜୈନିକ ବୃଦ୍ଧ ରବିବାର ଦିନ ଘରଠାରୁ ଦୁଇଶହ ମିଟର ଦୂରରେ ଥିବା ସୁବର୍ଣ୍ଣରେଖା କେନାଲ ବୁଡ଼ି ମର୍ତ୍ତ୍ୟୁବରଣ କରିଛନ୍ତି । ବେତନଟୀ ପୋଲିସ ଅପମୃତ୍ୟୁ କେସ ନମ୍ବର ୫୩/୨୦୨୬ ରେ ମାମଲା ରୁଜୁ କରି ଶବବ୍ୟବଛେଦ କରିଥିବାର ଜଣାପଡିଛି । ଘଟଣାରୁ ପ୍ରକାଶ ଏହି ଗ୍ରାମର କ୍ଷେତ୍ରମୋହନ ମହାନ୍ତ (୮୦) ରବିବାର ସକାଳେ ଘରପାଖ କେନାଲ କୁ ଶୌଚ ପାଇଁ ଯାଇ ଦୀର୍ଘସମୟ ଘରକୁ ଫେରିନଥିଲେ । ପରିବାର ଲୋକ କେନାଲରେ ବୁଡ଼ିଯାଇଥିବା କଥା ଜାଣି ବେତନଟୀ ଅଗ୍ନିଶମ ଅଧିକାରୀଙ୍କୁ ଜଣାଇଥିଲେ । ବେତନଟୀ ଅଗ୍ନିଶମ ଗାଡ଼ି ଘଟଣା ସ୍ଥଳକୁ ଯାଇ ସୁବର୍ଣ୍ଣରେଖା କେନାଲ ରୁ ମୃତ ଦେହ କୁ ଉଦ୍ଧାର କରିଥିଲେ ।

# ଘରଭିତରେ ଜଳିଗଲା ଦୁଇଟି ବାଇକ୍, ଅଳ୍ପକେ ବର୍ତିଲେ ପରିବାର ବର୍ଗ

ବେତନଟୀ (ନି.ପ୍ର) : ମୟୁରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଅଧିନ ଯୋଗିନୁଆଗାଁ ଗ୍ରାମପଂଚାୟତ ର ବର୍ତନା ଗ୍ରାମର କିଶୋର କୁମାର ଦାସ ଙ୍କ ଘରଭିତରେ ରହିଥିବା ଦୁଇଟି ବାଇକ ଶନିବାର ବିଳମ୍ବ ରାତିରେ ନିଆଁ ରେ ପୋଡି ପାଉଁଶ ହୋଇଯାଇଛି ଆସନ୍ନ ବିପଦ ରୁ ଅଳ୍ପକେ ବର୍ତୀ ଯାଇଛନ୍ତି ପରିବାର ବର୍ଗ । ଘଟଣା ରୁ ପ୍ରକାଶ ଶ୍ରୀ ଦାସ ଙ୍କ ଘରଭିତରେ ଛଅ ମାସ ପୂର୍ବରୁ କିଣା ହୋଇଥିବା ଏକ ଲକ୍ଷ ଚାଳିଶ ହଜାର ଟଙ୍କାର ନୁଆ ଇଲେକ୍ଟ୍ରି ବାଇକ କୁ ରଖାଯାଇଥିବା ବେଳେ ପାଖରେ ଏକ ପେଟ୍ରୋଲ ଚଳିତ ବାଇକ ବି ରଖିଥିଲେ । ଶନିବାର ରାତି ପ୍ରାୟ ଏଗାର ଟା ସମୟରେ ପରିବାର ଲୋକ ଖାଇପିଇ ଶୋଇ ପଡ଼ିଥିଲେ । ରାତି ଗୋଟାଏ ସମୟରେ କିଶୋର ଦାସ ଙ୍କ ହଠାତ ନିଦଭାଙ୍ଗିଯିବାରୁ ଘରଭିତରେ ରହିଥିବା ଦୁଇଟି ବାଇକ ନିଆଁରେ ଜଳିଯାଉଥିବାର ଦେଖିବାକୁ ପାଇଥିଲେ । ନିଜର ଘର କାମ ପାଇଁ ବିଛଯାଇଥିବା ପାଣିରେ ପାଇପ ସାହାଯ୍ୟ ରେ ଜଳୁଥିବା ବାଇକ ଉପରକୁ ପାଣି ଛାଟି ନିଆଁ କୁ ଆୟତ କରିଥିଲେ । ସେହି ଘରେ ଥିବା ଦୁଇଟି ବାଇକ ସମେତ ପ୍ରାୟ ତିନିଲକ୍ଷ୍ୟ ଟଙ୍କାର ଆସବାବ ପତ୍ର ପୋଡ଼ିଯାଇଥିବା ବେଳେ ଘଟଣା ସ୍ଥଳ କୁ ବେତନଟୀ ଅଗ୍ନିଶମ ଅଧିକାରୀ ଯାଇ ତଦନ୍ତ କରିଥିବାର ଜଣା ପଡିଛି । ନିଆଁ କେମିତି ଲାଗିଲା ଜଣା ପଡ଼ି ନଥିବା ବେଳେ କୌଣସି କାରଣ ରୁ ଇଲେକ୍ଟ୍ରି ବାଇକ ଲାଗିଯାଇଥିବାର ସନ୍ଦେହ କରାଯାଇଛି ।

# ଏୟାରଫୋର୍ସ ଆସୋସିଏସନ୍ ଚାପ୍ଟର ପକ୍ଷରୁ ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ଓ ସମାଜସେବୀଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର(ନି.ପ୍ର.): ଦେଶର ସୁରକ୍ଷାରେ ଭାରତୀୟ ବାୟୁସେନା ସମେତ ତିନି ସେନାବାହିନୀର ଅବଦାନକୁ ସ୍ମରଣ ଓ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏୟାରଫୋର୍ସ ଆସୋସିଏସନ୍, ବାଲେଶ୍ୱର ଚାପ୍ଟର ପକ୍ଷରୁ ଏୟାରଫୋର୍ସ ଦିବସ ରବିବାର ପୂର୍ବାହ୍ନରେ ସ୍ଥାନୀୟ ଜଗନ୍ନାଥ କଲ୍ୟାଣ ମଣ୍ଡପ ଠାରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଦେଶସେବା, ସମ୍ମାନ ଓ ଭାଇଚାରାର ଭାବନାରେ ପରିପୂର୍ଣ୍ଣ ଥିଲା ।ବାଲେଶ୍ୱର ଚାପ୍ଟର ସଭାପତି ଶିବଦାସ କୁଣ୍ଡୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ଜିଲ୍ଲାପାଳ ଅମ୍ଳାନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶର ସୁରକ୍ଷା କ୍ଷେତ୍ରରେ ତିନି ସେନାବାହିନୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ ।ସେ କହିଥିଲେ ଯେ, ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ ସେ ମଧ ବାୟୁସେନାରେ ଯୋଗଦେବାର ସ୍ୱପ୍ନ ଦେଖିଥିଲେ, ଯଦିଓ ତାହା ସାକାର ହୋଇପାରିନଥିଲା । ତେବେ ଓଡ଼ିଶା ସରକାରଙ୍କ ଅଧୀନରେ କାର୍ଯ୍ୟ କରିବା ସମୟରେ ଜରୁରୀକାଳୀନ ପରିସ୍ଥିତିରେ ସେନାବାହିନୀର ସହାୟତା ଆବଶ୍ୟକ ହେଉଥିବା ବେଳେ ସେମାନେ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ସେବା ଯୋଗାଇ ଦେଉଥିବା କଥା ସେ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ ।ଦେଶର ସୁରକ୍ଷା ଓ ଜନସେବାରେ ନିୟୋଜିତ ପ୍ରତ୍ୟେକ ସେନା କର୍ମଚାରୀ ଓ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ଦେଶବାସୀ ସମ୍ମାନ ଜଣାଇବା ଆବଶ୍ୟକ ବୋଲି




ଶ୍ରୀ ନାୟକ କହିଥିଲେ ।ସଭାପତି ଶିବଦାସ କୁଣ୍ଡୁ ତାଙ୍କ ଅଧକ୍ଷୀୟ ଭାଷଣରେ ଏୟାରଫୋର୍ସ ଦିବସ ପାଳନର ଉଦ୍ଦେଶ୍ୟ ଓ ଏହାର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ବାଲେଶ୍ୱର ଚାପ୍ଟର ନିଜର ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମରେ ସର୍ବଦା ଆଗରେ ରହି ଜାତୀୟସ୍ତରରେ ସମ୍ମାନିତ ହୋଇଥିବା ସେ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମରେ ଚାପ୍ଟରର ବରିଷ୍ଠ ସଦସ୍ୟ ମୁରଲୀଧର ପାତ୍ର, ଉପସଭାପତି ଗୋପୀନାଥ ଦାସ, ସମ୍ପାଦକ ମହେଶ୍ୱର ବେହେରା, ସହକାରୀ ସମ୍ପାଦକ ରାଜକିଶୋର ଜେନା ଓ କୋଷାଧ୍ୟକ୍ଷ କୃଷ୍ଣବନ୍ଧୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅବସରରେ ଅବସରପ୍ରାପ୍ତ ବାୟୁସେନା କର୍ମଚାରୀଙ୍କ ପତ୍ନୀ ତଥା ଚାପ୍ଟରର ସକ୍ରିୟ ସଦସ୍ୟାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି କାର୍ଯ୍ୟକ୍ରମକୁ ଆନନ୍ଦମୟ କରିଥିଲେ । ସେମାନଙ୍କ ପରିବେଷଣରେ ଅନୁଷ୍ଠାନସ୍ଥଳରେ ଏକ ଆତ୍ମୀୟ ଓ ପାରିବାରିକ ପରିବେଶ ସୃଷ୍ଟି ହୋଇଥିଲା ।ଏହି ଅବସରରେ ଜିଲ୍ଲାର ବହୁ ସାମାଜିକ କର୍ମୀ, ସମାଜସେବୀ ଓ ପରିବେଶବିତ୍ ?ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେନାସେବା ସହ ସାମାଜିକ ଦାୟିତ୍ୱ ଓ ପରିବେଶ ସୁରକ୍ଷାରେ ଅବଦାନ ରଖୁଥିବା ବ୍ୟକ୍ତିମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବାରେ ଉମାକାନ୍ତ ମହାପାତ୍ର, ବୀରେନ୍ଦ୍ର କୁମାର ବେହେରା, ଅଶୋକ କୁମାର ଦାସ, ରଘୁନାଥ ପଣ୍ଡା, ସ୍ୱପ୍ନା କୁଣ୍ଡୁ, କାଦମ୍ବିନୀ ଦାସ, ମୁକ୍ତି ଦାସ ଓ ରୀନା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

# ସାମାନ୍ୟ ପାଟିତୁଣ୍ଡରୁ ସାଙ୍ଗର ତଂଟି କାଟି ହତ୍ୟା, ବିଟୁ ଗିରଫ

ବ୍ରହ୍ମପୁର(ନି.ପ୍ର.): ପାର୍ବଣ ଆରମ୍ଭ ହେଉ ହେଉ ରକ୍ତରଞ୍ଜିତ ହୋଇଛି ରେଶମ ସହର । ସାମାନ୍ୟ ପାଟିତୁଣ୍ଡକୁ କେନ୍ଦ୍ର କରି ସାଙ୍ଗର ତଂଟି କାଟି ହତ୍ୟା କରିଛି ସାଙ୍ଗ । ନିମଖଣ୍ଡି ଥାନା ଅନ୍ତର୍ଗତ ନିମଖଣ୍ଡି ଗାଁରେ ଘଟିଥିବା ଏହି ହତ୍ୟାକାଣ୍ଡରେ ଟୁନା ନାୟକଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଲିସ ତାଙ୍କ ସାଙ୍ଗ ବିଟୁ ସାହୁଙ୍କୁ ଗିରଫ କରିଛି ।ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ଟୁନା, ବିଟୁଙ୍କ ସମେତ ୪ ଜଣ ଏକାଠି ମଦ୍ୟପାନ କରୁଥିଲେ । କୌଣସି କଥାକୁ ନେଇ ଟୁନା ଓ ବିଟୁଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ସହ ଟୁନା ପ୍ରଥମେ ବିଟୁଙ୍କୁ ଚାପୁଡ଼ା ମାରିଥିବା କୁହାଯାଉଛି । ଏଥିରେ ଉତ୍ୟକ୍ତ ହୋଇ ବିଟୁ ସ୍କୁଟିରେ ରଖିଥିବା ଛୁରୀରେ ଟୁନାଙ୍କ ବେକକୁ ଆକ୍ରମଣ କରିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି । ରକ୍ତାକ୍ତ ଅବସ୍ଥାରେ ଟୁନା ନିଜ ସମ୍ପର୍କୀୟଙ୍କ ଘରେ ପହଂଚିଥିଲେ । ତାଙ୍କୁ ମେଡିକାଲ ନିଆଯାଇଥିଲେ ମଧ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା । ଅନ୍ୟପଟେ ପାର୍ବଣ ପାଇଁ ଚାଲିଥିବା ନାକା ଯାଂଚ ବେଳେ ପୁଲିସ ବିଟୁଙ୍କୁ ଧରିଥିଲା । ପରେ ଘଟଣାସ୍ଥଳରୁ ହତ୍ୟାରେ ବ୍ୟବହୃତ ଛୁରୀ ଜବତ କରାଯାଇଛି ।ମୃତ ଟୁନାଙ୍କ ନାମରେ ନିମଖଣ୍ଡି ଥାନାରେ ୨ଟି ଓ ସଦର ଥାନାରେ ୬ଟି ସହ ମୋଟ ୮ଟି ଅପରାଧିକ ମାମଲା ରହିଥିବା ବ୍ରହ୍ମପୁର ଏସ୍ ?ପି ଅଭିନବ ସୋନକାର ସୂଚନା ଦେଇଛନ୍ତି । ଘଟଣାକୁ ନେଇ ନିମଖଣ୍ଡି ପୁଲିସର ଅଧିକ ତଦନ୍ତ ଜାରି ରହିଛି ।



# ପରିବେଶବିତ ସୁମନ୍ତ କୁମାର ଜେନାଙ୍କ ଦ୍ୱାରା ଥାଲାସେମିଆ ରୋଗୀଙ୍କ ପାଇଁ ଆୟୋଜିତ ହେଲା ରକ୍ତଦାନ ଶିବିର




ବାଲେଶ୍ୱର,(ନି.ପ୍ର.): ବାଲେଶ୍ୱର ଜିଲ୍ଲା ରକ୍ତ କେନ୍ଦ୍ର ପରିସରରେ ଥାଲାସେମିଆ ପୀଡ଼ିତ ଶିଶୁ ଓ ରୋଗୀମାନଙ୍କ ସହାୟତା ପାଇଁ ଏକ ସ୍ୱତନ୍ତ୍ର ରକ୍ତଦାନ ଶିବିର ପରିବେଶବିତ୍ ତଥା ଜଣାଶୁଣା ସାମାଜିକ କର୍ମୀ ସୁମନ୍ତ କୁମାର ଜେନା ଓ ତାଙ୍କ ସହଧର୍ମିଣୀ ସୁଲୋଚନା ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ମହତ୍ ଶିବିରକୁ ଓଡ଼ିଶା ସରକାରଙ୍କ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ରକ୍ତ କେନ୍ଦ୍ରର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ,ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତୀ, ସମ୍ପାଦକ ଇଂ. ହୃଷୀକେଶ ସାହୁ, ସହଦେବଖୁଂଟା ଆଇଆଇସି ଆଲୋକ ସାହୁ, ସାଙ୍ଗଠନିକ ସମ୍ପାଦକ ସୀମନ ଦାସ ମହାପାତ୍ର, କବି ପ୍ରଶାନ୍ତ ଦାସ, ଯୁବ ସମାଜସେବୀ ତଥା ଆଇନଜୀବୀ ଶାହିରୁଲ ହକ, ଯୁବ ସମାଜସେବୀ ବିକାଶ ପାଢ଼ୀ,ଜେ ଜେ ଟ୍ୟୁଟୋରିଆଲର ନିର୍ଦ୍ଦେଶକ ଜଗନ୍ନାଥ ସାସମଲ, ସମାଜସେବୀ ଆଶ୍ରିତା ତରେଇ, ଅଧ୍ୟାପକ ଗୌରାଙ୍ଗ ପଣ୍ଡା, 'ସମୟ ଚକ୍ର' ସମ୍ପାଦକ ସର୍ବେଶ୍ୱର ଜେନା, ସମାଜସେବୀ ସୁଶାନ୍ତ ଧଳ, ପ୍ରଶାନ୍ତ ଧଳ, ହେମନ୍ତ ସାହୁ ବିରେନ୍ଦ୍ର ବେଉରିଆ ପ୍ରମୁଖ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ସାମ୍ପ୍ରତିକ ସମୟରେ ଥାଲାସେମିଆ ରୋଗୀଙ୍କ ପାଇଁ ଦେଖାଦେଉଥିବା ରକ୍ତ ସଙ୍କଟକୁ ଦୂର କରିବା ପାଇଁ ପ୍ରତ୍ୟେକ ମାସ ଶ୍ରୀ ଜେନାଙ୍କ ଦ୍ୱାରା ଏହି ମହତ୍ କାର୍ଯ୍ୟକ୍ରମ ହୋଇ ଆସୁଛି । ଏହି ମହତ କାର୍ଯ୍ୟରେ ସହଯୋଗ କରିବା ପାଇଁ ଅଂଚଳର ବହୁ ସଂଖ୍ୟକ ଯୁବକ, ମହିଳା ଓ ସ୍ୱେଚ୍ଛାସେବୀ ଆଗେଇ ଆସି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଶିବିରରୁ ମୋଟ ୬୧ ୟୁନିଟ୍ ବହୁମୂଲ୍ୟ ରକ୍ତ ସଂଗୃହୀତ ହୋଇଥିଲା । ସ୍ମୃତି କମିଟିର ସଦସ୍ୟ ସମାଜସେବୀ ସୁଶାନ୍ତ ଧଳ, ସ୍ୱେଚ୍ଛାସେବୀ ସୁଜିତ୍ ନାୟକ, ବିଶ୍ୱଜିତ ମୁଦୁଲି, ଅଜୟ ବେହେରା, ଚନ୍ଦନ ବିଶ୍ୱାଳ, ମୃତ୍ୟୁଞ୍ଜୟ ଜେନା, ନଗେନ୍ ବେହେରା, ରଞ୍ଜନ ମହାନ୍ତି, ରାଜେଶ ସିଂହ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ରକ୍ତ କେନ୍ଦ୍ରର ଅଧିକାରୀ ଓ ରକ୍ତ ଭଣ୍ଡାର କର୍ମକର୍ତାମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଶେଷରେ ଆୟୋଜକ ସମସ୍ତ ରକ୍ତଦାତା ଓ ସହଯୋଗୀଙ୍କୁ ସାଧୁବାଦ ଜଣାଇବା ସହ ଆଗାମୀ ଦିନରେ ମଧ ଏଭଳି ଶିବିର ଜାରି ରହିବ ବୋଲି ପ୍ରକାଶ କରିଛନ୍ତି । ଥାଲାସେମିଆ ରୋଗୀଙ୍କ ସହାୟତା ପାଇଁ ଆୟୋଜିତ ଏହି ରକ୍ତଦାନ ଶିବିର ସମାଜରେ ମାନବିକତା, ସେବା ଓ ସହଯୋଗର ଏକ ଉଜ୍ଜ୍ୱଳ ଉଦାହରଣ ସୃଷ୍ଟି କରିଛି ।

# ଝାରସୁଗୁଡ଼ା ପୌରପରିଷଦରେ ସେବା ପକ୍ଷ - ୨୦୨୬ ଅନୁଷ୍ଠିତ

ଝାରସୁଗୁଡ଼ା,(ନି.ପ୍ର.) ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ପାଳନ କରାଯାଉଥିବା ସେବା ପକ୍ଷ ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ସେବାମୂଳକ କାର୍ଯ୍ୟକ୍ରମ ଜାରି ରହିଛି । ଏହି କ୍ରମରେ ରବିବାର ମାନ୍ୟବର ବିଧାୟକ ଶ୍ରୀ ଟଙ୍କଧର ତ୍ରିପାଠୀ ପ୍ରଥମେ ଝାଡ଼େଶ୍ୱର ମନ୍ଦିର ରେ ପୂଜା କରିବା ସହ ମନ୍ଦିର ପରିସରରେ ବୃକ୍ଷ ରୋପଣ କରିଥିଲେ । ପରେ ପୌରପରିଷଦ ଅନ୍ତର୍ଗତ ପୁରୁଣାବସ୍ତି ଏମପିଏଲ ହାଇସ୍କୁଲ ରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିର ରେ ଯୋଗଦେଇଥିଲେ । ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ରହି ଶିବିର ପରିଦର୍ଶନ କରିବା ସହ ସେବାକାରୀଙ୍କୁ ଉତ୍ସାହିତ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ କାମନା କରି ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଥିବା ବେଳେ ସ୍ଥାନୀୟ ଲୋକ ସ୍ୱତଃପ୍ରବୃତ ଭାବେ ଏଥିରେ ଯୋଗଦାନ କରି ସେବା ଯୋଗାଇ ଦେଉଛନ୍ତି ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ । ଏହାସହ ଅଂଚଳର ଗରିବ ସାଧାରଣ ଜନତାଙ୍କ ନିକଟରେ ସ୍ୱାସ୍ଥ୍ୟ ସେବାକୁ ପହଂଚାଇବା ଏହି ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଧାୟକ ମତ ରଖିଥିଲେ । ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଶିଶୁ ବିଭାଗ ଡାକ୍ତର ବି. ଏନ. କଶ୍ୟପ, ମେଡ଼ିସିନ ବିଭାଗ ଡାକ୍ତର ଶିବ ପ୍ରସାଦ ଶତପଥି ଏବଂ ସଂଜୀବନୀ ହସ୍ପିଟାଲ ର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଡେନ୍ସି ପଟେଲ ଓ ଡାକ୍ତର ବିଶ୍ୱାକେଶ ସାମନ୍ତରାୟ ପ୍ରମୁଖ ବିଶେଷଜ୍ଞ ଡାକ୍ତର ମାଗଣାରେ ରୋଗୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି ଶିବିରରେ ମୋଟ ୧୦୨ଜଣ ରୋଗୀଙ୍କ ପରୀକ୍ଷା କରାଯାଇ ଔଷଧ ବଂଟନ କରାଯାଇଥିଲା । ସେହିପରି ମହାନଦୀ ନେତ୍ର ଚିକିତ୍ସାଳୟ ପକ୍ଷରୁ ଡାକ୍ତର ଜୟରାମ ମେହେର ଉପସ୍ଥିତ ରହି ୧୫୦ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେଥି ମଧ୍ୟରୁ ୫୦ ଜଣଙ୍କୁ ମାଗଣା ଚଷମା ବଂଟନ କରାଯାଇଥିଲା । ଏହାସହ ୪୫ଜଣ ରୋଗୀ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ରେଜିଷ୍ଟ୍ରେସନ କରାଯାଇଥିଲା ଓ ଯେଉଁମାନଙ୍କ ର ଆଗାମୀ ଦିନରେ ରୋଗୀଙ୍କ ଅସ୍ତ୍ରୋପଚାର ମାଗଣାରେ କରାଯିବ । ସ୍ୱାସ୍ଥ୍ୟ ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ବିମଳେନ୍ଦୁ ଭୋଳ, ରାଜେନ୍ଦ୍ର ସା, ଅନମୋଲ ମାଲହୋତ୍ର, ମମତା ପଟେଲ, ମୁନକୁ ପାଣ୍ଡେ, ରୁବି ମହାନ୍ତି, ଯୋଶୀଲା ମାଝୀ, ବିବେକ ଶ୍ରୀବାସ, ସୁବ୍ରତ ସରାଫ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଜନସାଧାରଣ ସହଯୋଗ କରିଥିଲେ ଓ ଏହି ଶିବିରରେ ପୁରୁଣାବସ୍ତି ତଥା ଆଖପାଖ ଅଂଚଳର ଲୋକେ ମଧ ଏହି ସ୍ୱାସ୍ଥ୍ୟ ଶିବିର ରେ ନିଜର ଚିକିତ୍ସା କରାଇଥିଲେ ।

# ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ବିଜେପି ସହ-ପ୍ରଭାରୀ ଡ. ସ୍ୱଦେଶ ସିଂହ



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ବିଜେପି ପ୍ରଭାରୀ ଓ ସହପ୍ରଭାରୀ । ଏହି ଅବସରରେ ରାଜ୍ୟର ସାମଗ୍ରିକ ପ୍ରଗତି ଏବଂ ସାଂଗଠନିକ କାର୍ଯ୍ୟକ୍ରମର ସୁଦୃଢ଼ୀକରଣ ଆଦି ବିଷୟରେ ଆଲୋଚନା ହୋଇଛି । ଏନେଇ ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତା ଜାରି କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜି ଭାରତୀୟ ଜନତା ପାର୍ଟି, ଓଡ଼ିଶା ପ୍ରଦେଶର ପ୍ରଭାରୀ ଶ୍ରୀମତୀ ଡି. ପୁରନ୍ଦେଶ୍ୱରୀ ଜୀ ଏବଂ ସହ-ପ୍ରଭାରୀ ଡ. ସ୍ୱଦେଶ ସିଂହ ଜୀଙ୍କ ସହିତ ଏକ ସୌଜନ୍ୟମୂଳକ ସାକ୍ଷାତ ହେଲା । ଏହି ଅବସରରେ ରାଜ୍ୟର ସାମଗ୍ରିକ ପ୍ରଗତି ଏବଂ ସାଂଗଠନିକ କାର୍ଯ୍ୟକ୍ରମର ସୁଦୃଢ଼ୀକରଣ ଆଦି ବିଷୟରେ ଆଲୋଚନା ହୋଇଥିଲା ।

# ଆସୁଛି ଲଘୁଚାପ, ପାର୍ବଣରେ ଭିଜିବ ଓଡ଼ିଶା

ଭୁବନେଶ୍ୱର: ଦୁର୍ଗା ପୂଜା ସମୟରେ ଓଡ଼ିଶାରେ ପାଣିପାଗ ପୁଣି ଥରେ ପରିବର୍ତ୍ତନ ହୋଇପାରେ । କାରଣ ଅକ୍ଟୋବର ୧୨ ତାରିଖ ଆଖପାଖରେ ଉତର ଆଣ୍ଡାମାନ ସାଗର ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଯାହା ଫଳରେ ଅକ୍ଟୋବର ୧୩ ତାରିଖ ବେଳକୁ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଏହି ପାଣିପାଗ ପ୍ରକ୍ରିୟା ବର୍ତ୍ତମାନ କେବଳ 'ଦୀର୍ଘ-ମିଆଦି ପୂର୍ବାନୁମାନ' ପର୍ଯ୍ୟାୟରେ ରହିଛି ଏବଂ ଏହା ଘୂର୍ଣ୍ଣିଝଡ଼ ବା ସାଇକ୍ଲୋନ୍ ?ରେ ପରିଣତ ହେବ କି ନାହିଁ । ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ଅତ୍ୟାଧୁନିକ ପାଣିପାଗ ଆକଳନ ଅନୁଯାୟୀ, ଏହାର ବିକାଶ ଏବଂ 'ମଧ୍ୟମ-ମିଆଦି ପୂର୍ବାନୁମାନ' ପର୍ଯ୍ୟାୟକୁ ଆସିବା ପରେ ହିଁ ଏହାର ପ୍ରକୃତ ଶକ୍ତି, ଗତିପଥ ଏବଂ ଓଡ଼ିଶା ଉପରେ ପଡ଼ିବାକୁ ଥିବା ପ୍ରଭାବ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିପାରିବ । ଓଗଉର ଦୀର୍ଘ-ମିଆଦି ପୂର୍ବାନୁମାନ ଉପରେ ଆଧାରିତ ସାମ୍ପ୍ରତିକ ରିପୋର୍ଟଗୁଡ଼ିକ ସୂଚିତ କରୁଛି ଯେ ଏହି ପ୍ରକ୍ରିୟା ଆନ୍ଧ୍ର-ଓଡ଼ିଶା ଉପକୂଳ ଆଡ଼କୁ ଗତି କରିପାରେ ଏବଂ ପର୍ବପର୍ବାଣି ସମୟରେ ରାଜ୍ୟର କିଛି ଅଂଚଳରେ ବର୍ଷା କରାଇପାରେ । ତଥାପି ଏହି ପୂର୍ବାନୁମାନରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି ।



ମୁମ୍ବାଇରେ ଆୟୋଜିତ ଏକ ଉତ୍ସବରେ ଇତିଶ୍ରୀ ରଥ ଙ୍କୁ 'ବିଜନେସ ଉଇମେନ୍ ଅଫ୍ ଦି ଇଅର' ସମ୍ମାନ ବଲିଉଡ୍ ଅଭିନେତ୍ରୀ କିଆରା ଆଡଭାନୀ ପ୍ରଦାନ କରୁଛନ୍ତି ।



# ଅଶୋକ ସିଂଘଲ ଜନ୍ମ ଶତବାର୍ଷିକୀ ସମାରୋହକୁ ସମ୍ବୋଧିତ କଲେ ପ୍ରହ୍ଲାଦ ଯୋଶୀ

ହୁବଲି : ଅଶୋକ ସିଂଘଲ ସନାତନ ଧର୍ମର ସୁରକ୍ଷା, ଗୋ-ସୁରକ୍ଷା, ହିନ୍ଦୁ ସମାଜରେ ସଚେତନତା ଏବଂ ଜାତୀୟ ଚେତନାର ନିର୍ମାଣ ପାଇଁ ନିଜର ସମଗ୍ର ଜୀବନ ଉତ୍ସର୍ଗ କରିଥିଲେ । କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କର୍ଣ୍ଣାଟକ ଉତର ପ୍ରାନ୍ତର ବିଶ୍ୱ ହିନ୍ଦୁ ପରିଷଦ ଦ୍ୱାରା ହୁବଲି ଅନ୍ତର୍ଗତ ଦେଶପାଣ୍ଡେ ନଗରସ୍ଥିତ ସୱାଇ ଗନ୍ଧର୍ବ ହଲ୍ ରେ ଆୟୋଜିତ ଅଶୋକ ସିଂଘଲ ଜନ୍ମ ଶତବାର୍ଷିକୀ ସମାରୋହକୁ ସମ୍ବୋଧିତ କରି ଏହା କହିଛନ୍ତି । କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ, ରାମ ଜନ୍ମଭୂମି ଆନ୍ଦୋଳନର ପ୍ରମୁଖ ନେତାମାନଙ୍କ ମଧ୍ୟରେ ଥିବା ଅଶୋକ ସିଂଘଲ ବିଶ୍ୱବ୍ୟାପୀ ହିନ୍ଦୁ ସମାଜକୁ ସଂଗଠିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଅଶୋକ ସିଂଘଲଙ୍କ ଧର୍ମନିଷ୍ଠା, ଦେଶପ୍ରେମ, ତ୍ୟାଗ, ଦେଶ ସେବା ପ୍ରତି ପ୍ରତିବଦ୍ଧତା, ବିଚାର ଏବଂ ସେବାର ମାର୍ଗ ସର୍ବଦା ସମାଜ ପାଇଁ ପ୍ରେରଣାଦାୟୀ ଏବଂ ମାର୍ଗଦର୍ଶକ ରହିବ । ହୁକେରୀ ସ୍ଥିତ ଗୁରୁଶାନ୍ତିଶ୍ୱର ସଂସ୍ଥାନ ହୀରେମଠର ପୂଜ୍ୟ ଶ୍ରୀ ଷ. ବ୍ର. ଚନ୍ଦ୍ରଶେଖର ଶିବାଚାର୍ଯ୍ୟ ମହାସ୍ୱାମୀଜୀ ଏବଂ କୋଂଚୁର ମଠର ପୂଜ୍ୟ ଶ୍ରୀ ସବିତାନନ୍ଦ ମହାସ୍ୱାମୀଜୀଙ୍କ ଦିବ୍ୟ ଉପସ୍ଥିତିରେ ଏହି ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସୁଧିରସିଂହ ଘୋରପଡେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ ସମ୍ପର୍କ ପ୍ରମୁଖ, ଅବସରପ୍ରାପ୍ତ ପୁଲିସ ଅଧୀକ୍ଷକ ଶରଣପ୍ପା ଉଲକିହାଲ, ବିଶ୍ୱ ହିନ୍ଦୁ ପରିଷଦର କେନ୍ଦ୍ରୀୟ ସଚିବ ଗୋପାଳ ଜି, କର୍ଣ୍ଣାଟକ ଉତର ପ୍ରାନ୍ତର ସଭାପତି ଲିଙ୍ଗରାଜ ଅପ୍ପା, ପ୍ରାନ୍ତ ସଚିବ ଶିବକୁମାର ବୋଲାସେଟ୍ଟୀଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।



# 'ଦମନ' ଅଭିଯାନରେ ଅପରାଧୀ ଓ ଅସାମାଜିକଙ୍କ ବିରୋଧରେ କଡ଼ା ପଦକ୍ଷେପ

## ୧,୪୪୮ ଏନବିଡବଲ୍ୟୁ କାର୍ଯ୍ୟକାରୀ, ୧,୭୦୭ ଅବକାରୀ ମାମଲା ଓ ୮୯ ଏନପିଡିଏସ ମାମଲା

ଭୁବନେଶ୍ୱର : ଆଗାମୀ ପାର୍ବଣକୁ ଦୃଷ୍ଟିରେ ରଖି ରାଜ୍ୟରେ ଶାନ୍ତି, ଶୃଙ୍ଖଳା ଓ ନିରାପତା ସୁନିଶ୍ଚିତ କରିବା ସହ ବେଆଇନ ନିଶାଦ୍ରବ୍ୟ ଓ ମଦ କାରବାର ଉପରେ ରୋକ୍ ଲଗାଇବା ଉଦ୍ଦେଶ୍ୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ବିନୟତୋଷ ମିଶ୍ରଙ୍କ ନିର୍ଦ୍ଦେଶରେ ଜିଲ୍ଲା ପୋଲିସ, କମିଶନରେଟ ପୋଲିସ, ରେଳବାଇ ପୋଲିସ ଓ ଅନ୍ୟାନ୍ୟ ପୋଲିସ ୟୁନିଟ ଗୁଡ଼ିକର ମିଳିତ ସମନ୍ୱୟରେ ସେପ୍ଟେମ୍ବର ୨୧ରୁ ସ୍ୱତନ୍ତ୍ର ଅଭିଯାନ 'ଦମନ' ଚାଲିଥିଲା । ଏହି ଅଭିଯାନରେ ଅପରାଧୀ ଓ ଅସାମାଜିକଙ୍କ ବିରୋଧରେ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ୧,୪୪୮ଟି ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରାଯାଇଥିବା ବେଳେ ଇଘଝଝ ଧାରା ୧୨୯ ଅନୁଯାୟୀ ୧,୦୧୨ ଜଣଙ୍କ ବିରୋଧରେ ପ୍ରୋସିଡିଂ ଦାଖଲ କରାଯାଇଛି । ସେହିପରି ନିଶାଦ୍ରବ୍ୟ ବିରୋଧୀ ଅଭିଯାନରେ ୮୯ଟି NDPS ମାମଲା ରୁଜୁ କରାଯାଇ ୧୦୯ ଜଣଙ୍କୁ ଗିରଫ କରାଯାଇଛି । ଏହି ସମୟ ମଧ୍ୟରେ ପ୍ରାୟ ୮.୧୩ ଟନ୍ ଗଞ୍ଜେଇ ଜବତ ହୋଇଛି । ଏଥିସହ ୧୯,୩୮୭ଟି ଗଞ୍ଜେଇ ଗଛ ନଷ୍ଟ କରାଯାଇଥିଲା ବେଳେ ୩୯୪.୬୪୫ ଗ୍ରାମ୍ ବ୍ରାଉନ୍ ସୁଗାର ଓ ୧,୦୬୬ଟି କଫ୍ ସିରପ୍ ବୋତଲ ଜବତ କରାଯାଇଛି । ସେହିପରି ଅବକାରୀ ଆଇନ ଉଲ୍ଲଂଘନ ବିରୋଧରେ ୧,୭୦୭ଟି ମାମଲା ରୁଜୁ କରାଯାଇ ୧୪୦ ଜଣଙ୍କୁ ଗିରଫ କରାଯାଇଛି । ଏହି ଅଭିଯାନରେ ୧୦,୨୯୮.୨୪ ଲିଟର ଚୋରା ଦେଶୀ ମଦ, , ୨,୯୨୨.୪୦୯ ଲିଟର ବିଦେଶୀ ମଦ, ୧,୦୯୨.୫୪ ଲିଟର ଆସ୍କା-୪୦ ଜବତ କରାଯାଇଛି । ଏଥିସହ ୮୦୦ କେଜି ପୋଚ ଓ ୮୧ ଲିଟର ମହୁଲି ମଦ ମଧ୍ୟ ଜବତ ହୋଇଛି । ଏହାବ୍ୟତୀତ ଜୁଆ କାରବାର ବିରୋଧରେ ୪୬ଟି ମାମଲା ରୁଜୁ କରାଯାଇ ୬୭ ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କଠାରୁ ୪,୩୬,୦୮୬ ଟଙ୍କା ଜବତ ହୋଇଛି । ସେହିପରି ବଳପୂର୍ବକ ଚାନ୍ଦା ଆଦାୟ ବିରୋଧରେ ୧୬ଟି ମାମଲା ରୁଜୁ କରାଯାଇ ୧୨ ଜଣଙ୍କୁ ଗିରଫ କରାଯିବା ସହ ୧୦,୫୨୦ ଟଙ୍କା ଜବତ କରାଯାଇଛି । ଏହାବ୍ୟତୀତ ବେଆଇନ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଓ ବିସ୍ଫୋରକ ବିରୋଧରେ ୬ଟି ମାମଲା ରୁଜୁ କରାଯାଇଛି । ଏଥିରେ ୫ଟି ବନ୍ଧୁକ, ଗୋଟିଏ ରିଭଲଭର, ୪ ରାଉଣ୍ଡ ଗୁଳି, ଗୋଟିଏ ମ୍ୟାଗାଜିନ୍, ୨ଟି ଖାଲି କାର୍ଟ୍ରିଜ୍, ୨.୫ କେଜି ବାରୁଦ ଓ ୨ଟି ଖଣ୍ଡା ଜବତ ହୋଇଛି । ସେହିପରି ସଂଗଠିତ ଅପରାଧ ବିରୋଧରେ ୭ଟି ମାମଲା ରୁଜୁ କରାଯାଇ ୧୮ ଜଣଙ୍କୁ ଗିରଫ କରାଯାଇଛି । ଅପରାଧୀ ଓ ଅସାମାଜିକଙ୍କ ଗତିବିଧି ଉପରେ ନଜର ରଖିବା ସହ ବେଆଇନ ନିଶାଦ୍ରବ୍ୟ, ମଦ, ଅସ୍ତ୍ର ଓ ଅନ୍ୟାନ୍ୟ ନିଷିଦ୍ଧ ସାମଗ୍ରୀର ଚାଲାଣ ରୋକିବା ପାଇଁ ରାଜ୍ୟରେ ୧,୮୩୦ଟି ବ୍ଲକିଂ ଓ ବର୍ଡର ସିଲିଂ ଅପରେସନ୍ କରାଯାଇଥିଲା । ଅନ୍ତଃଜିଲ୍ଲା ଓ ଆନ୍ତଃରାଜ୍ୟ ରାସ୍ତାରେ ଯାଂଚକୁ ଜୋରଦାର କରାଯାଇଥିଲା । ପାର୍ବଣ ସମୟରେ ରାଜ୍ୟବାସୀଙ୍କ ଶାନ୍ତି, ସୁରକ୍ଷା ଓ ନିରାପଦ ପରିବେଶ ସୁନିଶ୍ଚିତ କରିବା ସହ ଅପରାଧ ନିୟନ୍ତ୍ରଣ ଓ ପ୍ରତିଷେଧମୂଳକ ପୋଲିସିଂକୁ ଆହୁରି ସୁଦୃଢ଼ କରିବା ପାଇଁ ପୋଲିସର କାର୍ଯ୍ୟାନୁଷ୍ଠାନ ଆଗାମୀ ଦିନରେ ଜାରି ରହିବ ବୋଲି ଡିଜିପି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି ।




# ଗତ ଦଶନ୍ଧିରେ ଗ୍ରହଣ କରାଯାଇଥିବା ସଂସ୍କାରମୂଳକ ପଦକ୍ଷେପ ଦେଶର ଅର୍ଥନୀତିକୁ ଅଧିକ ସୁଦୃଢ଼ : ଶକ୍ତିକାନ୍ତ ଦାସ

ମୁମ୍ବାଇ: ଗତ ଦଶନ୍ଧିରେ ଗ୍ରହଣ କରାଯାଇଥିବା ସଂସ୍କାରମୂଳକ ପଦକ୍ଷେପ ଦେଶର ଅର୍ଥନୀତିକୁ ଅଧିକ ସୁଦୃଢ଼ ଓ ବାହ୍ୟ ଝଟକାରୁ ସୁରକ୍ଷା ପ୍ରଦାନ କରୁଛି । ସେହି ଢାଂଚାଗତ ସଂସ୍କାର ପ୍ରକ୍ରିୟାକୁ ସରକାର ଆଗାମୀ ଦିନରେ ଜାରି ରଖିବା ଦରକାର ବୋଲି ପ୍ରଧାନମନ୍ତ୍ରୀ ପ୍ରମୁଖ ସଚିବ-୨ ଶକ୍ତିକାନ୍ତ ଦାସ କହିଛନ୍ତି । ଯେଉଁ ସବୁ କ୍ଷେତ୍ରରେ ଅନ୍ୟ ଦେଶଗୁଡ଼ିକ ଉପରେ ନିର୍ଭର କରିବାକୁ ପଡୁଛି, ସେହି କ୍ଷେତ୍ରଗୁଡ଼ିକରେ ସ୍ଥାନୀୟ ଉତ୍ପାଦନ ବଢ଼ାଇବାକୁ ସେ ପରାମର୍ଶ ଦେଇଛନ୍ତି । ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସେ କହିଲେ, ଭାରତର ଅର୍ଥନୈତିକ ସ୍ଥାୟିତ୍ୱ କୌଣସି ଆକସ୍ମିକ ଘଟଣା ନୁହେଁ । ବିଗତ ବର୍ଷଗୁଡ଼ିକରେ ଗ୍ରହଣ କରାଯାଇଥିବା ସଂସ୍କାରର ତାହା ହେଉଛି ଫଳ । ନମନୀୟ ମୁଦ୍ରାସ୍ଫୀତି ଲକ୍ଷ୍ୟ, ଜିଏସ୍ଟି, ଡିଜିଟାଲ୍ ପେମେଂଟ, ବ୍ୟାଙ୍କ କ୍ଷେତ୍ରରେ ସଂସ୍କାର ଓ ଆର୍ଥିକ ଦୃଢ଼ତା ଭଳି ପଦକ୍ଷେପ ସଙ୍କଟ ଆସିବାର ବହୁ ପୂର୍ବରୁ ଗ୍ରହଣ କରାଯାଇଥିଲା । ସେଥିପାଇଁ ଯେତେବେଳେ ବିଶ୍ୱସ୍ତରରେ ବଡ଼ ସଙ୍କଟ ଦେଖାଦେଲା, ତାହାର ଚାପକୁ ଭାରତ ସହଜରେ ସହ୍ୟ କରିନେଇଥିଲା । ଆତ୍ମନିର୍ଭରଭାରତ କାର୍ଯ୍ୟକ୍ରମକୁ ବିଶ୍ୱଠାରୁ ନିଜକୁ ଅଲଗା ରଖିବାର ଏକ ଉଦ୍ୟମ ଭାବେ ବିଚାର ନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ଏହା ଜରିଆରେ ଘରୋଇ କ୍ଷମତା ବୃଦ୍ଧି କରାଯାଉଛି ଓ ଦେଶ ବିଶ୍ୱ ବଜାର ସହ ପୂର୍ବଭଳି ଯୋଡ଼ିହୋଇରହିବ । ବିଶେଷ କରି ଗୁରୁତ୍ୱପୂର୍ଣ୍ଣ ବିନିର୍ମାଣ, ପ୍ରତିରକ୍ଷାଉତ୍ପାଦନ ଓ କ୍ରିଟିକାଲ୍ ପ୍ରଯୁକ୍ତି ବିଦ୍ୟାରେ ବିଶ୍ୱସ୍ତରୀୟ ସହଯୋଗିତା ଅତ୍ୟନ୍ତ ଜରୁରୀ ବୋଲି ସେ କହିଛନ୍ତି । ଆଗାମୀ ଦିନରେ ଗ୍ରିନ୍ ହାଇଡ୍ରୋଜେନ୍, ସ୍ଥାୟୀ କୃଷି ଓ ସର୍କୁଲାର ଇକୋନମି ଦେଶର ଅଭିବୃଦ୍ଧିକୁ ପରବର୍ତ୍ତୀ ପର୍ଯ୍ୟାୟକୁ ନେବ ବୋଲି ସେ ଜଣାଇଛନ୍ତି ।



# ରାଜ୍ୟର ପ୍ରଥମ ମାଇସ୍ ପ୍ରୋତ୍ସାହନ ପୋର୍ଟାଲର ଶୁଭାରମ୍ଭ କଲେ ଉପ-ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଓଡ଼ିଶାରେ ସମ୍ମିଳନୀ, ପ୍ରୋତ୍ସାହନମୂଳକ ଭ୍ରମଣ, ସମ୍ମେଳନ ଓ ପ୍ରଦର୍ଶନୀ ପର୍ଯ୍ୟଟନର ବିକାଶ ପାଇଁ ଏକ ସୁଦୃଢ଼ ନୀତି ପ୍ରସ୍ତୁତି ନେଇ ରବିବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ପର୍ଯ୍ୟଟନ ବିଭାଗ ଓ ଭାରତୀୟ ବାଣିଜ୍ୟ ଓ ଶିଳ୍ପ ମହାସଂଘର ମିଳିତ ଆନୁକୂଲ୍ୟରେ ମେଫେୟାର ସାଙ୍କଚୁଆରୀଠାରେ ଏହି ବୈଠକ ଆୟୋଜିତ ହୋଇଥିଲା । ଓଡ଼ିଶା ଟ୍ରାଭେଲ ବଜାର ୨୦୨୬ର ଅଂଶବିଶେଷ ଭାବେ ଆୟୋଜିତ ଏହି ବୈଠକରେ ରାଜ୍ୟରେ ସମ୍ମିଳନୀ ଓ ବ୍ୟବସାୟିକ ପର୍ଯ୍ୟଟନର ପରିସର ବୃଦ୍ଧି, ନିବେଶ ଆକର୍ଷଣ ଏବଂ ଘରୋଇ କ୍ଷେତ୍ରର ସହଭାଗିତା ବଢ଼ାଇବା ନେଇ ବରିଷ୍ଠ ଅଧିକାରୀ, ଶିଳ୍ପପତି ଓ ବିଭିନ୍ନ ଅଂଶୀଦାର ଆଲୋଚନା କରିଥିଲେ । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରାଜ୍ୟର ପ୍ରଥମ 'ମାଇସ୍ ପ୍ରୋତ୍ସାହନ ପୋର୍ଟାଲ'ର ଶୁଭାରମ୍ଭ କରିଥିଲେ । ଏହି ପୋର୍ଟାଲ ମାଧ୍ୟମରେ ବ୍ୟବସାୟିକ ସମ୍ମିଳନୀ ଆୟୋଜକ ଓ ପର୍ଯ୍ୟଟନ ସଂସ୍ଥାଗୁଡ଼ିକ ପାଇଁ ଆର୍ଥିକ ପ୍ରୋତ୍ସାହନ ଆବେଦନ ପ୍ରକ୍ରିୟାକୁ ସରଳ କରାଯିବ । ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି ପରିଡ଼ା କହିଥିଲେ ଯେ, ସମ୍ମିଳନୀ ଓ ବ୍ୟବସାୟିକ ପର୍ଯ୍ୟଟନ ସହ ଗନ୍ତବ୍ୟସ୍ଥଳ ବିବାହ, କ୍ରୀଡ଼ା ଆୟୋଜନ ଓ ସାଂସ୍କୃତିକ ଐତିହ୍ୟଭିତିକ ପ୍ରକଳ୍ପକୁ ଦ୍ରୁତ ମଞ୍ଜୁରୀ ଦେବା ପାଇଁ ସରକାର ପ୍ରତିବଦ୍ଧ । ରାଜ୍ୟରେ ପର୍ଯ୍ୟଟନ ପ୍ରକଳ୍ପର ମଞ୍ଜୁରୀ ପ୍ରକ୍ରିୟାକୁ ଅଧିକ ସହଜ ଓ ଦ୍ରୁତ କରାଯାଉଛି ବୋଲି ସେ କହିଥିଲେ । ଗନ୍ତବ୍ୟସ୍ଥଳ ବିବାହ ଏବଂ ମନ୍ଦିର ବିବାହ ପ୍ରତି ବଢୁଥିବା ଆଗ୍ରହର ଉଲ୍ଲେଖ କରି ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଐତିହ୍ୟସମ୍ପନ୍ନ ସ୍ଥାନରେ ଏ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ରହିଛି । ଫଟୋଚିତ୍ରଣ ସ୍ଥଳ, ଆଂଚଳିକ ଖାଦ୍ୟ ଓ ସାଂସ୍କୃତିକ ଅନୁଭୂତିକୁ ପର୍ଯ୍ୟଟନ ସହ ଯୋଡ଼ିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଳବନ୍ତ ସିଂହ ରାଜ୍ୟର ପର୍ଯ୍ୟଟନ ନିବେଶ ନୀତି ଉପରେ ଉପସ୍ଥାପନା ଦେଇ ବ୍ୟବସାୟିକ ନିବେଶ ପାଇଁ ରହିଥିବା ସୁଯୋଗଗୁଡ଼ିକ ସମ୍ପର୍କରେ ଅବଗତ କରାଇଥିଲେ । ବୈଠକରେ ପ୍ରତିନିଧିମାନେ କହିଥିଲେ ଯେ, ଓଡ଼ିଶାର ଐତିହାସିକ ମନ୍ଦିର, ବୌଦ୍ଧ ସ୍ଥଳୀ, ସମୁଦ୍ରକୂଳ, ପାରମ୍ପରିକ କଳା ଓ ଖାଦ୍ୟ ସଂସ୍କୃତି ବ୍ୟବସାୟିକ ଓ ଅନୁଭୂତିଭିତିକ ପର୍ଯ୍ୟଟନ ପାଇଁ ବିଶେଷ ସୁଯୋଗ ସୃଷ୍ଟି କରୁଛି । ଭାରତୀୟ ବାଣିଜ୍ୟ ଓ ଶିଳ୍ପ ମହାସଂଘର ମାଇସ୍ ପର୍ଯ୍ୟଟନ କମିଟି ଅଧ୍ୟକ୍ଷ ସବ୍ୱାସ ଜୋସେଫ୍ ରାଜ୍ୟର ସାଂସ୍କୃତିକ ସମ୍ପଦକୁ ପର୍ଯ୍ୟଟନ ସହ ଯୋଡ଼ିବା ନେଇ ଏକ ରୂପରେଖ ଉପସ୍ଥାପନ କରିଥିଲେ । ଓଡ଼ିଆ ଖାଦ୍ୟ ସଂସ୍କୃତିର ପ୍ରଚାରକ ତଥା ରୋଷେଇ ବିଶେଷଜ୍ଞ ରଣବୀର ବ୍ରାର ସାଂସ୍କୃତିକ ପ୍ରାମାଣିକତାକୁ ପର୍ଯ୍ୟଟନର ମୁଖ୍ୟ ଆକର୍ଷଣ କରିବା ଉପରେ ଜୋର ଦେଇଥିଲେ । ସ୍ଥାନୀୟ କାହାଣୀକାର, ରୋଷେୟା, ପାରମ୍ପରିକ ଖାଦ୍ୟ, ବଜାର ଓ ଆଂଚଳିକ ପର୍ବପର୍ବାଣିକୁ ଚିହ୍ନଟ କରିବା ପାଇଁ ଶହେ ଦିନିଆ ଅଭିଯାନର ପ୍ରସ୍ତାବ ମଧ୍ୟ ସେ ଦେଇଥିଲେ । ବୈଠକଟି ରାଜ୍ୟର ନୀତି ନିର୍ଦ୍ଧାରକ ଓ ଘରୋଇ କ୍ଷେତ୍ର ମଧ୍ୟରେ ସହଯୋଗ ବୃଦ୍ଧି ସହ ମାଇସ୍ ପର୍ଯ୍ୟଟନର ବିକାଶ ପାଇଁ ନୂଆ ସୁଯୋଗ ଚିହ୍ନଟ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମଂଚ ସାବ୍ୟସ୍ତ ହୋଇଛି ।



# ଗୁଜୁରାଟର ସାବରମତୀ ରିଭରଫ୍ରଂଟ ଓ ଅଟଳ ବ୍ରିଜ୍ ପରିଦର୍ଶନ କଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର : ଗୁଜରାଟ ଗସ୍ତ ଅବସରରେ ଓଡ଼ିଶାର ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅହମ୍ମଦାବାଦସ୍ଥିତ ପ୍ରସିଦ୍ଧ ସାବରମତୀ ରିଭରଫ୍ରଂଟ ଏବଂ ଅଟଳ ବ୍ରିଜ୍ ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ସାବରମତୀ ରିଭରଫ୍ରଂଟ ଡେଭେଲପମେଂଟ କର୍ପୋରେସନ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମୃତେଶ କାଳିଦାସ ଆଉରଙ୍ଗାବାଦକରଙ୍କ ସହ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିବା ସହ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ । ବୈଠକରେ ସାବରମତୀ ରିଭରଫ୍ରଂଟର ବିକାଶ, ନଦୀ ପୁନରୁଦ୍ଧାର, ନଗରୀୟ ଭିତିଭୂମି, ପରିବେଶ ସୁରକ୍ଷା ଏବଂ ପର୍ଯ୍ୟଟନ ସମ୍ପର୍କିତ ବିଭିନ୍ନ ଦିଗ ବିଷୟରେ ମନ୍ତ୍ରୀ ଅବଗତ ହୋଇଥିଲେ । ସାବରମତୀ ରିଭରଫ୍ରଂଟ ଓ ଅଟଳ ବ୍ରିଜ୍ ନଗରୀୟ ବିକାଶ, ପରିବେଶ ସୁରକ୍ଷା, ନଦୀର ପୁନରୁଦ୍ଧାର, ମନୋରଞ୍ଜନ ଓ ପର୍ଯ୍ୟଟନକୁ ଏକାଠି କରିବାର ଉଲ୍ଲେଖନୀୟ ଉଦାହରଣ ବୋଲି ହରିଚନ୍ଦନ କହିଛନ୍ତି । ବିକାଶ ଓ ପରିବେଶ ମଧ୍ୟରେ ସନ୍ତୁଳନ ରକ୍ଷା କରି ଏପରି ପ୍ରକଳ୍ପ କିପରି ବିକଶିତ କରାଯାଇପାରେ, ଏହି ଅଭିଜ୍ଞତା ଓଡ଼ିଶାର ଆଗାମୀ ନଗରୀୟ ବିକାଶ ପ୍ରକଳ୍ପ ପାଇଁ ପ୍ରେରଣାଦାୟୀ ହେବ ବୋଲି ସେ ଉଲ୍ଲେଖ କରିଛନ୍ତି । ଏହାଛଡ଼ା ଗୁଜରାଟରେ ଆୟୋଜିତ 'ଚିନ୍ତନ ଶିବିର'ରେ ଯୋଗଦେବା ପୂର୍ବରୁ ମନ୍ତ୍ରୀ ଗାନ୍ଧୀନଗରସ୍ଥିତ ମହାତ୍ମା ମନ୍ଦିର କନଭେନସନ୍ ସେଂଟର ଓ ପ୍ରଦର୍ଶନୀ କେନ୍ଦ୍ର ପରିଦର୍ଶନ କରିଥିଲେ । ଏହି କନଭେନସନ୍ ସେଂଟରରେ ୧,୦୦୦ରୁ ୫,୦୦୦ ଲୋକଙ୍କ କ୍ଷମତା ବିଶିଷ୍ଟ ଏକାଧିକ ସମ୍ମିଳନୀ କେନ୍ଦ୍ର, ବିଭିନ୍ନ ବୋର୍ଡରୁମ୍ ଏବଂ ପ୍ରାୟ ୯,୦୦୦ ବର୍ଗମିଟର ବିଶାଳ ପ୍ରଦର୍ଶନୀ କ୍ଷେତ୍ର ରହିଛି । ଭୁବନେଶ୍ୱରରେ ପରିକଳ୍ପନା କରାଯାଉଥିବା 'ଓଡ଼ିଶା ମଣ୍ଡପ'ରେ ମହାତ୍ମା ମନ୍ଦିର ଭଳି ଉଚ୍ଚକୋଟୀର ଭିତିଭୂମିର ପ୍ରତିଫଳନ କରାଯାଇପାରିବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।



# ୬ ଅକ୍ଟୋବରରୁ ଆରମ୍ଭ ହେବ ଭାରତ-ଅଷ୍ଟ୍ରେଲିଆ ଦିନିକିଆ ସିରିଜ୍

ନୂଆଦିଲ୍ଲୀ : ଭାରତୀୟ କ୍ରିକେଟରେ ଏକାସାଙ୍ଗରେ ଦୁଇଟି ଦଳ ଭିନ୍ନ ଭିନ୍ନ ସିରିଜରେ ମଇଦାନକୁ ଓହ୍ଲାଇବେ । ଗୋଟିଏ ପଟେ ଭାରତୀୟ ଦଳ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଟି-୨୦ ସିରିଜରେ ବ୍ୟସ୍ତ ରହିବ । ଅନ୍ୟପଟେ ଋତୁରାଜ ଗାଏକୱାଡଙ୍କ ନେତୃତ୍ୱରେ ଇଣ୍ଡିଆ-ଏ ଦଳ ଅଷ୍ଟ୍ରେଲିଆ-ଏ ବିପକ୍ଷରେ ଦିନିକିଆ ସିରିଜ୍ ଖେଳିବ । ୬ ଅକ୍ଟୋବରରୁ ଉଭୟ ଦଳ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ । ଏହି ସିରିଜ୍ ପୂର୍ବରୁ ଭାରତୀୟ ଦଳକୁ ଲାଗିଛି ବଡ଼ ଝଟକା । ଫିଟନେସ୍ ସମସ୍ୟା କାରଣରୁ ଷ୍ଟାର୍ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ସିରିଜରୁ ବାଦ୍ ପଡ଼ିଛନ୍ତି । ଅଷ୍ଟ୍ରେଲିଆ-ଏ ବିପକ୍ଷ ଦିନିକିଆ ସିରିଜ୍ ପାଇଁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଇଣ୍ଡିଆ-ଏ ଦଳରେ ସାମିଲ କରାଯାଇଥିଲା । କିନ୍ତୁ ସେ ଏପର୍ଯ୍ୟନ୍ତ ଫିଟ୍ ହୋଇପାରିନଥିବାରୁ ସିରିଜରୁ ବାହାରିଛନ୍ତି । ତାଙ୍କ ସ୍ଥାନରେ ସୂର୍ଯ୍ୟାଂଶ ଶେଡ୍‌ଗେଙ୍କୁ ଦଳରେସାମିଲ କରାଯାଇଛି । ରିପୋର୍ଟ ଅନୁସାରେ, ହାର୍ଦ୍ଦିକଙ୍କୁ ପୂରା ଫିଟ୍ ହୋଇ ଫେରିବାକୁ ଆହୁରି କିଛି ସମୟ ଲାଗିପାରେ । ଏପରି ସ୍ଥିତିରେ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ମଧ୍ୟ ତାଙ୍କ ଫେରିବା ନେଇ ଆଶଙ୍କା ରହିଛି । ଅଷ୍ଟ୍ରେଲିଆ-ଏ ବିପକ୍ଷ ଦିନିକିଆ ସିରିଜରେ ଋତୁରାଜ ଗାଏକୱାଡ ଇଣ୍ଡିଆ-ଏ ଦଳର ଅଧିନାୟକ ରହିବେ । ଦଳରେ ସାଇ ସୁଦର୍ଶନ, ଦେବଦତ ପାଡିକ୍କଲ ଏବଂ ରଜତ ପାଟିଦାରଙ୍କ ଭଳି ଖେଳାଳି ମଧ୍ୟ ରହିଛନ୍ତି । ଏହି ସିରିଜ୍ ଯୁବ ଓ ଉଦୀୟମାନ ଭାରତୀୟ ଖେଳାଳିଙ୍କ ପାଇଁ ନିଜ ପ୍ରତିଭା ଦେଖାଇବାର ଏକ ବଡ଼ ସୁଯୋଗ ହେବ । ବିଶେଷକରି ଜାତୀୟ ଦଳରେ ସ୍ଥାନ ପାଇଁ ଦାବିଦାର ଥିବା ଖେଳାଳିଙ୍କ ଉପରେ ନଜର ରହିବ । ଅଷ୍ଟ୍ରେଲିଆ-ଏର ଭାରତ ଗସ୍ତ ୨୨ ସେପ୍ଟେମ୍ବରରୁ ଆରମ୍ଭ ହୋଇଥିଲା । ପ୍ରଥମେ ଉଭୟ ଦଳ ମଧ୍ୟରେ ଦୁଇଟି ଅନଅଫିସିଆଲ୍ ଟେଷ୍ଟ ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ଇଣ୍ଡିଆ-ଏ ୧-୦ରେ ସିରିଜ୍ ଜିତିଥିଲା ।



# ଭାରତ ଏସିଆ କ୍ରୀଡ଼ାରେ ଚତୁର୍ଥ ସ୍ଥାନ ବଜାୟ ରଖିବାକୁ ସକ୍ଷମ ହୋଇଛି

ନୂଆଦିଲ୍ଲୀ : ଭାରତୀୟ ପୁରୁଷ ହକି ଦଳ ଚଳିତ ଆଇଚି-ନାଗୋୟା ଏସୀୟ କ୍ରୀଡ଼ାରେ ଦେଶ ପାଇଁ ଶେଷ ପଦକ ଜିତିଥିଲା । ରବିବାର ପ୍ରତିଯୋଗିତା ଶେଷ ପରେ ଭାରତ ୨୧ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୩୭ କାଂସ୍ୟ ସହ ମୋଟ ୮୫ ପଦକ ପାଇଛି । ଗତ ହାଙ୍ଗଝେ ସଂସ୍କରଣରେ ଭାରତ ୨୮ ସ୍ୱର୍ଣ୍ଣ, ୩୮ ରୌପ୍ୟ ଓ ୪୦ କାଂସ୍ୟ ସହ ମୋଟ ୧୦୬ ପଦକ ଜିତି ଚତୁର୍ଥ ସ୍ଥାନରେ ରହିଥିଲା । ଏଥର ଏହାଠୁ ୨୧ କମ୍ ପଦକ ପାଇଥିଲେ ମଧ୍ୟ ଭାରତ ସେହି ଚତୁର୍ଥ ସ୍ଥାନ ବଜାୟ ରଖିବାକୁ ସକ୍ଷମ ହୋଇଛି । ଉଜ୍‌ବେକିସ୍ତାନ ୨୧ ସ୍ୱର୍ଣ୍ଣ ଜିତିଥିଲେ ମଧ୍ୟ ଅଧିକ ରୌପ୍ୟ ଥିବାରୁ ଭାରତ ଆଗରେ ରହିଛି । ଏସୀୟ କ୍ରୀଡ଼ାରେ ଭାରତର ଏହା ଦ୍ୱିତୀୟ ଶ୍ରେଷ୍ଠ ପ୍ରଦର୍ଶନ । ଏହି ମହାଦେଶୀୟ କ୍ରୀଡ଼ାରେ ପୂର୍ବ ପରି ଚୀନ୍‌ର ଦବ୍‌ଦବା ଜାରି ରହିଛି । ଚୀନ୍ ୧୬୯ ସ୍ୱର୍ଣ୍ଣ ସହ ୩୪୧ ପଦକ ପାଇଁ ଶୀର୍ଷରେ ଥିଲା ବେଳେ ଆୟୋଜକ ଜାପାନ ୮୩ ସ୍ୱର୍ଣ୍ଣ ସହ ୨୬୯ ଏବଂ ଦକ୍ଷିଣ କୋରିଆ ୩୯ ସ୍ୱର୍ଣ୍ଣ ସହ ୧୬୯ ପଦକ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି । ଚଳିତ ପ୍ରତିଯୋଗିତାରେ ଭାରତକୁ ସର୍ବାଧିକ ପଦକ ୨୪ ଦୌଡ଼କୁଦ (୧ ସ୍ୱର୍ଣ୍ଣ, ୯ ରୌପ୍ୟ, ୧୪ କାଂସ୍ୟ)ରୁ ମିଳିଥିଲା । ତେବେ ସବୁଠୁ ଅଧିକ ସ୍ୱର୍ଣ୍ଣ ୫ଟି ତୀରନ୍ଦାଜି (୨ ଲେଖାଏଁ ରୌପ୍ୟ ଓ କାଂସ୍ୟ ସହ ୯ ପଦକ)ରୁ ଅସିଥିଲା । ବନ୍ଧୁକଚାଳକମାନେ ୩ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୪ କାଂସ୍ୟ ସହ ମୋଟ ୧୫ ପଦକ ଜିତି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ହାତରେ ଫେରିଛନ୍ତି ।




# ଆର୍ଯ୍ୟବୀରଙ୍କୁ ଦିଲ୍ଲୀ ପୁରୁଷ ଅଣ୍ଡର-୧୯ ଟିମ୍‌ର ଅଧିନାୟକ ଭାବେ ଦାୟିତ୍ୱ

ନୂଆଦିଲ୍ଲୀ: ଭାରତର ପୂର୍ବତନ ବିସ୍ଫୋରକ ଓପନର ବୀରେନ୍ଦ୍ର ସେହୱାଗଙ୍କ ୧୮ ବର୍ଷୀୟ ପୁଅ ଆର୍ଯ୍ୟବୀର ସେହୱାଗଙ୍କୁ ଘରୋଇ କ୍ରିକେଟ୍‌ରେ ଏକ ବଡ଼ ଦାୟିତ୍ୱ ମିଳିଛି । ଡିଡିସିଏ ଆଗାମୀ ଭିନୁ ମଙ୍କଡ ଟ୍ରଫି ପାଇଁ ଆର୍ଯ୍ୟବୀରଙ୍କୁ ଦିଲ୍ଲୀ ପୁରୁଷ ଅଣ୍ଡର-୧୯ ଟିମ୍‌ର ଅଧିନାୟକ ଭାବେ ଘୋଷଣା କରିଛି । ଡିଡିସିଏର ଜୁନିୟର ପୁରୁଷ ଚୟନ କମିଟି ବୈଠକ ପରେ ୧୬ ଜଣିଆ ଦଳ ଘୋଷଣା କରାଯାଇଛି । ଏହି ଟୁର୍ଣ୍ଣାମେଂଟ ଅକ୍ଟୋବର ୮ ରୁ ବିଶାଖାପାଟଣାରେ ଖେଳାଯିବ, ଯେଉଁଠାରେ ଦିଲ୍ଲୀର ଯୁବ ଟିମ୍ ଆର୍ଯ୍ୟବୀରଙ୍କ ନେତୃତ୍ୱରେ ପଦାର୍ପଣ କରିବ । ଟିମ୍‌ରେ ଅର୍ଣ୍ଣବ ବୁଗ୍ଗାଙ୍କୁ ଉପ-ଅଧିନାୟକ କରାଯାଇଛି । ଆର୍ଯ୍ୟବୀର ସେହୱାଗ ନିକଟରେ ଆନ୍ତର୍ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଗତ ମାସରେ ଅଷ୍ଟ୍ରେଲିଆ ଅଣ୍ଡର-୧୯ ବିପକ୍ଷ ଦିନିକିଆ ସିରିଜ୍‌ରେ ସେ ଭାରତୀୟ ଅଣ୍ଡର-୧୯ ଟିମ୍‌ରେ ଡେବ୍ୟୁ କରିଥିଲେ । ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ସେ ୨୮, ଦ୍ୱିତୀୟ ମ୍ୟାଚ୍‌ରେ ୪୭, ତୃତୀୟ ମ୍ୟାଚ୍‌ରେ ସେ ୩୪ ରନ୍‌ର ଗୁରୁତ୍ୱପୂର୍ଣ୍ଣ ପାରି ଖେଳିଥିଲେ । ୧୮ ବର୍ଷୀୟ ଆର୍ଯ୍ୟବୀରଙ୍କ ପାଖରେ ସିନିୟର ସ୍ତରର ଟି୨୦ କ୍ରିକେଟ୍‌ର ଅଭିଜ୍ଞତା ମଧ୍ୟ ରହିଛି । ସେ ଏହି ବର୍ଷ ଦିଲ୍ଲୀ ପ୍ରିମିୟର ଲିଗରେ ୱେଷ୍ଟ ଦିଲ୍ଲୀ ଲାୟନ୍ସ ଫ୍ରାଂଚାଇଜ୍‌ର ଅଂଶ ଥିଲେ, ଯେଉଁଠାରେ ସେ ୨ଟି ମ୍ୟାଚ୍ ଖେଳି ୨୪ ରନ୍ କରିଥିଲେ । ସିନିୟର ଖେଳାଳିଙ୍କ ସହ ଡ୍ରେସିଂ ରୁମ୍ ସେୟାର କରିବାର ଅଭିଜ୍ଞତା ଏବେ ଅଣ୍ଡର-୧୯ ସ୍ତରରେ ନେତୃତ୍ୱ ନେବାରେ ତାଙ୍କୁ ସାହାଯ୍ୟ କରିବ । ଏହି କାରଣରୁ ଡିଡିସିଏ ଏହି ବଡ଼ ନିଷ୍ପତି ନେଇଛି ।




Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,

Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି    BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**